

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଗୁରୁବାର ୦୬ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 06 FEBRUARY 2025
Vol.No. 36 ■ No.35 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ଏକଜିଟ୍ ପୋଲର ବଡ଼ ଆକଳନ: ୨୭ ବର୍ଷ ପରେ କ୍ଷମତାକୁ ଫେରିବ ବିଜେପି !



ନୂଆଦିଲ୍ଲୀ, ୫/୨ : ହାଇଭୋଲଟେଜ ଦିଲ୍ଲୀ ବିଧାନସଭା ପାଇଁ ଭୋଟିଂ ଶେଷ ହୋଇଛି। ସମସ୍ତ ୭୦ଟି ଯାକ ଆସନରେ ଛିଡ଼ା ହୋଇଥିବା ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ଆସନ୍ତା ୮ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ସନ୍ଧ୍ୟା ୫ଟା ସୁଦ୍ଧା ଦିଲ୍ଲୀରେ ପ୍ରାୟ ୫୮% ଭୋଟିଂ ହୋଇଛି। ସନ୍ଧ୍ୟା ୬ଟା ଭୋଟିଂ ଶେଷ ହେବାର ସମୟ ରହିଥିଲା। ତଥାପି ଅନେକ ବୁଥରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ସମୟ ଶେଷ ହୋଇଥିଲେ ହେଁ ଧାଡ଼ିରେ ଥିବା ଲୋକମାନେ ଭୋଟ ଦେବେ। କିନ୍ତୁ ସନ୍ଧ୍ୟା ୬ଟା ଯାଏ ଭୋଟିଂ ସମୟ ଥିବାରୁ ବିଧିବଦ୍ଧ ଭାବେ ଦିଲ୍ଲୀ ନିର୍ବାଚନ ଶେଷ ହୋଇଛି। ଭୋଟିଂ ଶେଷ ହେବା ପରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥ ବାହୁଡ଼ା ମତ ବା ଏକଜିଟ ପୋଲ ରେଜଲ୍ଟ ଜାରି କରାଯାଇଛି। ଅଧିକାଂଶ ସର୍ଭେ ସଂସ୍ଥା ଦିଲ୍ଲୀରେ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଆପ୍‌କୁ ହ୍ୟାଟ୍ରିକ ବିଜୟ ମିଳିବ ନାହିଁ ବୋଲି ଆକଳନ କରିଛନ୍ତି। ସେହିପରି ବିଜେପି ଦିଲ୍ଲୀ ବିଜୟ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲା, ତା'ହା ଏଥର ସାକାର ହେବ ବୋଲି ଏକଜିଟ ପୋଲରେ ଦାବି କରାଯାଇଛି। ୨୦୧୫ ଓ ୨୦୨୦ ଭଳି କଂଗ୍ରେସ ଏଥର ମଧ ଦିଲ୍ଲୀରେ ନୈରାଶ୍ୟଜନକ ରେଜଲ୍ଟ କରିବ। ୨୦୧୩ରେ ଆପ୍ ପ୍ରଥମଥର ଦିଲ୍ଲୀରେ କ୍ଷମତା ଦଖଲ କରିଥିଲା। ଏହି ସମୟରେ ଦଳ କଂଗ୍ରେସ ସମର୍ଥନରେ ସରକାର କରିଥିଲା। କିନ୍ତୁ ଅରବିନ୍ଦ କେଜ୍ରିଓ୍ୱାଲ ମାତ୍ର କିଛି ଦିନ ପରେ ଇସ୍ତଫା ଦେବାରୁ ୨୦୧୫ରେ ପୁଣି ବିଧାନସଭା ନିର୍ବାଚନ ହୋଇଥିଲା। ୨୦୧୫ରେ ଆପ୍ ଏକାକୀ ରେକର୍ଡ ୬୭ଟି ଆସନ ଜିତିଥିଲା। ବିଜେପି ୩ଟି ଓ କଂଗ୍ରେସ ଖାତା ଖୋଲି ପାରି ନଥିଲା। ୨୦୨୦ରେ ଆପ୍ ପୁଣି ୬୨ଟି ଓ ବିଜେପି ୮ଟି ଆସନରେ ବାଜିମାତ କରିଥିଲା। ୨୦୨୫ରେ ବିଜେପି ଜିତିବା ସହ ୨୭ ବର୍ଷ ପରେ କ୍ଷମତାକୁ ଫେରିବ ବୋଲି ଅଧିକାଂଶ ଏକଜିଟ ପୋଲରେ କୁହାଯାଇଛି। ୨୭ ବର୍ଷ ପରେ ବିଜେପି ଦିଲ୍ଲୀରେ ପଦ୍ମ ଫୁଟାଇବାକୁ ସକ୍ଷମ ହେବ। କିନ୍ତୁ ମ୍ୟାଟ୍ରିଜ ନାମକ ସଂସ୍ଥା ଦିଲ୍ଲୀରେ କାଣ୍ଟେ କା ଟକ୍କର ହେବ ବୋଲି ଆକଳନ କରିଛି। ସେହିପରି ଓ୍ୱି ପ୍ରିସାଇଡ କହିଛି ଯେ ବିଜେପି ୧୮ରୁ ୨୩, ଆପ୍ ୪୬ରୁ ୫୨ ଓ କଂଗ୍ରେସ ଶୂନରୁ ୧ଟି ଆସନ ଜିତିବ। ଦିଲ୍ଲୀ ବିଧାନସଭାର ମୋଟ ଆସନ ସଂଖ୍ୟା ୭୦। ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୩୬। ଚୂଡ଼ାନ୍ତ ଫଳାଫଳ ପୂର୍ବରୁ ଆଜି ଏକଜିଟ ପୋଲ ରେଜଲ୍ଟ ସାମ୍ନାକୁ ଆସିଛି। ଚାଣ୍ୟକ ଷ୍ଟ୍ରାଟେଜିସ କହିଛି ଯେ ଦିଲ୍ଲୀରେ ବିଜେପି ୩୯ରୁ ୪୪,

▶▶ପୃଷ୍ଠା ୭

## ଚର୍ଚ୍ଚାରେ ପଛୁଆ ଜିଲ୍ଲାର କୁବେର ବାବୁ: ବାବୁଙ୍କ ଘରେ ଟଙ୍କାର ଭଣ୍ଡାର ଦେଖି ତାଜୁବ ହେଲା ଭିଜିଲାନ୍ସ

ମାଲକାନଗିରି, ୫/୨(ନି.ପ୍ର) : ଚର୍ଚ୍ଚାରେ ପଛୁଆ ଜିଲ୍ଲାର କୁବେର ବାବୁ । ମାଲକାନଗିରି ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଜୟପୁର ବାସଭବନରୁ ପାଖାପାଖି ୨ କୋଟିର ନଗଦ ଟଙ୍କା ଦେଖି ଭିଜିଲାନ୍ସ ତାଜୁବ ହୋଇଛି । ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ୭ଟି ସ୍ଥାନରେ ରେଡରୁ କେବଳ ବିପୁଳ କ୍ୟାସ୍ ନୁହେଁ, ଆଲିସାନ୍ ବଙ୍ଗଳା ସହ ବଡ଼ ସହରରେ ବହୁ ଦାମୀ ପ୍ଲଟ୍ ଠାବ କରିଛନ୍ତି ଭିଜିଲାନ୍ସ ଅଧିକାରୀ। ଆକଳନ ସରି ନଥିବାରୁ ସଂପତ୍ତିର ତାଲିକା ଆହୁରି ଲମ୍ବିବାର ବି ସମ୍ଭାବନା ରହିଛି ।



ମାଲକାନଗିରି ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାମ କରନ୍ତି , ଜଳସମ୍ପଦ ବିଭାଗର ପ୍ରୋଜେକ୍ଟ ଡିରେକ୍ଟର ଶାନ୍ତନୁ ମହାପାତ୍ର । ରାଜ୍ୟର ଅନ୍ୟତମ ପଛୁଆ ଜିଲ୍ଲା ମାଲକାନଗିରିରେ ଚାକିରି କରୁଛନ୍ତି ଏହି ବାବୁ । କିନ୍ତୁ କୋରାପୁଟ ଜୟପୁର ପାଓ୍ୱାର

▶▶ପୃଷ୍ଠା ୭

## ସରସ୍ୱତୀ ମୂର୍ତ୍ତି ବିସର୍ଜନ ବେଳେ କୁଆଖାଇରେ ବୁଡ଼ିଗଲେ ୨ ଛାତ୍ର

ଭୁବନେଶ୍ୱର, ୫/୨ (ନି.ପ୍ର): ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଂଚାୟତ ଅଧୀନ ରଙ୍ଗବଜାର ନିକଟରେ ସରସ୍ୱତୀ ମୂର୍ତ୍ତି ବିସର୍ଜନ ବେଳେ ଏକ ଦୁଃଖଦ ଘଟଣା ଘଟିଛି । କୁଆଖାଇରେ ବୁଡ଼ି ପ ୨ ଛାତ୍ରଙ୍କ ବିୟୋଗ ହୋଇଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ବୁଧବାର ସକାଳେ ମା ସରସ୍ୱତୀଙ୍କ ମୂର୍ତ୍ତି ବିସର୍ଜନ ପାଇଁ ସାଙ୍ଗମାନଙ୍କ ସହ ସିକୁନ ଓ ଦିବ୍ୟଜ୍ୟୋତି ଆସିଥିଲେ ।

▶▶ପୃଷ୍ଠା ୭

## ମଣିକର୍ଣ୍ଣିକା ତୀର୍ଥରୁ ସ୍ୱଚ୍ଛ ତୀର୍ଥ ଅଭିଯାନର ଆରମ୍ଭ

ବାରାଣସୀ, ୫/୨ (ନି.ପ୍ର): ଧର୍ମନଗରୀ କାଶୀରେ ତୀର୍ଥସ୍ଥଳର ପବିତ୍ରତା ବୃଦ୍ଧି ଉଦ୍ଦେଶ୍ୟର ବୁଧବାର ମଣିକର୍ଣ୍ଣିକା ତୀର୍ଥରେ ସ୍ୱଚ୍ଛତାର ଅଭିଯାନ ନମାମି ଗଙ୍ଗେର ସଦସ୍ୟମାନେ କରିଥିଲେ ।ବସନ୍ତର ଶୀତଳ ପବନ ମଧ୍ୟରେ ମଣିକର୍ଣ୍ଣିକା ଘାଟରେ ସ୍ୱଚ୍ଛତା ଅଭିଯାନରେ ଯୁବକମାନେ ଶ୍ରମଦାନ କରିଥିଲେ। ଏହାପରେ ଘାଟର ମଇଳା ,ଫୁଲମାଳା , ପଲିଥିନ ସଂଗ୍ରହ କରାଯାଇ ମୁନ୍ୟୁସପାଲିଟି କର୍ପୋରେସନର ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଥିଲା ।ମହାକୁମ୍ଭରେ ସ୍ନାନ କରିବା ପରେ କାଶୀ ପହଁଂଚୁଥିବା ଭକ୍ତଙ୍କ ସହିତ କାର୍ଯ୍ୟକର୍ତ୍ତାମାନେ ମା ଗଙ୍ଗାଙ୍କ ଆରତୀ ମଧ କରିଥିଲେ। ସହରର ମନ୍ଦିର ଏବଂ ଧାର୍ମିକ ସ୍ଥାନଗୁଡିକ ସଫା କରିବାର ଲକ୍ଷ୍ୟ ହାସଲ କରି ଗଙ୍ଗା କୂଳ ସଫା କରିବାକୁ ପ୍ରତିଶୃତି ଭକ୍ତଙ୍କୁ ଦିଆଯାଇଥିଲା।

## ସଙ୍ଗମରେ ବୁଡ଼ ପକାଇଲେ ମୋଦି: କଲେ ଗଙ୍ଗା ଆଳତୀ



ନୂଆଦିଲ୍ଲୀ, ୫/୨ : ତୀର୍ଥରାଜ ପ୍ରୟାଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସଂଗମ ଯାଇ ପକାଇଛନ୍ତି ଆସ୍ଥା ଓ ବିଶ୍ୱାସର ବୁଡ଼। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ମୋଦି ପ୍ରୟାଗରାଜରେ ପହଞ୍ଚି ବୁଡ଼ ପକାଇଛନ୍ତି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ବୁଡ ପକାଇବା ପରେ ସେ ଗଙ୍ଗା ଆଳତି କରିଥିଲେ। ମୌନୀ ଅମାବାସ୍ୟାରେ ଦଳାଚକଟା ହେବା ପରଠାରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସସପେନ୍ସ ଲାଗି ରହିଥିଲା। ହେଲେ ଶେଷରେ ସେ ବୁଡ଼ ପକାଇଛନ୍ତି। ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦି ୧୦:୦୫ ରେ ପ୍ରୟାଗରାଜ ବିମାନବନ୍ଦରରେ ପହଞ୍ଚି ଡିପିଏସ୍ ହେଲିପ୍ୟାଡରେ ପହଞ୍ଚିଥିଲେ। ସେଠାରୁ ଏରିଆଲ ଘାଟ ଯାଇ ଡଙ୍ଗା ଯୋଗେ ମହାକୁମ୍ଭକୁ ଯାଇଥିଲେ। ମହାସ୍ନାନ ପରେ ସିଧାସଳଖ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ବୁଡ଼ ପକାଇ ପୂଣ୍ୟ ଅର୍ଜିବାକୁ ପ୍ରୟାଗରାଜରେ କୋଟି କୋଟି ହିନ୍ଦୁଙ୍କ ପ୍ରାଣ ଓ ମନ। ସାଧୁ ସନ୍ଥ ଓ କୋଟି କୋଟି ସଂଖ୍ୟାରେ ଶ୍ରଦ୍ଧାଳୁ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଂଗମ ସ୍ଥଳରେ ବୁଡ଼ ପକାଉଛନ୍ତି । ଏଥିପାଇଁ ସଂଗମ ତଟରେ ଲାଗିଛି ସାଧୁ ସନ୍ଥ ଓ ଭକ୍ତଙ୍କ ଗହଳି। ବିଭିନ୍ନ ଆଖଡ଼ାର ସାଧୁ ସନ୍ଥଙ୍କ ହୋମ ଯଜ୍ଞ ଓ ମନ୍ତ୍ରଧ୍ୱନୀରେ କଂପୁଛି ଚଉଦିଗ। ୟୁପି ସରକାରଙ୍କ ପକ୍ଷରୁ ମହା ଆୟୋଜନ ସହ କଡ଼ା ସୁରକ୍ଷା ବ୍ୟବସ୍ଥା ବି ଗ୍ରହଣ କରାଯାଇଛି। ମହାକୁମ୍ଭରେ ଅନେକ ନେତା, ମନ୍ତ୍ରୀ, ସେଲିବ୍ରିଟି ଓ ନାମୀଦାମୀ ଲୋକ ବୁଡ଼ ପକାଇ ସାରିଛନ୍ତି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମହାକୁମ୍ଭରେ ବୁଡ଼ ପକାଇଛନ୍ତି। ଏହାଛଡ଼ା ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ତାଙ୍କର କ୍ୟାବିନେଟ୍ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ମଧ ମହାକୁମ୍ଭରେ ବୁଡ଼ ପକାଇଛନ୍ତି। ରାମଦେବ ବାବାଙ୍କଠାରୁ ଆରମ୍ଭ କରି ହେମାମାଳିନୀ ମଧ କୁମ୍ଭରେ ବୁଡ଼ ପକାଇଥିବା ଦେଖିବାକୁ ମିଳିଛି।

▶▶ପୃଷ୍ଠା ୭

## 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଖୋର୍ଦ୍ଧା, ୫/୨ (ନି.ପ୍ର): ରାଜ୍ୟରେ ନୂଆ ଯୋଜନା ଆଣିଲା ବିଜେପି ସରକାର । ଶୁଭାରମ୍ଭ ହେଲା ବିକଶିତ ଗାଁ ବିକଶିତ ଓଡ଼ିଶା। ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ମିନି ଷ୍ଟାଡିୟମରେ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସରକାର ଲୋକଙ୍କ ପାଖକୁ ଯିବେ ଏବଂ ଲୋକଙ୍କ ଆବଶ୍ୟକତା ଶୁଣିବେ। ଆସନ୍ତା ୫ ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ । ଏଥିପାଇଁ ୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଯୋଜନାରେ ଗାଁର ମୌଳିକ ଭିତ୍ତିଭୂମିର ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢୀକରଣ ହେବ । ଏହି ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତି ଗାଁକୁ ବିକଶିତ କରିବାକୁ ସରକାର ସଂକଳ୍ପବଦ୍ଧ । ଦାରିଦ୍ର୍ୟତା, ଅନଗ୍ରସର ବିରୋଧରେ ଲଢ଼େଇ ଜାରି ରହିବ । ମହାତ୍ମା ଗାନ୍ଧି କହିଥିଲେ ଭାରତର ଆତ୍ମା ଗାଁରେ ଥାଏ। ମହାତ୍ମା ଗାନ୍ଧିଙ୍କ ଏହି ଉକ୍ତିର ପ୍ରାସଙ୍ଗିକତା ଆଜି ବି ରହିଛି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ସହର ଓ ଗାଁ ଭିତରେ ବିକାଶରେ ଯେଉଁ ପାର୍ଥକ୍ୟ ଅଛି ।

▶▶ପୃଷ୍ଠା ୭

# ସ୍ୱଦେଶ ଫେରିଲେ ବେଆଇନ ପ୍ରବାସୀ

ନୂଆଦିଲ୍ଲୀ, ୫/୨ : ସ୍ୱଦେଶ ଫେରିଲେ ବେଆଇନ ଭାବେ ଆମେରିକାରେ ବସବାସ କରୁଥିବା ୧୦୪ ଜଣ ଭାରତୀୟ। । ଆମେରିକୀୟ ସାମରିକ ବିମାନ ସି-୧୭ ପଞ୍ଜାବ ଏବଂ ପଡ଼ୋଶୀ ରାଜ୍ୟରୁ ୧୦୪ ଜଣ ଅବୈଧ ପ୍ରବାସୀଙ୍କୁ ନେଇ ଶ୍ରୀ ଗୁରୁ ରାମଦାସ ଜୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛି। ନିର୍ବାସିତ ଭାରତୀୟଙ୍କ ମଧ୍ୟରେ ଛଅଟି ରାଜ୍ୟର ଲୋକ ଅଛନ୍ତି । ଏହି ଲୋକଙ୍କ ମଧ୍ୟରୁ ଅଧିକାଂଶ ହରିୟାଣାର। ହରିୟାଣାରୁ ମୋଟ ୩୪ଜଣ ନିର୍ବାସିତ ହେବା ପରେ ଫେରି ଆସିଛନ୍ତି। ଏହା ପରେ, ଗୁଜରାଟର ୩୩ ଜଣ ଏବଂ ପଞ୍ଜାବର ୩୩ ଜଣ ଆମେରିକାରୁ ନିର୍ବାସିତ ହୋଇ ସ୍ୱଦେଶ ଫେରିଛନ୍ତି। ଏହା ବ୍ୟତୀତ ମହାରାଷ୍ଟ୍ରର ୩ଜଣ, ଉତ୍ତର ପ୍ରଦେଶର ୨ଜଣ ଏବଂ ଚଣ୍ଡିଗଡ଼ର ୨ଜଣ ସାମିଲ ଅଛନ୍ତି। ଅମୃତସରରେ ବିମାନ ଅବତରଣ କରିବାର ଅନେକ କାରଣ ରହିଛି । ଆମେରିକାରୁ ନିର୍ବାସିତ ପ୍ରବାସୀ ଭାରତୀୟ ନାଗରିକଙ୍କ ମଧ୍ୟରେ ଅଧିକାଂଶ ନାଗରିକ ପଞ୍ଜାବ ଏବଂ ହରିୟାଣାର। ଏହା ବ୍ୟତୀତ, ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବୁଧବାର ଭୋଟ୍ ଦିଆଯାଉଥିବାରୁ ବିମାନଟି ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଧ ଅବତରଣ କରାଯାଇନଥିଲା।

## ବାରବାଟୀ ଷ୍ଟାଡିୟମ ଜଗିବେ ୫୦ ପ୍ଲାଟୁନ ପୋଲିସ ଫୋର୍ସ

ଭୁବନେଶ୍ୱର, ୫/୨ (ନି.ପ୍ର): ବାରବାଟୀ ମ୍ୟାଚ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ବାରବାଟୀ ଜଗିବେ ୫୦ ପ୍ଲାଟୁନ ପୋଲିସ ଫୋର୍ସ । ଏନେଇ ସୂଚନା ଦେଇଛନ୍ତି ପୋଲିସ କମିଶନର ଏସ. ଦେବଦତ୍ତ ସିଂ । ଆସନ୍ତା ୭ ତାରିଖରେ ଭୁବନେଶ୍ୱରରେ ପହଂଚିବେ ଦୁଇ ଦଳ । ୮ରେ ଅଭ୍ୟାସ ପାଇଁ କଟକ ଯିବେ ଦୁଇ ଦଳ, ୯ରେ ମ୍ୟାଚ । ୫୦ ପ୍ଲାଟୁନ ଫୋର୍ସ ସହ ବରିଷ୍ଠ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି ।

## ଭାଗ୍ୟବତୀ ଦାସ (ଜହ୍ନର) ପ୍ରଥମଶ୍ରାଦ୍ଧ ବାର୍ଷିକୀ ଅବସରରେ 'ଜହ୍ନ ଗଲାପରେ' ସ୍ମୃତି ଗ୍ରନ୍ଥ ଉନ୍ମୋଚିତ



ଜଳେଶ୍ୱର , ୫/୨ (ନି.ପ୍ର): ଲକ୍ଷ୍ମଣନାଥ ରୋଡ ସ୍ଥିତ ଦେଉଳା ଗ୍ରାମର ପୈତୃକ ବାସ ଭବନ ରେ ବଡ଼ ଖବର ର ବରିଷ୍ଠ ସାମ୍ବାଦିକ ସଞ୍ଜୟ ଦାସ ଙ୍କ ର ସୁକନ୍ୟା ସ୍ୱର୍ଗଗତା ଜହ୍ନର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ରେ ' ଜହ୍ନ ଗଲାପରେ' ସ୍ମୃତି ଗ୍ରନ୍ଥ ଉନ୍ମୋଚିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାର ସଭାପତି ଭାବେ ଶ୍ରୀ ଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ଼. ନୀଳକଣ୍ଠ ଖଣ୍ଡା ସଭା ପରିଚାଳନା କରିଥିଲେ । ପିତା ଶ୍ରୀଯୁକ୍ତ ସଞ୍ଜୟ ଦାସ ମଞ୍ଚ ଆହ୍ୱାନ କରିବା ସହିତ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ଓ ସମାଲୋଚକ ଡ଼. କାଳୀପଦ ପଣ୍ଡା ଜଣେ ଦିବଙ୍ଗତା ଆତ୍ମା ଭାଗ୍ୟବତୀ (ଜହ୍ନ ) ଅନେକ ଭାବେ ଏ ମର୍ତ୍ତ୍ୟରେ ପରିବ୍ୟାପ୍ତ ହେବା ସମ୍ପର୍କରେ ଆଶାବାଦୀ ହୋଇ ଅମର ଆତ୍ମାର ସଦ୍ଗତି କାମନା କରି ଶବ୍ଦ ନୈବେଦ୍ୟ ଅର୍ପଣ କରିଥିଲେ । ' ଧ୍ୱନି ପ୍ରତିଧ୍ୱନି' ପତ୍ରିକାର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡ଼ା ଭାଗ୍ୟବତୀ ( ଜହ୍ନ ) କୁ ସୁରଭି - ସଂଚାରି ମଲ୍ଲୀ ଫୁଲ ସହିତ ତୁଳନା କରି ସ୍ମୃତି ଅର୍ଘ୍ୟ ଅର୍ପଣ କରିଥିଲା ବେଳେ ଅନ୍ୟତମ ସମ୍ମାନିତ ଅତିଥି ବିଶିଷ୍ଟ ବ୍ୟଙ୍ଗକାର କବି ପ୍ରଭାକର ସାହୁ ଜହ୍ନ ଉଦ୍ଦେଶ୍ୟରେ କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳୀ ନିବେଦନ କରିଥିଲେ ।

▶▶ପୃଷ୍ଠା ୭

## ବୋଲ ମାନୁନାହାନ୍ତି ବାବୁ : ଭୁବନେଶ୍ୱର ଛାଡି ଗାଁକୁ ଯିବାକୁ ଅମଙ୍ଗ ହେଉଛନ୍ତି ବରିଷ୍ଠ ଆଇଏଏସ ଅଧିକାରୀ

ଭୁବନେଶ୍ୱର, ୫/୨(ନି.ପ୍ର) : ମୋହନ ମାଝୀ, ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ ଆକ୍ସନ ମୋଡ୍‌କୁ ଆସିଥିଲେ । ପ୍ରଶାସନିକ କଳକୁ ଚଳଚଞ୍ଚଳ କରି ଲୋକଙ୍କ ପାଖରେ ସରକାର କେମିତି ପହଞ୍ଚିବେ, ଯୋଜନା କେମିତି ବାଟବଣା ନହେବ, ଗ୍ରାଉଣ୍ଡରେ ସରକାରୀ ଯୋଜନା କେମିତି କାର୍ଯ୍ୟକାରୀ ହେଉଛି , ତା'ର ଉପରେ ନଜର ପକାଇବା ପାଇଁ ପ୍ରସ୍ତୁତ ହୋଇଥିଲା ମେଗା ପ୍ଲାନ। ନଜର ପକାନ୍ତୁ ଯୋଜନା ସଂଯୋଜନା ବିଭାଗର ଦୁଇଟି ଚିଠି ଉପରେ । ଗୋଟିଏ ହେଉଛି ୪ ସେପ୍ଟେମ୍ବର ୨୦୨୪ର । ଆଉ ଗୋଟିଏ ହେଉଛି, ୩୧.୦୧.୨୦୨୫ର । ଉନ୍ନୟନ କମିଶନର ଅନୁ ଗର୍ଗ, ସବୁ ସଚିବ ଓ ବିଭାଗକୁ ଚିଠି ଲେଖି ଗ୍ରାଉଣ୍ଡକୁ ଯିବା ପାଇଁ ବାବୁଙ୍କୁ ଦାୟିତ୍ୱ ଦେଇଥିଲେ। କୁହାଯାଇଥିଲା, ସବୁ ଶାସନ ସଚିବ, ବରିଷ୍ଠ ଅଧିକାରୀ ଜିଲ୍ଲା ବୁଲିବେ । (ଓଡ଼ିଶା ମ୍ୟାପ୍) ୩୦ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ୩୦ ଜିଲ୍ଲା ଦାୟିତ୍ୱ ଦିଆଯାଇଥିଲା । ହେଲେ ଦୀର୍ଘ ୬ ମାସ ବିତିଯାଇଥିଲେ ମଧ ଏହାକୁ କାର୍ଯ୍ୟକାରୀ କରିନଥିଲେ ବାବୁ । ଅର୍ଥାତ ଭୁବନେଶ୍ୱରରୁ ଗାଁକୁ ଯିବାକୁ ଅମଙ୍ଗ ବାବୁ । ଯାହାକୁ ନେଇ ପୁଣିଥରେ ଗତ ୩୧ ତାରିଖରେ ପୁଣି ଚିଠି ଲେଖିଛନ୍ତି ଅନୁ ଗର୍ଗ । ଆଉ ସମାନ କଥା ମଧ ଉଲ୍ଲେଖ କରି କହିଛନ୍ତି ଅନୁ ଗର୍ଗ । ପୂର୍ବ ନିର୍ଦ୍ଦେଶରେ କୁହାଯାଇଥିଲା , ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ଓ କାର୍ଯ୍ୟ ଗୁଡ଼ିକର ତଦାରଖ କରିବେ , ଅପହଞ୍ଚ ଓ ଆଦିବାସୀ ବହୁଳ ଜିଲ୍ଲାକୁ ଗସ୍ତ କରିବେ ବିଭିନ୍ନ ଆହାର କେନ୍ଦ୍ର,

▶▶ପୃଷ୍ଠା ୭

# ସରକାରୀ ଚାକିରିଆଙ୍କ ପରେ ଆୟକର ଦାତାଙ୍କୁ ରାସନ ଛାଟ: ବ୍ଲକରେ ୯୮୩ କାର୍ଡରେ ୪୩୨୫ ଅଯୋଗ୍ୟ ହିତାଧୀକାରୀ

## କାର୍ଡ ନ ଫେରାଇଲେ ହେବ କାର୍ଯ୍ୟାନୁଷ୍ଠାନ

ବାଲିଆପାଳ, ୪୫.୨(ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ଦେଶର ଗରିବ ପରିବାର ଓ ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଭାରତ ସରକାର ୨୦୧୪ ମସିହାରେ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନାରେ ରାସନ କାର୍ଡଧାରୀଙ୍କୁ ମାସକୁ ପାଞ୍ଚ କେଜି ଚାଉଳ କିମ୍ବା ଗହମ ମିଳିବା ସହିତ ଅନ୍ୟ ସୁବିଧା ମଧ ମିଳୁଛି କ୍ଷ ମାତ୍ର ରାଜ୍ୟରେ ପୂର୍ବ ସରକାରଙ୍କ ଉଦାସୀନତା ଏବଂ ଖାଦ୍ୟ ଯୋଗାଣ ବିଭାଗର ଖାମ ଖିଆଲି ନୀତି ଯୋଗୁଁ ତୃଣମୂଳ ସ୍ତରରେ ଏହି ଯୋଜନାର ସୁଫଳ ପ୍ରକୃତ ଯୋଗ୍ୟ ହିତାଧିକାରୀ ଏ ପର୍ଯ୍ୟନ୍ତ ପାଇ ପାରିନାହାନ୍ତି । କାରଣ ବହୁ ଅଯୋଗ୍ୟ ବ୍ୟକ୍ତି ଅସାଧୁ ଉପାୟରେ ରାସନ କାର୍ଡ ହାତେଇଛନ୍ତି। ବର୍ତମାନର ରାଜ୍ୟ ସରକାର ଖାଉଟି ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି। ପ୍ରଥମେ ଏଚ ଆର ଏମ ଏସ ଜରିଆରେ ସରକାରୀ ଚାକିରିଆ ଙ୍କୁ ଚିହ୍ନଟ କରି କାର୍ଡ ଫେରାଇବାକୁ ଏକ ପ୍ରକାର ବାଧ କରିଥିଲେ ।ଏବେ ରାଜ୍ୟର ଆୟକର ଟିକସ ଦେଉଥିବା ଅଯୋଗ୍ୟ ହିତାଧୀକାରୀ ରାସନ ହାତେଇଥିବା ସରକାରଙ୍କ ଚିଠିରୁ ଜଣାପଡିଛି। ରାଜ୍ୟ ଖାଉଟି ବିଭାଗ ପ୍ରମୁଖ ସଚିବଙ୍କ ପତ୍ର ସଂଖ୍ୟା ୨୦୭୬/୩/୨/୨୫ ରୁ ଏହା ସ୍ପଷ୍ଟ ଜଣାପଡ଼ିଛି। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ବାଲିଆପାଳ ବ୍ଲକକୁ ଆସିଥିବା ପତ୍ରରୁ ଜଣାପଡିଛି ଏହି ବ୍ଲକରେ ୯୮୩ଟି କାର୍ଡ ରେ ୪୩୨୫ଜଣ ଅଯୋଗ୍ୟ ହିତାଧୀକାରୀ ବହୁ ବର୍ଷ ଧରି ରାସନ ହାତେଇଥିବା ସରକାରୀ ତଥ୍ୟରୁ ଜଣାପଡିଛି। ତେବେ ଏହା କେବଳ ବାଲିଆପାଳ ବ୍ଲକର ସ୍ଥିତି ହୋଇଥିବା ବେଳେ ସାରା ଓଡ଼ିଶାରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଅଯୋଗ୍ୟ ହିତାଧୀକାରୀ ରାସନ ହାତେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ତେବେ ଢୋଲ ଭିତରେ ମୂଷା ଭଳି ଆହୁରି ଅନେକ ଅଯୋଗ୍ୟ ହିତାଧୀକାରୀ ଯେପରିକି ବଡ଼ ବଡ଼ ବ୍ୟବସାୟୀ, ଚାରିଚକିଆ ଯାନ ମାଲିକ, ବଡ଼ ବଡ଼ କୋଠା ମାଲିକ ଓ ବୃହତ ଚାଷୀ ଯେଉଁ ମାନେ ସରକାରଙ୍କୁ ୪୦କ୍ୱିଣ୍ଟାଲରୁ ଅଧିକ ଧାନ ସରକାରୀ ମଣ୍ଡିରେ ବିକ୍ରି କରୁଥିବା ବୃହତ ଚାଷୀ କାର୍ଡ ହାତେଇଛନ୍ତି । ଅନ୍ୟ ପଟରେ ଏବେବି ବହୁ ଅସହାୟ, ଭିନ୍ନକ୍ଷମ ଏବଂ ଗରିବ ପରିବାର ଏହି ରାସନ କାର୍ଡ ସୁବିଧାରୁ ବଞ୍ଚିତ ଅଛନ୍ତି । ରାଜ୍ୟ ସରକାର ଏହି ବିଭାଗରେ ଧୀରେ ଧୀରେ ସ୍ୱଛତା ଆଣିବାକୁ ଚେଷ୍ଟାକରୁଛନ୍ତି । ଯୋଜନା ରେ ସ୍ୱଚ୍ଛତା ଏବଂ ଅଯୋଗ୍ୟ ହିତାଧିକାରୀ ଙ୍କୁ ଠାବ କରିବା ପାଇଁ ସରକାର ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ।ପ୍ରଥମ ପର୍ଯ୍ୟାୟରେ ସରକାରୀ ଚାକିରିଆ ଙ୍କୁ ଧରିଥିବା ବେଳେ ଏବେ ଆୟକର ଦାତାଙ୍କ ପାଳି ପଡ଼ିଛି। ଆସନ୍ତା ସାତ ଦିନ ଭିତରେ ଏହି ଅଯୋଗ୍ୟ ହିତାଧୀକାରୀ ସେମାନଙ୍କ ରାସନ କାର୍ଡ ଫେରାଇବାକୁ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ସୂଚନା ଦେଇଛନ୍ତି। ଅନ୍ୟଥା ଆଇନ ଅନୁଯାୟୀ ସେହି ଅଯୋଗ୍ୟ ହିତାଧୀକାରୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାରଙ୍କ ନିର୍ଦ୍ଦେଶ ଥିବା ଶ୍ରୀ ରଥ ସୂଚନା ଦେଇଛନ୍ତି। ଆସନ୍ତା ସାତ ଦିନ ଭିତରେ ଅଯୋଗ୍ୟ ହିତାଧୀକାରୀ ସେମାନଙ୍କ ରାସନ କାର୍ଡ ନ ଫେରାଇଲେ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ ହେବା ସହ ସେମାନେ ନେଇଥିବା ଖାଦ୍ୟ ସାମଗ୍ରୀର ଖୋଲାବଜାର ଦର ପ୍ରତି କି.ଗ୍ରା ୪୩ଟଙ୍କା ସହିତ ୧୦ପ୍ରତିଶତ ସୁଧ ମିଶାଇ ଆଦାୟ କରାଯିବ ଏବଂ ସମ୍ପୃକ୍ତ ଅଯୋଗ୍ୟ ହିତାଧୀକାରୀ ଚାକିରୀ କରିଥିବା ବିଭାଗକୁ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯିବାକୁ ରାଜ୍ୟ ଖାଉଟି ଓ ଯୋଗାଣ ସଚିବଙ୍କ ନିର୍ଦ୍ଦେଶ ଥିବା କଥା ବାଲିଆପାଳ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ସୂଚନା ଦେଇଛନ୍ତି।

## ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଲମ୍ବିତ

ବଡ଼ସାହି, ୫/୨ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନ ଚରଣ ମହାନ୍ତଙ୍କୁ ବଡ଼ସାହି ବିଇଓ ମଧୁସ୍ମିତା ଗିରି ଚିଠି ନମ୍ବର ୨୬୯ ମୂଳେ ନିଲମ୍ବନ ଆଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ବିଇଓଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ ସମୟରେ ପ୍ରଧାନ ଶିକ୍ଷକ ମୋବାଇଲରେ କଥା ହେଉଥିବା ଦେଖିବାକୁ ପାଇଥିଲେ ଓ ତା ସହିତ ମଧ୍ୟାହ୍ନ ଭୋଜନ ହେରଫେର ହେବା ସହିତ ସେଦିନ ବିଦ୍ୟାଳୟରେ ଅଠର ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ଛବିଶ ଜଣଙ୍କର ଖାତାରେ ଉପସ୍ଥାନ ଥିଲା ବୋଲି ବିଇଓ ପରିଦର୍ଶନ ସମୟରେ ଜାଣିବାକୁ ପାଇଥିବା ଜଣାପଡିଛି । ନିଲମ୍ବନ ସମୟରେ ତାଙ୍କୁ ଏହି ବ୍ଲକ ଅଧୀନ ମାଧପୁର ଉଚ୍ଚ ବିଦ୍ୟାଳୟରେ ହାଜିରା ଦେବେ ବୋଲି ନିର୍ଦ୍ଦେଶ ରହିଛି। ଏଠାରେ ସୂଚନା ଥାଉ କି କିଛି ଦିନ ତଳେ ତାଳପଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରାଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ତାଙ୍କ ନାମରେ ଚାର୍ଜପ୍ରେମ ବଡ଼ସାହି ବିଇଓଙ୍କ ତରଫରୁ କରାଯାଇଛି।

# ୨୪ ଘଂଟିଆ ବିମାନ ସେବା ଦାବିକୁ ମୁଖ୍ୟମନ୍ତ୍ରୀ ସମର୍ଥନ କଲେ, ହେଲେ ସେବା ମିଳିବ କେବେ ?

ରାଉରକେଲା, ୫/୨ (ନି.ପ୍ର): ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲା ଆସିଥିବା ବେଳେ ରାଉରକେଲାରେ ନିୟମିତ ବିମାନ ସେବା ଦାବିକୁ ନେଇ ଦୀର୍ଘ ୧ ମାସ ଧରି ଆନ୍ଦୋଳନ କରୁଥିବା ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇ ନେଲା, ହେଲେ ଏ ଖବର ମୁଖ୍ୟମନ୍ତ୍ରୀଙ୍କ କାନରେ ପଡିବାରୁ ସେ ଏନେଇ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ସେ ମଧ ଚାହାନ୍ତି ଏ ସୁବିଧା ଏଠାରେ ହେଉ, ସେ ମଧ ଏକଥା ଅନେକ ଆଗରୁ ଚିନ୍ତା କରିଛନ୍ତି, ଏନେଇ ସେ ବିମାନ ଚଳାଚଳ ବିଭାଗ ସହ କଥାହେବେ ଓ କଣ କରାଯାଇପାରିବ ସେନେଇ ଆରଏସପି ସହ କଥା ହେବେ ଓ ଖୁବ ଶିଘ୍ର ଏ ସୁବିଧା କିଭଳି ହେବ ସେ ନେଇ ସେ ଦେଖିବେ ବୋଲି କହିଯାଇଛନ୍ତି । ଏହି ଖବର ଆନ୍ଦୋଳନକାରୀଙ୍କୁ ଖୁସି କରିଛି, କିନ୍ତୁ ପୂର୍ବ ସରକାର ବେଳେ ଯାହା ଯେତିକି ଦିନ ଭିତରେ ହୋଇଥିଲା ଓ ହକି ଲାଗି ବିମାନ ଚାଲିଥିଲା ବର୍ତମାନ ଡବଲ ଇଂଜିନ ସରକାରରେ ମୁଖ୍ୟମନ୍ତ୍ରୀ ଦେଇଯାଇଥିବା କଥା ଶିଘ୍ର ହେବ ନା କଥା କେବଳ କଥାରେ ରହିଯିବ, ଯଦି ହେବ ତେବେ କେବେ ସୁଦ୍ଧା ହେବ ବୋଲି ଜାଣିବା ଶୁଣିବା ମହଲ ସହ ବିରୋଧୀ ମହଲରେ ପ୍ରଶ୍ନ ହୋଇଛି । ଏହି ବିମାନ କ୍ଷେତ୍ରକୁ ଆଗରୁ ସେଲ ର ବିମାନ ଆସୁଥିଲା, ପରେ ଏହାକୁ ଅଳ୍ପ ଦିନ ଭିତରେ ବିଜେଡି ସରକାର ବେଳେ ସାମାନ୍ୟ ସଂପ୍ରସାରଣ କରାଗଲା ଓ କିଛି ଦିନ ବିମାନ ମଧ ଚାଲିଥିଲା, ହକି ବେଳେ ଅନେକ ବିମାନ ମଧ ଏଠାକୁ ଆସିଥିଲା କିନ୍ତୁ କେତେକ ଅସୁବିଧା ଲାଗି ଏଠାରୁ ପାଗକୁ ଦେଖି ଓ ରାତି ସମୟରେ ବିମାନ ଚଳାଚଳ କରିପାରୁନଥିଲା, ଫଳରେ ଲୋକେ ଝାରସୁଗୁଡା ଉପରେ ନିର୍ଭର କରୁଥିଲେ ।ଏଭଳି ଦାବି ନିଶ୍ଚିତ ଯଥାର୍ଥ ବୋଲି ରାଉରକେଲାର ପ୍ରମୁଖ ରାଜନେତା ମାନେ ମଧ କହିସାରିଛନ୍ତି । ସାଂସଦ ଜୁଏଲ ଓରାମଙ୍କୁ ଛାଡିଦେଲେ ପ୍ରାୟ ସବୁ ନେତା ଏହି ଆନ୍ଦୋଳନ ସହ ଥିଲେ, ମୁଖ୍ୟ ମନ୍ତ୍ରୀ ମଧ ଏହାକୁ ଅନୁଭବ କରି କହିଲେ ଯାହା କି ଜଣେ ଓଡିଆ ଲୋକ ଭାବରେ ସେ ସବୁ ଖବର ଲୋକଙ୍କ ସଂପର୍କରେ ରଖୁଛନ୍ତି ଏହା ହେଉଛି ତାର ବଡ ଉଦାହରଣ ବୋଲି କୁହାଯାଇପାରେ । ତେବେ ଏକ ମାସ ଧରି ଆନ୍ଦୋଳନର ମୂଲ୍ୟ ଓ ସହର ବାସୀଙ୍କର ଏହି ଆବଶ୍ୟକତାକୁ ମୁଖ୍ୟମନ୍ତ୍ରୀ ବୁଝି କେବେ ରାଉରକେଲା ବାସୀଙ୍କୁ ଏହି ସୁବିଧା ଦେବେ ଓ ନିଜେ ଆସି ତାହାର ଶୁଭାରମ୍ଭ କରିବେ ତାହା ସହର ବାସୀଙ୍କ ମନରେ ପ୍ରଶ୍ନ ହୋଇ ରହିଛି ।

# କ୍ୟାନମାସ ଦିଲ୍ଲୀଠାରେ ଆୟୋଜିତ ଆନ୍ତର୍ଜାତୀୟ ନାଟକ ମହୋତ୍ସବ ପାଇଁ ମନୋନୀତ




ପାରାଦ୍ୱୀପ , ୫/୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧିନସ୍ଥ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା (ଏନ୍ ଏସ ଡି) ପକ୍ଷରୁ ଦିଲ୍ଲୀର ଏଲ.ଟି.ଜି ଅଡିଟୋରିୟମରେ ୨୮ ଜାନୁଆରୀରୁ ଫେବୃଆରୀ ୧୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ୨୪ ତମ 'ଭାରତୀୟ ରଙ୍ଗ ମହୋତ୍ସବ,୨୦୨୫' ଆନୁକୁଲ୍ୟରେ ଆନ୍ତର୍ଜାତିୟ ନାଟକ ମହୋତ୍ସବରେ ନାଟକ ପରିବେଷଣ କରିବା ପାଇଁ ପାରାଦ୍ୱୀପର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କ୍ୟାନମାସ ପୁଣି ଥରେ ମନୋନୀତ ହୋଇଛି । ଓଡ଼ିଶା ରାଜ୍ୟରୁ ଆନ୍ତର୍ଜାତିୟ ନାଟକ ମହୋତ୍ସବ ପାଇଁ ମନୋନୀତ ହୋଇଥିବା ୩ଟି ଅନୁଷ୍ଠାନ ମଧ୍ୟରୁ କ୍ୟାନମାସ ଅନ୍ୟତମ ।ପାରାଦୀପର ଅଗ୍ରଣୀ ଅନୁଷ୍ଠାନ କ୍ୟାନମାସ ବନ୍ଦର ସହରରେ ପ୍ରତି ବର୍ଷ ରାଷ୍ଟ୍ରୀୟ ନାଟକ ମହୋତ୍ସବ ଆୟୋଜନ କରି କେବଳ ରାଜ୍ୟରେ ନିଜର ଉପସ୍ଥିତିକୁ ଜାହିର କରି ନାହିଁ ତା ସଙ୍ଗେ ସଙ୍ଗେ ନିଜସ୍ୱ ପ୍ରସ୍ତୁତି ଅନେକ ନାଟକ ଦେଶର ବିଭିନ୍ନ ମଞ୍ଚରେ ପରିବେଷଣ କରି ପ୍ରଶଂସା ସାଉଁଟିଛି। ୨୦୧୬ ମସିହାରେ ପ୍ରଥମ ଥର ପାଇଁ କ୍ୟାନମାସ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧିନସ୍ଥ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା (ଏନ୍ ଏସ ଡି) ଦ୍ୱାରା ମନୋନୀତ ହୋଇ ଦିଲ୍ଲୀ ଠାରେ ଆୟୋଜିତ ଆନ୍ତର୍ଜାତିୟ ନାଟକ ମହୋତ୍ସବରେ ଘିନୁଆ ନାଟକ ପରିବେଷଣ କରି ବନ୍ଦର ସହର ତଥା ଓଡ଼ିଶା ରାଜ୍ୟ ପାଇଁ ଗୌରବ ଆଣିଦେଇଥିଲା । ଦୀର୍ଘ ୯ ବର୍ଷ ପରେ ଚଳିତ ମାସ ୯ ତାରିଖ ଦିନ କ୍ୟାନମାସ ବିଶିଷ୍ଟ ନାଟ୍ୟବିତ୍, କବି ତଥା ସଙ୍ଗୀତକାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୀବନୀ ବୃତ୍ତାନ୍ତ ଉପରେ ନାଟ୍ୟକାର ଶୈଳେସ୍ୱର ନନ୍ଦଙ୍କ ଦ୍ୱାରା ରଚିତ ତଥା ଶ୍ରୀମନ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶନାରେ ନାଟକ ନିସଂଗ ନାୟକ ମଞ୍ଚସ୍ଥ କରିବ । କଳାର ଶେଷ ନାହିଁ କି କଳାକାରର ମୃତ୍ୟୁ ନାହିଁ, ସେ ଚିର ଅମର । କାଳୀଚରଣ ଶେଷ ସମୟରେ କିପରି ଏକୁଟିଆ ହୋଇଯାଇଛନ୍ତି ଓ ଜଣେ ନିସଙ୍ଗ ନାୟକ ହୋଇ କେମିତି ଅଛନ୍ତି ତାହା ଏହି ନାଟକରେ ପ୍ରଦର୍ଶିତ ହେବ । ଦିଲ୍ଲୀ ଠାରେ ଆୟୋଜିତ ଆନ୍ତର୍ଜାତିୟ ନାଟକ ମହୋତ୍ସବରେ ଭାଗ ନେବା ପାଇଁ କଳାକାର ମାନେ ବେଶ ଉତ୍ସାହିତ ଅଛନ୍ତି ଓ ଏଥି ପାଇଁ ସବୁ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ଆସନ୍ତା ୭ ତାରିଖ ଦିନ କ୍ୟାନମାସ ନାଟକ ଦଳ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ । ଏହି ଖବର ପାଇ ବନ୍ଦର ନଗରୀର ସମସ୍ତ ନାଟ୍ୟପ୍ରେମୀ, ଶୁଭେଚ୍ଛୁ ତଥା ବୁଦ୍ଧିଜୀବୀ ମାନେ କ୍ୟାନମାସକୁ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସଫଳତା କାମନା କରିଛନ୍ତି ।

# ଜୟପୁର ଦ୍ୱିତୀୟ ଦୈନିକ ବଜାରରେ ପୌରସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ଏନଫୋର୍ସମେଂଟ ଚଢ଼ଉ

ଜୟପୁର, ୫/୨ (ନି.ପ୍ର): ଜୟପୁର ପୌରସଂସ୍ଥା ସ୍ୱତନ୍ତ୍ର ଏନଫୋର୍ସମେଂଟ ପକ୍ଷରୁ ବିଭିନ୍ନ ଟ୍ରେଡ ଲାଇସେନ୍ସ, ଦୋକାନ ଭଡା ଏବଂ ଅନ୍ୟାନ୍ୟ ଟିକସ ଆଦାୟ ସହ ଜବରଦଖଲ ଉଚ୍ଛେଦ ନେଇ ମଙ୍ଗଳବାର ସକାଳ ୯ଟା ଠାରୁ ଚଢଉ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହୋଇଛି । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହା ଜାରୀ ରହିବ । ଏହିପରି ଏନଫୋର୍ସମେଂଟ ବିଭାଗ ପକ୍ଷରୁ କେବଳ ଭଡା ବାବଦକୁ ବାକି ରହିଥିବା ଦୋକାନୀ ମନଙ୍କ ଟଙ୍କା ପୈଠ କରିବା ଏବଂ କାରବାର ପାଇଁ ଟ୍ରେଡ ଲାଇସେନ୍ସ ପୌରସଂସ୍ଥାରୁ ଗ୍ରହଣ କରିବାକୁ ବାଧତାମୂଳକ ବୋଲି ସଚେତନ କରିଛନ୍ତି । ସେହିପରି ରାସ୍ତାକୁ ଜବରଦଖଲ କରି ଉଠାଦୋକାନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ଗୁଡିକ ତୁରନ୍ତ ଉଛେଦ ହେବା ନେଇ ଚେତାବନୀ ଦିଆଯାଇଛି । ଏହିପରି ଆସନ୍ତା ୩ ଦିନ ମଧ୍ୟରେ ସମସ୍ତ ପ୍ରକ୍ରିୟା କରିବାକୁ ପରାମର୍ଶ ଦିଆଯାଇଛି । ଏହି ନିର୍ଦ୍ଦେଶନାମା ଖିଲାପକାରୀଙ୍କ ବିରୋଧରେ ଆସନ୍ତା ୨୪ ତାରିଖରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌରସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି । ସେହିପରି ଆଜି ସରକାରୀ ନୂଆ ବସଷ୍ଟାଣ୍ଡ ପାଚେରୀ ପାର୍ଶ୍ୱରେ ଜବରଦଖଲ କରାଯାଇ ବିଭିନ୍ନ ଉଠାଦୋକାନ ଗୁଡିକ ସୃଷ୍ଟି ହୋଇଥିବା ଯୋଗୁଁ ଦିନରେ ଅଧିକାଂଶ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ତେଣୁ ଉକ୍ତ ଦୋକାନୀ ମାନଙ୍କୁ ଆଜି ହଟିବାକୁ ଚେତାବନୀ ଦିଆଯିବା ସହ କିଛି ଜଣଙ୍କୁ ଉଚ୍ଛେଦ କରାଯାଇଛି । ସୂଚନାଯୋଗ୍ୟ, ଜୟପୁର ସହରର ମୁଖ୍ୟ ଦୈନିକ ବଜାର, ଦ୍ୱିତୀୟ ଦୈନିକ ବଜାର, ସର୍ଦ୍ଦାର ବଲ୍ଲଭ ଭାଇ ମାର୍ଗ ( ମୁଖ୍ୟ ରାସ୍ତା), ଏମ.ଜି, ରୋଡ ପ୍ରଭୃତି ସହରର ବିଭିନ୍ନ ସ୍ଥାନରେ ଭଡା ବାବଦକୁ ୧ କୋଟି, ୪ ଲକ୍ଷ ୨୯ ହଜାର ୭୨୫ ଟଙ୍କା ବକେୟା ରହିଥିଲା । ଏହିପରି ଏକ ମାସ ମଧ୍ୟରେ ୫୮ ଲକ୍ଷ ୨୬ ହଜାର ୪୨୬ ଟଙ୍କା ଆଦାୟ କରାଯାଇଛି । ବଳକା ୪୬ ଲକ୍ଷ ୩ ହଜାର ୨୯୬ ଟଙ୍କା ଆସନ୍ତା ୨୩ ତାରିଖ ସୁଦ୍ଧା ଆଦାୟ କରାଯିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ଅନ୍ୟଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର

ଉଦଳା , ୫/୨ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନାର ଶୀତ କାଳିନ ସ୍ୱତନ୍ତ୍ର ଶିବିର ଆଜି ଫେବୃଆରୀ ୫ ତାରିଖ ବୁଧବାର ଦିନ ଉଦ୍?ଯାପିତ ହୋଇ ଯାଇଛି । ଗତ ଜାନୁଆରି ୩୦ ତାରିଖରୁ ନିକଟସ୍ଥ ଗ୍ରାମ ଅସନବଣୀ ଠାରେ ଥିବା ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ପରିସରରେ ଏହି ଶିବିର ଆୟୋଜନର ବ୍ୟବସ୍ଥା କରାଯାଇଥିଲା । ମୋଟ ୫୦ ଜଣ ଛାତ୍ର ଛାତ୍ରୀ ଶିବିରରେ ଅଂଶ ଗ୍ରହଣ କରିଥିବା ବେଳେ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସସ୍ମିତା ଲାୟା ଓ ଅଧ୍ୟାପକ ସମୀର ଭୋଇ ଶିବିର ପରିଚାଳନାର ଦାୟିତ୍ୱ ତୁଲାଇଥିଲେ । ଏକସପ୍ତାହ ବ୍ୟାପି ଚାଲିଥିବା ଉକ୍ତ ଶିବିରରେ ନିୟମିତ ପ୍ରଭାତରେ ଯୋଗ, ପ୍ରାଣାୟାମ ସହିତ ପ୍ରାର୍ଥନା ଓ ପରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଦିବସବ୍ୟାପି ଛାତ୍ର ଛାତ୍ରୀ ମାନେ, ଦେଶରେ ଗଣତନ୍ତ୍ର ଶାସନ ବଂଚାଇ ରଖିବାକୁ ହେଲେ ଭୋଟ ଦେବା କିପରି ଜରୁରୀ ଅଟେ, ସଡ଼କ ଦୁର୍ଘଟଣାରୁ ମୁକ୍ତି ପାଇବାକୁ ହେଲେ ଆମେ କିପ୍ରକାର ନିୟମ ମାନିବା ଉଚିତ, ବୃକ୍ଷରୋପଣ ଓ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ଗ୍ରାମବାସୀ ମାନଙ୍କୁ ସଚେତନ କରାଉଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼. ନିରଂଜନ ପାଠୀ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିରରୁ ମିଳୁଥିବା ଶିକ୍ଷା କିପରି ସାରା ଜୀବନ ଦରକାରରେ ଆସିଥାଏ ବିଭିନ୍ନ ଉଦାହରଣମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉଦ୍?ଯାପନି ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିର ପରିଚାଳନା ଦାୟିତ୍ୱରେ ଥିବା ଅଧ୍ୟାପକ/ଅଧ୍ୟାପିକା ଶୃଙ୍ଖଳିତ ଭାବରେ ନିଜ ନିଜର ଦାୟିତ୍ୱ ତୁଲାଇଥିବାରୁ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରମେଶ ଚନ୍ଦ୍ର ନାୟକ, ଫନି ଭୂଷଣ ପୁଥାଳ, ବିଜୟାନନ୍ଦ ମହାନ୍ତି, ଗଜେନ୍ଦ୍ର ପାତ୍ର, ଅଧ୍ୟାପିକା ତନ୍ମୟି ମହାନ୍ତ, ଲୋପାମୁଦ୍ରା ପ୍ରଧାନ, ଆଶାଲତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶିବିର ଜୀବନ ଯେତିକି ଆନନ୍ଦଦାୟକ ସେତିକି ଶିକ୍ଷଣିୟ ହୋଇଥାଏ ବୋଲି ବ୍ୟକ୍ତ କରିବା ସହ ଶିବିର ଜୀବନର ମଜା ଉଠାଇବାକୁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

# ବଲାଙ୍ଗିର ଜିଲ୍ଲାରେ ଫେବୃଆରୀ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ

ବଲାଙ୍ଗିର, ୫/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ୧୧ ଗୋଟି ବ୍ଲକ ଓ ୫ ଗୋଟି ସହରାଚଂଳରେ ଚଳିତ ଫେବୃଆରୀ ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ । ଆଜି ଅପରାହ୍ନରେ ସ୍ଥାନୀୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ରମେଶ ଚନ୍ଦ୍ର ସାହୁ ଏହି ସୂଚନା ଦେଇଛନ୍ତି । ଏହି ସମୟ ମଧ୍ୟରେ ଜିଲ୍ଲାର ୧୩ ଲକ୍ଷ ୪୯ ହଜାର ୪୧ ଜଣଙ୍କୁ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଔଷଧ ପ୍ରଦାନ କରାଯିବ । ଏଥି ସକାଶେ ୪୧୮୩ ଜଣ ଔଷଧ ପ୍ରଦାନକାରୀ ଓ ୨୦୮୭ ସ୍ୱାସ୍ଥ୍ୟକର୍ମୀ ଏବଂ ୪୧୦ ଜଣ ସୁପରଭାଇଜର ଏବଂ ୭୬ ଜଣ ମୋବାଇଲ ଦଳଙ୍କୁ ନିୟୋଜିତ କରାଯାଇଛି । ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ମାନେ ଘରକୁ ଘର ଯାଇ ନିଜ ତତ୍ତ୍ୱାବଧାନରେ ନିଜ ସମ୍ମୁଖରେ ଔଷଧ ଖୁଆଇବେ । ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ଶିଶୁ ଓ ଗୁରୁତର ରୋଗୀଙ୍କୁ ଏହି ବଟିକା ଦିଆଯିବାନାହିଁ । ଡିଇସି ବଟିକା, ଅଲବେନଡଜୋଲ ଓ ଇଭରମେକଟିନ ବଟିକା ନିୟୋଜିତ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ମାନେ ଘରକୁ ଘର ଯାଇ ପରିବାରର ସଦସ୍ୟ ସଦସ୍ୟା ମାନଙ୍କୁ ବୟସ ଅନୁସାରେ ଏହି ବଟିକା ଖୁଆଇବେ । ଏହି ଔଷଧ ସେବନ ଦ୍ୱାରା ଶରୀର ଭିତରେ ଥିବା ମାଇକ୍ରୋ ଫାଇଲେରିଆ ପରଭୋଜୀ ସମ୍ପୂର୍ଣ୍ଣ ଭାବେ ମରିଯାଆନ୍ତି ଏବଂ ବଡ ପାରାସାଇଟ ମାନେ ନିସ୍ତେଜ ହୋଇଯାଆନ୍ତି ତଥା ଲୋକମାନେ ଭବିଷ୍ୟତରେ ଫାଇଲେରିଆ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରନ୍ତି ଏବଂ ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଅଟେ ବୋଲି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ ସୂଚନା ଦେଇଥିଲେ । ଏ ସମ୍ପର୍କରେ ଜିଲ୍ଲାରେ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ତାଲିମ ପ୍ରଦାନ, ରାତ୍ରିକାଳୀନ ରକ୍ତ ନମୁନା ସର୍ଭେ, ବ୍ଲକ ସ୍ତରୀୟ ସମନ୍ୱୟ ବୈଠକ ଏବଂ ମାଇକ୍ରୋପ୍ଲାନ ସମ୍ପୂର୍ଣ୍ଣ ହୋଇଯାଇଛି ବୋଲି ସେ ସୂଚନା ଦେଇଥିଲେ । ସଚେତନତା ନିମନ୍ତେ ଏ ସମ୍ପର୍କିତ ଲିଫଲେଟ ବଂଟନ ଓ ବିଦ୍ୟାଳୟ ଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ସୁରେଶ ସ୍ୱାଇଁଙ୍କ ସମେତ ପ୍ରିଂଟ ଏବଂ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# କର୍କଟ ରୋଗକୁ ହରେଇବା ଆମ ସମସ୍ତଙ୍କ କର୍ତବ୍ୟ

ଭୁବନେଶ୍ୱର, ୫/୨ (ନି.ପ୍ର): ସ୍ୱେଚ୍ଛାସେବୀ ସେବାକେନ୍ଦ୍ର, ଭୁବନେଶ୍ୱର ତରଫରୁ ଗୋଦାବରୀଶ ସାହିତ୍ୟ ସଂସଦଠାରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଚଟାର୍ଡ ଆକାଉଣ୍ଟାଣ୍ଟ ଏସ୍.ଆର.ବି ଆସୋସିଏଟର ଶ୍ରୀ ରାଜୀବ ସାହୁ ଯୋଗ ଦେଇ କହିଥିଲେ ଯେ, କର୍କଟ ରୋଗକୁ ଆମେ ସମସ୍ତେ ଚହିଁଲେ ହରେଇଦେବା। ଏଥିପାଇଁ ଆମେ ଏକ ହେବା ଦରକାର। ଆମେ ରୋଗ ପ୍ରତି ସଜାଗ ରହିବା ଦରକାର। ମୁଖ୍ୟ ବକ୍ତା ଭାବରେ ଶ୍ରୀ ପ୍ରଜ୍ଞାନନ୍ଦ ଶତପଥୀ ଯୋଗଦେଇ କର୍କଟ ରୋଗର କାରଣ, ଲକ୍ଷ୍ୟଣ ଏବଂ କିପରି ଆମେ ସୁରକ୍ଷିତ ରହିପାରିବା, ସେ ଉପରେ ବକ୍ତବ୍ୟ ରଖିଥିଲେ। କେନ୍ଦ୍ରର ସଭାପତି ଡଃ ରୀତା ପତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ କହିଲେ ଯେ, ଆମେ ରୋଗକୁ ଡରିବା ନାହିଁ, ହରେଇବା। ତେଣୁ ଆମର ଇଚ୍ଛାଶକ୍ତି ସୁଦୃଢ ରହିବା ଦରକାର। ଏହି ଅବସରରେ ଓଡ଼ିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ସାମାଜିକ ସଂଗଠନ ଯଥା ଓଡ଼ିଶା ଜନ କଲ୍ୟାଣ ସଂଗଠନ ପୁରୀ, ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ, ସର୍ମପିତ ସୋସିଆଲ ଫାଉଣ୍ଡେସନ ଟ୍ରଷ୍ଟ, ଡିଭାଇନ ଚରିଟେବୁଲ ଟ୍ରଷ୍ଟକୁ ବିଶ୍ୱ କର୍କଟ ଦିବସ ଉପଲକ୍ଷେ ସମ୍ମାନିତ କରାଯାଇଥିଲ। ଏହି କାର୍ଯ୍ୟକ୍ରମରେ ଭାଗ୍ୟଲକ୍ଷ୍ମୀ ଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଷାଧକ୍ଷ ରୂପାଲି ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ବାପି ନାୟକ କାର୍ଯ୍ୟକ୍ରମକୁ ପରିଚଳନା କରିଥିଲେ।

# ଉତ୍କଳ ଗୌରବ ମଧୁସୂଦନଙ୍କ ୯୧ତମ ଶ୍ରାଦ୍ଧବାର୍ଷିକୀ ପାଳିତ




ବାଲେଶ୍ୱର, ୫/୨ (ନି.ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୧ତମ ଶ୍ରାଦ୍ଧ ବାର୍ଷିକ ଅବସରରେ 'ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ' ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପଦ୍ମୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନ ସଭାଗୃହରେ ପରିଷଦର ସଂଗଠନ ସଂପାଦକ ତଥା ଆଇନଜୀବୀ ତୁଷାରକାନ୍ତି ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଂପାଦକ ଡ. ରତ୍ନାକର ସିଂହ ଯୋଗଦେଇ ବାରିଷ୍ଟର ମଧୁସୂଦନ ଦାସଙ୍କ ଜୀବନାବଳୀ ଓ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଅବଦାନକୁ ଓଡ଼ିଶାବାସୀ କେବେ ଭୁଲି ପାରିବେ ନାହିଁ ବୋଲି ମତ ପ୍ରଦାନ କରିଥିଲେ। ବରିଷ୍ଠ ଶ୍ରମିକନେତା ତଥା ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ, ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ଅନ୍ୟତମ ଆବାହିକା ପ୍ରତିମା ପଣ୍ଡା ପ୍ରମୁଖ ମଧୁବାବୁଙ୍କର ବହୁମୁଖି ପ୍ରତିଭାର ସ୍ମୃତିଚାରଣ କରି ଆଗାମୀ ବଂଶଧରମାନେ ମଧୁବାବୁଙ୍କ ସଂପର୍କରେ ଅଧିକ ଜାଣିବା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ପାଠ୍ୟପୁସ୍ତକମାନଙ୍କରେ ତାଙ୍କର ଜୀବନକୁ ସଠିକ୍ ଭାବେ ସ୍ଥାନିତ କରିବା ଦିଗରେ ଶିକ୍ଷାବିଭାଗ ଓ ସରକାର ଯତ୍ନବାନ ହେବାକୁ ମତ ପ୍ରକାଶ କରିଥିଲେ। ଏହି ସଭାରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଆଇନଜୀବୀ ଜିତେନ୍ଦ୍ର ଉପାଧ୍ୟାୟ, ଦୀପକ ଦାସ, ମହମ୍ମଦ ଇସଲାମ ଓ ନିରଞ୍ଜନ ପରିଡ଼ାଙ୍କ ସମେତ କଲ୍ୟାଣୀ ନନ୍ଦ, ମଧୁସୂଦନ ମାଝୀ, ଅରୁଣ ଜେନା, ଅଜିତ୍ ବରାଳ, ଅଶ୍ରୀତା ତରେଇ, ଶ୍ରମିକନେତା ମାୟାଧର ନାୟକ, ଅକ୍ଷୟ କୁମାର ତ୍ରିପାଠୀ, ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ଦାମୋଦର ନାୟକ ଓ ସୀତାରାମ ପ୍ରଧାନ, ହେମେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଓଡ଼ିଶା ପ୍ରଦେଶ ଗଠନରେ ଓ ପ୍ରଥମ ଓଡ଼ିଆ ଭାବେ ମଧୁବାବୁ ବହୁ ଗୌରବର ଅଧିକାରୀ ବୋଲି ମତ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସଭାକାର୍ଯ୍ୟ ଆରମ୍ଭରେ ଶ୍ରୀଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ଓ ମଧୁବାବୁଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପ ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଉପସ୍ଥିତମାନେ 'ବନ୍ଦେ ଉତ୍କଳ ଜନନୀ' ସଂଗୀତକୁ ସାମୁହିକ ଭାବେ ଗାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୌରୀ ଶଙ୍କର ପରିଡ଼ା, ମାନଗୋବିନ୍ଦ ସେଠୀ, ବିରେନ୍ ଜେନା ଓ ଶରତ ଚନ୍ଦ୍ର ଦଳାଇ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ଆଇନଜୀବୀ ସତ୍ୟେନ୍ଦ୍ର ରାଉତ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ ଓ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପରିଷଦର ପ୍ରତିଷ୍ଠାତା ପୁରୁଷୋତ୍ତମ ବିଶ୍ୱାଳଙ୍କ ପତ୍ନୀଙ୍କର ସଭାପକ୍ଷରୁ ଆଶୁ ଆରୋଗ୍ୟ କାମନା କରାଯାଇଥିଲା।

## ରାଜ୍ୟସ୍ତରୀୟ ସଖୀ ଓ ସହେଲି ସମ୍ମିଳନୀ ଉଦ୍‌ଯାପିତ

ପୁରୀ, ୫/୨ (ନି.ପ୍ର): ହୋଟେଲ ସାଗର ତରଙ୍ଗରେ ଓଡ଼ିଶା ସରକାର, ୟୁନିସେଫ୍ ଏବଂ ଆକ୍ସନଏଡ୍ ଆସୋସିଏସନ୍ ଦ୍ୱାରା ମିଳିତ ଭାବରେ ଦୁଇ ଦିନିଆ ରାଜ୍ୟସ୍ତରୀୟ ସଖୀ ସହେଲି ସମ୍ମିଳନୀ ଉଦଯାପିତ ହୋଇଯାଇଛି। ସମାପନ ସମାରୋହରେ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ପୁରୀର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଡି ଏସ ଡବ୍ଲୁ ଓ ତନୁପ୍ରଭା ବେଉରା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରକଳ୍ପ ଅଧିକାରୀ ଶୁଭ ନାରାୟଣ ଶତପଥୀ, ଆକ୍ସନଏଡ୍ ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ବାଲ୍ୟ ବିବାହ ନିରୋଧ ଏବଂ ଶିଶୁ ସୁରକ୍ଷା ପ୍ରକଳ୍ପର ଜାତୀୟ ପ୍ରକଳ୍ପ ନେତୃତ୍ୱ ଘାସିରାମ ପଣ୍ଡା ଏବଂ ରାଜ୍ୟ ଏମଂ ଆଣ୍ଡ ଇ ଅଫିସର ସୌରିଷ ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାରୋହରେ ସଖୀ-ସହେଲି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ସ୍ୱରୂପ ଓଡ଼ିଶାର ତୃଣମୂଳ ଓଡ଼ିଶାର କୈଶୋର ମାନଙ୍କୁ ବିଶେଷକରି ଝିଅମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଜୀବନର ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିବା ।

ଧାରାବାହିକ: ଭାଗ-୪୦

# ସଂକ୍ଷିପ୍ତ ଭାଗବତ କଥାମୃତ



## ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୮ମ ଅଧ୍ୟାୟ

### ।। ସମୁଦ୍ରରୁ ଅମୃତ ଓ ଶ୍ରୀ ମହାଲକ୍ଷ୍ମୀ ଆଦିଙ୍କର ଆବିର୍ଭାବ ।।

ସମୁଦ୍ର ମନ୍ଥନରୁ କାମଧେନୁ ଜାତ ହେବାରୁ ଯାଜ୍ଞିକ ଦ୍ୱିଜମାନେ ଯଜ୍ଞଘୃତ ପ୍ରାପ୍ତି ଉଦ୍ଦେଶ୍ୟରେ କାମଧେନୁକୁ ନେଲେ । ଏହାପରେ ଉଚ୍ଚୈଶ୍ରବା ଅଶ୍ୱ ଓ ଚାରିଦନ୍ତ ବିଶିଷ୍ଟ କୈଳାସ ପର୍ବତ ତୁଲ୍ୟ ବିରାଟ ଧବଳ ବର୍ଣ୍ଣ ହସ୍ତୀ ସହିତ ଅଷ୍ଟ ଦିଗ୍‌ଗଜ ଓ ଅଭ୍ରମୁ କରିଣୀ ଆବିର୍ଭୂତ ହେଲେ ଯାହାକୁ ବିଷ୍ଣୁ ଇଚ୍ଛାରେ ଦେବରାଜ ଇନ୍ଦ୍ର ଗ୍ରହଣ କଲେ । ଏହାପରେ କୌସ୍ତୁଭ ମଣି ପ୍ରାପ୍ତ ହେବାରୁ ସ୍ୱୟଂ ଭଗବାନ ବିଷ୍ଣୁ ତାହାକୁ ବକ୍ଷରେ ଧାରଣ କଲେ । ଏହାପରେ ପାରିଜାତ ପୁଷ୍ପ ଓ କଳ୍ପବଟ ଆବିର୍ଭାବ ହେଲା । ପରେ ଅନିନ୍ଦ୍ୟ ସୁନ୍ଦରୀ ଅପସରା ଗଣ ଏବଂ ପରେ ଅମୃତ ଶୁଭ ଲଗ୍ନରେ ବିଦ୍ୟୁତ କାନ୍ତିଧାରିଣୀ ତ୍ରିଲୋକ ମାତା ବିଷ୍ଣୁପ୍ରିୟା ମହାଲକ୍ଷ୍ମୀଙ୍କର ଆବିର୍ଭାବ ହେଲା । ତାଙ୍କର ଅପୂର୍ବ ରୂପ ମାଧୁରୀ ଦର୍ଶନ କରି ଦେବ, ଦାନବ ସମସ୍ତେ ତାଙ୍କୁ ଲାଭ କରିବାକୁ ଇଚ୍ଛା ପୋଷଣ କଲେ । ଇନ୍ଦ୍ର ତାଙ୍କୁ ଉପବେଶନ ନିମିତ୍ତ ରତ୍ନ ସିଂହାସନ ପ୍ରଦାନ କରି ଜାହ୍ନବୀ ଆଦି ପବିତ୍ର ନଦୀମାନେ ସୁବର୍ଣ୍ଣ କଳସରେ ପାଣି ଢାଳି ଅଭିଷେକ କଲେ । ପୃଥିବୀମାତା ତାଙ୍କୁ ବହୁ ଔଷଧ ପ୍ରଦାନ କଲେ । ଗାଭୀମାନେ ପବିତ୍ର ପଞ୍ଚଗବ୍ୟ ଅର୍ପଣ କରିଥିବା ବେଳେ ଋତୁରାଜ ବସନ୍ତ ଋତୁପୁଷ୍ପ ଓ ଫଳ ପ୍ରଦାନ କଲେ । ଗନ୍ଧର୍ବ ଓ କିନ୍ନରମାନେ ବାଦ୍ୟ ବଜାଇ ନୃତ୍ୟ କରିବା ବେଳେ ସମୁଦ୍ର ଦୁଇଟି ଅମୂଲ୍ୟ ପୀତବର୍ଣ୍ଣ ପାଟବସ୍ତ୍ର ପ୍ରଦାନ କଲେ । ବରୁଣ ବୈଜୟନ୍ତିମାଳା, ବିଶ୍ୱକର୍ମା ବିବିଧ ରତ୍ନଭୂଷଣ, ସରସ୍ୱତୀ ହାର, ବ୍ରହ୍ମା ପଦ୍ମପୁଷ୍ପ ଓ ନାଗମାନେ କୁଣ୍ଡଳ ଉପହାର ଦେଲେ । ମହାଲକ୍ଷ୍ମୀଙ୍କର ସ୍ୱୟମ୍ବର ହେବା ସ୍ଥିର ହେଲା । ଅଭିଷେକ ପରେ ମାତା ହସ୍ତରେ ପଙ୍କଜମାଳା ଧାରଣ ପୂର୍ବକ ଅଗ୍ରସର ହୋଇ ଶ୍ରୀହରି ବିଷ୍ଣୁଙ୍କ ଗଳାରେ ବରଣମାଳା ପ୍ରଦାନ କରି ସଲ୍ଲଜ ମୁଖ ତଳକୁ କରି ଛିଡା ହେବାରୁ ଭଗବାନ ବିଷ୍ଣୁ ସର୍ବ ସମ୍ମୁଖରେ ତାଙ୍କୁ ଗ୍ରହଣ କଲେ । ଏହାପରେ ବରୁଣ କନ୍ୟା ଅନ୍ନମୟୀ ବାରୁଣୀ (ସୁରା)ଙ୍କର ଆବିର୍ଭାବ ହେବାରୁ ଅସୁରମାନେ ତାହାକୁ ଗ୍ରହଣ କଲେ । ପରେ ଆୟୁର୍ବେଦର ଗୁରୁ ଧନ୍ୱନ୍ତରୀ ଅମୃତ ଧାରଣ କରି ଆବିର୍ଭୂତ ହେଲେ । ଅସୁରମାନେ ତାଙ୍କ ହସ୍ତରୁ କଳସ ଛଡାଇ ନେଇ ପ୍ରଥମେ ଖାଇବାକୁ ନିଜ ଭିତରେ କଳହରେ ପ୍ରବୃତ୍ତ ହେଲେ । ଦେବତାମାନେ ଏହା ଦେଖି ନିରାଶ ହୋଇ ଶ୍ରୀହରିଙ୍କ ଶରଣାପନ୍ନ ହେବାରୁ ଭଗବାନ ମାୟାରେ ଏକ ଅପୂର୍ବ ସୁନ୍ଦରୀ ନାରୀ ରୂପ ଧାରଣ କରି ଅସୁରମାନଙ୍କ ମଧ୍ୟରେ ଅବତୀର୍ଣ୍ଣ ହେଲେ । ଅସୁରମାନେ ସେହି ରୂପରେ ଏଭଳି କାମାସକ୍ତ ହେଲେ ଯେ ଅମୃତ କଳସ ଛାଡି ସେହି ନାରୀ ଚତୁର୍ଦ୍ଦିଗରେ ଘେରିଗଲେ ।

### ୯ମ ଅଧ୍ୟାୟ

### ।। ମୋହିନୀ ରୂପଧାରୀ ଭଗବାନଙ୍କ ଅମୃତ ବଣ୍ଟନ ।।

ମୋହିନୀ ମାୟାରେ ବଶୀଭୂତ ଅସୁରମାନେ ଅମୃତ କଳସକୁ ମୋହିନୀ କନ୍ୟା ହସ୍ତରେ ଅର୍ପଣ ପୂର୍ବକ ସେମାନଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟିଦେବାକୁ ଅନୁରୋଧ କଲେ । ମୋହିନୀ ସ୍ମିତ କଟାକ୍ଷ ପାତ କରି ଅସୁରମାନଙ୍କୁ କହିଲେ, ହେ କଶ୍ୟପ ପୁତ୍ରଗଣ, ମୁଁ ସ୍ୱାମୀହୀନା ଏଣୁ କୁଳଟା ଅପବାଦ ସ୍ୱାଭାବିକ । ଏପରି ସ୍ଥଳେ ତୁମେମାନେ ମୋତେ କିପରି ବିଶ୍ୱାସ କରିବ ? କୁକୁର ଓ କୁଳଟା ନାରୀ କାହାରି ବିଶ୍ୱସ୍ତ ନୁହଁନ୍ତି, ସେମାନଙ୍କର ସର୍ବଦା ନୂଆ ଆଶ୍ରୟ ଦରକାର । ଅସୁରମାନେ ସେତେବେଳକୁ ମୋହିନୀର ସ୍ଫୀତ ବକ୍ଷ, ନିତମ୍ବ, ଜାନୁ, ଯୌବନ ଦର୍ଶନ କରି କାମାସକ୍ତ ହୋଇ ଯାଇଥିଲେ ଉପରେ ଏଭଳି ଶ୍ଳେଷ କଥା ତାଙ୍କୁ ଅଧିକ କାମାସକ୍ତ କରିପକାଇଲା । ସେମାନେ ସର୍ବସମ୍ମତି କ୍ରମେ ଅମୃତ ବଣ୍ଟନ କରିବାକୁ କହିବାରୁ ମୋହିନୀ ତାଙ୍କ କାମରେ କୌଣସି ପ୍ରତିବାଦ କିମ୍ବା ବିରୋଧ ନ କରିବାକୁ ଶପଥ କରାଇନେଲେ । ଅସୁରମାନେ ସ୍ନାନ ପୂର୍ବକ ନୂଆ ବସ୍ତ୍ର ଓ ଅଳଙ୍କାରର ବିଭୂଷିତ ହୋଇ ଅମୃତ ପାନ କରିବାକୁ ଆସିଲେ । ଦେବତା ଓ ଅସୁରମାନେ ପୃଥକ ପୃଥକ ଧାଡିରେ ବସିବାପରେ ମୋହିନୀ ନିଜର ଅପୂର୍ବ ପଦଚାଳନା କରି ଦୈତ୍ୟମାନଙ୍କୁ ସମ୍ପୂର୍ଣ୍ଣ ଭାବେ ବଞ୍ଚନା କରି ଦେବତାମାନଙ୍କୁ ଅମୃତପାନ କରାଇଲେ । ଅସୁର ରାହୁ ଦେବଚିହ୍ନ ଧରି ସୂର୍ଯ୍ୟ ଓ ଚନ୍ଦ୍ର ମଝିରେ ବସି ଅମୃତପାନ କରିନେଲା । ସୂର୍ଯ୍ୟଚନ୍ଦ୍ର ଏହା ଜାଣିପାରି ବିଷ୍ଣୁଙ୍କୁ ଆଖିଠାର ମାଧ୍ୟମରେ ଜଣାଇ ଦେବାରୁ ବିଷ୍ଣୁ ସୁଦର୍ଶନ ପ୍ରୟୋଗ ପୂର୍ବକ ରାହୁର ମୁଣ୍ଡକାଟ କଲେ ହେଁ ଅମୃତପାନ କାରଣରୁ ସେ ବଞ୍ଚି ରହିଲା । ସେହିଦିନରୁ ଶତ୍ରୁସାଧନ ପାଇଁ ଅମାବାସ୍ୟା ଓ ପୂର୍ଣ୍ଣମୀ ତିଥିରେ ସୂର୍ଯ୍ୟଚନ୍ଦ୍ରଙ୍କୁ ଗ୍ରାସ କରିବାକୁ ରାହୁ ଧାବିତ ହୁଏ ।

### ୧୦ମ ଅଧ୍ୟାୟ

### ।। ଦେବାସୁର ସଂଗ୍ରାମ ।।

ଅସୁରମାନେ ଯେତେବେଳେ ଜାଣିଲେ ଯେ ସ୍ୱୟଂ ବିଷ୍ଣୁ ମୋହିନୀ ରୂପରେ ସେମାନଙ୍କ ସହ ଛଳନା କରିଛନ୍ତି ସେତେବେଳେ ସେମାନେ କ୍ରୋଧାନ୍ଧ ହୋଇ ଦେବତାମାନଙ୍କୁ ଆକ୍ରମଣ କଲେ । ଅମୃତ ବଣ୍ଟନ ପରେ ବିଷ୍ଣୁ ଗରୁଡପୃଷ୍ଠ ଆରୋହଣ ପୂର୍ବକ ସେଠାରୁ ଚାଲି ଯାଇଥାନ୍ତି । ଦେବତାମାନେ ଏଥର ଅମୃତପାନ ପାଇଁ ଅଧିକ ଶୌର୍ଯ୍ୟ କାରଣରୁ ଦେବତାମାନେ ନିଷ୍ପ୍ରଭ ହୋଇପଡିବାରୁ ଅସୁର ରାଜ ବଳି ମୟଦାନବ ନିର୍ମିତ ଯୁଦ୍ଧୋପକରଣ ପରିପୂର୍ଣ୍ଣ କାମଗାମୀ, ଇଚ୍ଛାନୁସାରେ ଦୃଶ୍ୟ ଅଦ୍‌ଭୂତ ବିମାନ ଆରୋହଣ ପୂର୍ବକ ଦେବତାମାନଙ୍କ ସମ୍ମୁଖୀନ ହୋଇ ପ୍ରବଳ ଯୁଦ୍ଧ କଲେ । ଦେବରାଜ ଇନ୍ଦ୍ର ମଧ୍ୟ ଦେବତାମାନଙ୍କୁ ସଂଗଠିତ କରି ଯୁଦ୍ଧକଲେ ମାତ୍ର ବଳି ଆସୁରୀମାୟା ପ୍ରୟୋଗ କରି ଅଦୃଶ୍ୟ ଭାବରେ ଦେବତାମାନଙ୍କ ଉପରେ ପର୍ବତ, ଶିଳା, ଦହ୍ୟମାନ ବୃକ୍ଷ, ବିଷଧର ସର୍ପ, ହିଂସ୍ରଜନ୍ତୁ, ଜ୍ୱଳନ୍ତ ଅଙ୍ଗାରମାନ ବୃଷ୍ଟି କରିବାକୁ ଲାଗିଲେ । ବାୟୁ ପ୍ରବଳ ଭାବରେ ବୋହିବା ସହ ସମୁଦ୍ର ଉଚ୍ଛୁଳିବା ଆରମ୍ଭ କଲା । ଦେବତାମାନେ ଆତଙ୍କିତ ହୋଇ ଭଗବାନ ବିଷ୍ଣୁଙ୍କୁ ସ୍ମରଣ କରିବାରୁ ପୀତବସନ ବନମାଳୀ ଅଷ୍ଟାୟୁଧଯୁକ୍ତ ହୋଇ ଗରୁଡ ପୃଷ୍ଠରେ ସେଠାରେ ଆବିର୍ଭୂତ ହେବାରୁ ଆସୁରୀମାୟା ତିରୋହିତ ହୋଇଗଲା । ଭଗବାନ ବିଷ୍ଣୁ ଚକ୍ର ପ୍ରୟୋଗ କରି କିଛି ଦୈତ୍ୟ ସେନାପତିଙ୍କୁ ସଂହାର କରିବାରୁ ଅସୁରମାନେ ଛତ୍ରଭଙ୍ଗ ଦେଇଥିଲେ ହେଁ ବଳି ସେମାନଙ୍କୁ ଏକତ୍ର କରି ଘୋର ଯୁଦ୍ଧକଲେ ।

### ୧୧ଶ ଅଧ୍ୟାୟ

### ।। ଦେବର୍ଷି ନାରଦଙ୍କ ଶାନ୍ତି ବିଧାନ ।।

ଇନ୍ଦ୍ର କହିଲେ, ରେ ମୂଢ, ତୁ ନଟ ପୁରୁଷ ଭଳି ମାୟା ସାହାଯ୍ୟରେ ମୋତେ ମୋହିତ କରି ଜୟଲାଭ କରିବାକୁ ଚାହୁଁଛୁ ? ତୁ ଯଦି ପ୍ରକୃତରେ ବୀର ତାହାଲେ ମୋର ବଜ୍ରକୁ ସମ୍ଭାଳ କହି ବଜ୍ର ନିକ୍ଷେପ କରିବାକୁ ଉଦ୍ୟତ ହୁଅନ୍ତେ ବଳି କହିଲେ, ହେ ଇନ୍ଦ୍ର ! ତୁ ଗୋଟେ ନିର୍ବୋଧ । ଯୁଦ୍ଧର ନିୟମ ଯେ କୌଣସି ଉପାୟରେ ଜିଣିବା । ଜୟକଲେ ଭୋଗ ନ ହେଲେ ସ୍ୱର୍ଗଲାଭ । ତୁ ଯୁଦ୍ଧରେ ହାରିଯାଇ ଏତେ ବ୍ୟସ୍ତ ହେଉଛୁ କାହିଁକି ? ଇନ୍ଦ୍ର ଭୟଙ୍କର ଭାବରେ ଅପମାନିତ ହୋଇ ବଜ୍ର ପ୍ରହାର କଲେ । ବଳି ବଜ୍ରର ପ୍ରହାରକୁ ସହ୍ୟ କରିନପାରି ଭୂପତିତ ହେବାଫଳରେ ବଳିଙ୍କ ସଖା ଜମ୍ଭାସୁର ଇନ୍ଦ୍ରଙ୍କ ସମ୍ମୁଖକୁ ଆସି ଗଦା ପ୍ରହାର କରି ଐରାବତକୁ ଭୂତଳଶାୟୀ କରିଦେଲା । ଇନ୍ଦ୍ର ମାତଳୀ ଆନିତ ରଥ ଆରୋହଣ ପୂର୍ବକ ଜମ୍ଭାସୁରର ଶିର ଛେଦନ କଲେ । ଅସୁର ଭ୍ରାତାମାନେ ଦେବର୍ଷିଙ୍କ ନିକଟରୁ ଏହି ସମ୍ବାଦ ପାଇ ସେଠାରେ ଉପସ୍ଥିତ ପୂର୍ବକ ଘୋର ଯୁଦ୍ଧକଲେ ଓ ଶରବର୍ଷା କରି ଇନ୍ଦ୍ରଙ୍କ ରଥକୁ ଲୁଚାଇଦେଲେ । ଦେବତାମାନେ ଇନ୍ଦ୍ରଙ୍କୁ ନଦେଖି ବ୍ୟାକୁଳ ହୁଅନ୍ତେ ଇନ୍ଦ୍ର ଶର ନିକ୍ଷେପ କରି ଶରବର୍ଷାକୁ କାଟି ସୂର୍ଯ୍ୟ ସମାନ ପ୍ରତିଭାତ ହୋଇ ଅନେକ ଅସୁର ନିପାତ କଲେ । ନମୁଚି ନାମକ ଏକ ରାକ୍ଷସ ଇନ୍ଦ୍ରଙ୍କ ସହ ପ୍ରବଳ ଯୁଦ୍ଧକରି ବ୍ୟତିବ୍ୟସ୍ତ କରି ପକାଇବାରୁ ଇନ୍ଦ୍ର ତା ଉପରେ ବଜ୍ର ପ୍ରହାର କଲେ ମାତ୍ର ତାହା ନମୁଚିର ଚର୍ମକୁ ମଧ୍ୟ ଭେଦ କରିପାରିଲା ନାହିଁ । ଇନ୍ଦ୍ର ମନେ ମନେ ବିଚାରିଲେ ବ୍ରହ୍ମତେଜର ନିର୍ମିତ ଏହି ଅସ୍ତ୍ର ଅସୁର ଉପରେ ନିସ୍ତେଜ ହୋଇଗଲା ଅର୍ଥ ଦଧୀଚିଙ୍କର ବ୍ରହ୍ମତେଜ ବ୍ୟର୍ଥ ହେଲା । ଏହି ସମୟର ଦୈବବାଣୀ ହେଲା ଏହି ଅସୁର ବରପ୍ରାପ୍ତ ଯେ, ଶୁଷ୍କ ବା ଆଦ୍ର କୌଣସି ଅସ୍ତ୍ରରେ ମରିବ ନାହିଁ, ସେଥିପାଇଁ ଅନ୍ୟ ଉପାୟ କର । ଇନ୍ଦ୍ର ଏହା ଶୁଣି ଫେନାସ୍ତ୍ର ପ୍ରୟୋଗ କରି ଦୈତ୍ୟର ଶିର ଛେଦନ କଲେ । ଅସୁର ସଂହାର ଦେଖି ସୃଷ୍ଟିକର୍ତ୍ତାଙ୍କ ମନରେ ଦୟା ଜାତ ହେବାରୁ ସେ ନାରଦଙ୍କୁ ଯୁଦ୍ଧକ୍ଷେତ୍ରକୁ ପ୍ରେରଣ କରି ଯୁଦ୍ଧର ଆଶୁ ସମାଧାନ ଚାହିଁଲେ । ନାରଦ ଯୁଦ୍ଧକ୍ଷେତ୍ରରେ ପହଁଚି ଦେବତାମାନଙ୍କୁ କହିଲେ, ତୁମେମାନେ ବିଷ୍ଣୁ ବଳରେ ବଳୀୟାନ, ଏବେ ଦାନବ ନିଧନରୁ ନିବୃତ୍ତ ହୁଅ । ଦେବତାମାନେ ମଧ୍ୟ ନାରଦଙ୍କ କଥାମାନି ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କଲେ । ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ସଂଜୀବନୀ ମନ୍ତ୍ର ସାହାଯ୍ୟରେ ଅସୁରମାନଙ୍କୁ ପନର୍ଜୀବିତ କରାଇଲେ ଏବଂ ବଳି ରାଜାଙ୍କୁ ଅମୃତ କର ସ୍ପର୍ଶ ଦ୍ୱାରା ପୂର୍ବବତ ସୁସ୍ଥ ଓ ଶକ୍ତିମାନ କରାଇଲେ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରଙ୍ଗ

# ମନୁଷ୍ୟ ନିଜେ ତାର ପରଜନ୍ମ ଚୟନ କରେ



## ଶ୍ୱେତା ରାଉତ୍

ଜଙ୍ଗଲରେ ଏକ ହରିଣକୁ ଦେଖି ସିଂହ ଆହାର ପାଇଁ ଗୋଡାଇବା ବେଳେ ଭୟଭୀତ ହୋଇ ହରିଣ ପାଖରେ ଥିବା ଗୋଟେ ପୋଖରୀକୁ ଡେଇଁ ପଡ଼ିଲା। ହରିଣଟି ଗର୍ଭବତୀ ଥିଲା, ସିଂହର ପ୍ରକୋପରେ ଭୟଭୀତ ହୋଇ ପୋଖରୀକୁ ଡେଇଁବା ବେଳେ ତା ଗର୍ଭରେ ଥିବା ଶିଶୁ ହରିଣ ବାହାରି ଆସି ପାଣିରେ ପଡ଼ିଗଲା। ପୋଖରୀ କୂଳରେ ଋଷି ଭରତ ତପସ୍ୟା କରୁଥିଲେ, ନବଜାତ ହରିଣ ଛୁଆଟିର ଶବ୍ଦ ଶୁଣି ଦେଖିଲେ କେତେ ବିକଳ ହୋଇ ପାଣି ଭିତରେ ଛୁଆଟି ଛଟପଟ ହେଉଛି ଓ ମାଆ ହରିଣର ମୃତ୍ୟୁ ହୋଇ ପୋଖରୀରେ ଭାସୁଛି। ଭରତ ଋଷିଙ୍କ ମନରେ ଖୁବ୍ ଦୟା ଓ କରୁଣା ଆସିଲା। ସେ ଅନାଥ ହରିଣ ଛୁଆଟିକୁ ନେଇ ପାଖରେ ରଖିଲେ।ଧୀରେ ଧୀରେ ଋଷିଙ୍କ ଲାଳନ ପାଳନରେ ଛୁଆଟି ବଡ ହେବାକୁ ଲାଗିଲା ଓ ଋଷିଙ୍କ ସହ ଏତେ ସ୍ନେହ ଭାବ ରଖି ମିଶୁଥିଲା ଯେ ତା ସ୍ନେହରେ ପାଗଳ ହୋଇ ଋଷି ଜପ, ତପ, ଯଜ୍ଞ ସବୁ ଭୁଲିବାକୁ ଲାଗିଲେ। ସବୁବେଳେ ହରିଣ ଛୁଆଟି ପ୍ରତି ବାତ୍ସଲ୍ୟ ଭାବ ରଖି ତାର ଖେଳ କୁଦ, ଆନନ୍ଦ ଦେଖି ଖୁସି ହେଉଥିଲେ ଯାହା ହେଉ ଈଶ୍ୱର ଏ ଅନାଥ ଛୁଆଟିର ଦେଖାଶୁଣା କରିବାର ଦାୟିତ୍ୱ ମୋତେ ଦେଇ ବାସ୍ତବରେ କେତେ ଆନନ୍ଦ ମୋତେ ଦେଇଛନ୍ତି। ହରିଣ ଛୁଆଟି ଋଷିଙ୍କୁ ହିଁ ତାର ସର୍ବସ୍ୱ ଭାବି ତାଙ୍କ ସହ ଖେଳିବା, ବେକରେ ମୁହଁ ରଖି ଗେଲ କରିଦେବା, ଦୃଷ୍ଟ ହେବା ସମୟରେ ଆକଟ କଲେ ଋଷି ପୁତ୍ରଙ୍କ ଭଳି କଥା ମାନି ନୀରବ ରହିଯିବା, ଋଷିଙ୍କୁ ଦଣ୍ଡେ ନଦେଖିଲେ ବ୍ୟାକୁଳ ହେବା, ଏସବୁ ଦେଖି ଋଷି ଭାରତ ବହୁତ ଖୁସି ହେଉଥିଲେ। ଦିନେ ହଠାତ୍ ହରିଣ ଛୁଆଟିକୁ ସେ ଦେଖିବାକୁ ପାଇଲେନି। ନିଜ ପୁତ୍ର ଭଳି ସ୍ନେହ କରୁଥିବା ହରିଣ ଛୁଆକୁ ନଦେଖି ଋଷି ଦୁଃଖରେ ଭାଙ୍ଗି ପଡ଼ିଲେ। 'କାଳେ କେଉଁ ବନ୍ୟ ପ୍ରାଣୀ ଆହାର କରିଦେଲା କି ମୋ ପିଲାଟିକୁ ? ସେ ମୋତେ କେତେ ଖୋଜିଥିବ, କେତେ ବ୍ୟାକୁଳ ଥିବ' ଏମିତି କେତେ ବିଚାର ଥିଲା ଋଷିଙ୍କ ମନରେ, ଦୁଃଖରେ ବିଳାପ କରୁ କରୁ ଋଷିଙ୍କ ଯମଲୋକ ଯିବା ସମୟ ଆସିଗଲା ଓ ଛୁଆ ହରିଣଟିର ଚିନ୍ତା ତାଙ୍କ ଚେତନାରେ ଥିବା ସମୟରେ ହିଁ ତାଙ୍କ ମୃତ୍ୟୁ ହୋଇଗଲା। ଭରତ ଋଷିଙ୍କର ଯେତେବେଳେ ପୁନଃ ଜନ୍ମର ସମୟ ଆସିଲା, ସେ ହରିଣ ଯୋନିରେ ଜନ୍ମ ନେଲେ କାରଣ ତାଙ୍କର ଶେଷ ଚେତନାରେ ହରିଣ ଥିଲା। ବର୍ଷ ବର୍ଷ ତପସ୍ୟା, ଯଜ୍ଞ, କର୍ମକାଣ୍ଡର ପୁଣ୍ୟ କରିଥିବା ଯୋଗୁଁ ହରିଣ ଜନ୍ମର କାରଣ ସେ ବୁଝି ପାରି ନିଜ ଅଧା ଶରୀରକୁ ପାଣିରେ ବୁଡାଇ ରଖି ଦୀର୍ଘ ତପସ୍ୟା ପରେ ବ୍ରାହ୍ମଣ ରୂପେ ଜନ୍ମ ନେଇଥିଲେ।

ମନୁଷ୍ୟ ମୃତ୍ୟୁ ସମୟରେ ତା ଆଖିରେ ଯେଉଁ ଛବି ଥାଏ, ସେହି ଯୋନିରେ ସେ ଜନ୍ମ ନିଏ ଓ ଯେଉଁ ବାଣୀ ବା ନାମ ତା ମୁଖରେ ଥାଏ ତାହା ହିଁ ପର ଜନ୍ମକୁ ବାନ୍ଧି ରଖେ। ଯଦି ମୃତ୍ୟୁ ସମୟରେ ପ୍ରଭୁଙ୍କ ନାମ ଥାଏ ତେବେ ପରମଗତି ପ୍ରାପ୍ତ ହୁଏ। କିନ୍ତୁ ଅନେକାଂଶରେ ତାହା ସମ୍ଭବ ହୁଏ ନାହିଁ, କାରଣ ମାୟା ଆମକୁ ଏମିତି କବଳିତ କରିଥାଏ ଯେ,ଶେଷ ସମୟରେ ବି ଆମ ମନରେ ଲୋଭ, ମୋହ, ଆସକ୍ତି ଆମକୁ ଈଶ୍ୱରଙ୍କ ବିମୁଖ କରାଇଦିଏ।ମନ ଥାଏ ଈଶ୍ୱରଙ୍କ ନାମ ସ୍ମରଣ କରିବା, କିନ୍ତୁ ମୋହ ଥାଏ ସ୍ତ୍ରୀ, ପିଲାଙ୍କୁ ଦେଖିବା, କିଛି ଗୁପ୍ତ କଥା କହିଦେବା, ଅବଶୋଷ ବଖାଣିବା, ଇଚ୍ଛା ପ୍ରକଟ କରିବା।ସମୟ ଶେଷ ହେବା ବେଳକୁ ମୋହ ଆହୁରି ଜାବୁଡ଼ି ଧରେ।ଦିନ ସାରା ବ୍ୟସ୍ତ ବହୁଳ ଜୀବନ ଭିତରେ ଅର୍ଥ ସାଉଁଟିବା, ପ୍ରତିପତ୍ତି ହେବା, ସୁଖଦ ଜୀବନ ବିତାଇବା, ଧନୀ ହେବା, ସୁବିଧାରେ ରହିବାର ଅହେତୁକ ଇଚ୍ଛା ଓ ସଂଘର୍ଷ, ଈଶ୍ୱରଙ୍କ ସହିତ ମଣିଷର ପ୍ରାକୃତିକ ସମ୍ପର୍କକୁ କାଟିଦିଏ। କୃତ୍ରିମ ପୂଜାବିଧିରେ ସକାଳୁ ମୁହୂର୍ତ୍ତେ ଈଶ୍ୱରଙ୍କ କାମରେ ବିତାଇ ଦେଲେ ଆମେ ଯେମିତି ଈଶ୍ୱରଙ୍କୁ ଦୟାକରି ବହୁତ କିଛି ଦେଇଦେଉ। ଋଷିଙ୍କ କାହାଣୀ କହିବାର ଅର୍ଥ ଥିଲା ଯେ ଆମେ ଯେଉଁ କର୍ମ ଦ୍ୱାରା ଅଭ୍ୟସ୍ତ ଥାଆନ୍ତି, ଯେଉଁ ବିଚାର ଅହରହ ମନରେ ଥାଏ ତାହାହିଁ ଆମ ଶେଷ ସମୟେ ଚେତନାରେ ରହିଯାଏ ଏବଂ ଅନ୍ତ ସମୟରେ ଥିବା ଚେତନା ଦ୍ୱାରା ଆମର ପରଜନ୍ମ ସ୍ଥିରୀକୃତ ହୋଇଥାଏ। ତେଣୁ ପରମ ସତ୍ତାଙ୍କ ଭାବ, ପ୍ରେମ,ଆହ୍ଲାଦ ଯଦି ଗୃହସ୍ଥ ଧର୍ମ ସହିତ ବି ଅହରହ ବିଚାରରେ, କର୍ମରେ, ଦାୟିତ୍ୱରେ, ମାନସିକତାରେ ଥାଏ, ତେବେ ଅନ୍ତ ସମୟରେ ବି ପ୍ରଭୁ ଚେତନାରେ ରହି ଆମର ଆତ୍ମାକୁ ମୋକ୍ଷ ଦେଇଥାନ୍ତି।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଦୋକାନର କ୍ୟାସ୍ କାଉଣ୍ଟର କେଉଁ ଦିଗରେ ରହିଲେ ମିଳିବ ଭଲ ଲାଭ, ଜାଣନ୍ତୁ କ'ଣ କହୁଛି ବାସ୍ତୁ

**ଦୋକାନ ଖୋଲିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଆଶା ଥାଏ କିପରି ବ୍ୟାପାର ଠିକ ରୂପେ ଚାଲିବ ଓ ସର୍ବଦା ଗ୍ରାହକଙ୍କ ଭିଡ଼ ଲାଗି ରହିବ । କିନ୍ତୁ ଏହିଭଳି ଭାଗ୍ୟ ସମସ୍ତଙ୍କର ହୋଇନଥାଏ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ କିଛି ଏପରି କିଛି ଦୋକାନ ରହିଛି, ଯେଉଁଠି ଦିନ ସାରା ବସିବା ପରେ ମଧ୍ୟ ଗ୍ରାହକ ଦୋକାନକୁ ଆସିନଥାନ୍ତି । ଏପରି କ୍ଷେତ୍ରରେ ହୁଏତ ଦୋକାନରେ କିଛି ବାସ୍ତୁ ଦୋଷ ଥାଇପାରେ। ଆଜି ଆମେ ଆପଣଙ୍କୁ କିଛି ଉପାୟ ବିଷୟରେ କହିବୁ, ଯାହାକୁ ଫଲୋ କଲେ ଦୋକାନ କରି ଆପଣ ହୋଇଯିବେ ମାଲାମାଲ।**



୧-ବାସ୍ତୁ ଅନୁଯାୟୀ, ଯେଉଁ ଦୋକାନର ମୁହଁ ପୂର୍ବ ଦିଗକୁ ହୋଇଥାଏ, ତାହା ସବୁଠୁ ଅଧିକ ଲାଭ ଦେଇଥାଏ । ଏହି ଦୋକାନର ଆୟ ବହୁତ ଭଲ ହୋଇଥାଏ। ସେହିପରି ଦକ୍ଷିଣ ମୁହାଁ ଦୋକାନ କେବେ ବି ଭଲ ଲାଭ ଦେଇ ପାରି ନଥାଏ।

୨-ଦୋକାନ ମାଲିକ ଅଥବା ସେଠାରେ କାମ କରୁଥିବା ସେଲ୍ସ ମ୍ୟାନ୍ ଯେବେ ବି ଅଫିସରେ କାମ କରନ୍ତି, ସେମାନଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ହେବା ଉଚିତ।

୩-ଯେଉଁ ଦୋକାନ ଆକାର ଆଗକୁ ଅଧିକ ସମ୍ପ୍ରସାରିତ ହୋଇଥାଏ, ଓ ପଛକୁ କମ୍ ଜାଗା ଥାଏ କିମ୍ବା ବିପରୀତ ହୋଇଥାଏ, ତା' ହେଲେ ଏହାକୁ ଶୁଭ ବୋଲି ଧରା ଯାଇ ନ ଥାଏ। ଦୋକାନ ଯଦି ବର୍ଗାକାର କିମ୍ବା ଆୟତକାର ଥିବ, ତା' ହେଲେ ଏହାକୁ ବେପାର ଲାଗି ଶୁଭ ବୋଲି ଧରା ଯାଇଥାଏ।

୪-ବାସ୍ତୁ ଅନୁଯାୟୀ, ନିଜ ଦୋକାନର ଅଳିଆ କେବି ବି ଅନ୍ୟ ଦୋକାନ ସମ୍ମୁଖରେ ପକାନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କ ଉନ୍ନତି ବାଧାପ୍ରାପ୍ତ ହେବ।

୫- ଦୋକାନ ପାଖରେ ଥିବା ସାମୂହିକ ଜାଗାରେ ମଧ୍ୟ ଅଳିଆ ଗଦା କରନ୍ତୁ ନାହିଁ। ଏହାଦ୍ୱାରା ସେହି ଜାଗାରେ ଥିବା ସମସ୍ତ ଦୋକାନ ମାଲିକ ଆଶାନୁରୂପ ସଫଳତା ପାଇ ପାରି ନ ଥାନ୍ତି।

୬-ଦୋକାନରେ ବସିବା ସମୟରେ ସବୁବେଳେ ଆପଣ ପୂର୍ବ ଦିଗରେ ବସନ୍ତୁ। ଯେପରି ଆପଣଙ୍କ ମୁହଁ ଉତ୍ତର ଦିଗକୁ ରହିବ। ଏହାଦ୍ୱାରା ଆଶାତୀତ ଲାଭ ହେବ।

# ଚକ୍ଷୁ ପାଇଁ ଯୋଗ

**ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।**

**ଶୀର୍ଷାସନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଟ୍ରେଡମିଲ୍‌ରେ ଟ୍ରମ୍ପ...

ଆମେରିକାର ନିବନିଯୁକ୍ତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ନୀତି ଓ ରାଷ୍ଟ୍ରବାଦୀ ଆଭିମୁଖ୍ୟ ବିଶ୍ୱ ବାଣିଜ୍ୟ ପ୍ରତି ଏକ ବିରାଟ ଆହ୍ୱାନ ସୃଷ୍ଟି କରିଛି। ବସ୍ତୁତଃ ବହୁଧ୍ରୁବୀୟ ବିଶ୍ୱବାଣିଜ୍ୟ ଆଗାମୀ ଦିନରେ ପୁଣି ଥରେ ଦ୍ୱିଧ୍ରୁବୀୟ ହେବାର ଅନୁମାନ କରାଯାଉଛି- ଯେଉଁଥିରେ ଗୋଟିଏ ପଟେ ଆମେରିକା ନେତୃତ୍ୱ ଓ ଅନ୍ୟପଟେ ଚୀନ୍ ଓ ୟୁରୋପୀୟ ସଂଘର ନେତୃତ୍ୱରେ ବିକାଶଶୀଳ ଦେଶମାନେ ରହିବେ। ଯଦି ଟ୍ରମ୍ପଙ୍କ ସାମ୍ପ୍ରତିକ ଶାସନ କାଳରେ ଏହା ବାସ୍ତବତାର ରୂପ ନିଏ ତେବେ ପ୍ରଥମ ବିଶ୍ୱବାଣିଜ୍ୟ ଯୁଦ୍ଧ ଅବଶ୍ୟାମ୍ଭାବୀ ବୋଲି କୁହାଯାଇପାରେ। ଏହି ଯୁଦ୍ଧର ତତ୍କାଳ ଫାଇଦା ନା ତ ଆମେରିକାକୁ ମିଳିବ ନା ଚୀନ୍ କିମ୍ବା ୟୁରୋପୀୟ ସଂଘ ପାଇବେ। ଅଧିକନ୍ତୁ ଦୀର୍ଘମିଆଦୀ କାଳରେ ବିକାଶଶୀଳ ଦେଶମାନେ ଏହି ଯୁଦ୍ଧର ସର୍ବାଧିକ କ୍ଷତି ସହିବେ। ବିଶ୍ୱ ବାଣିଜ୍ୟ ଯୁଦ୍ଧର ପ୍ରାକ୍ ବା ବର୍ତ୍ତମାନର ସ୍ଥିତି ଅନୁମାନ କରାଯାଉ। ବିନିର୍ମାଣ ଓ ରପ୍ତାନୀ ବାଣିଜ୍ୟ ଉପରେ ନିର୍ଭରଶୀଳ ଚୀନ୍‌ର ଅର୍ଥନୀତିର ସ୍ଥିତି ଆମେରିକା ତୁଳନାରେ ଉତ୍ତମ। ଆମେରିକାକୁ ଚୀନ୍‌ର ବାଣିଜ୍ୟ ବଳକା ବା ଆମଦାନୀ ତୁଳନାରେ ରପ୍ତାନୀ ପରିମାଣ ଗତ ଆର୍ଥିକ ବର୍ଷରେ ଅଧିକ ୧ ଲକ୍ଷ କୋଟି ଡଲାର ଟପିଛି। ତେଣୁ ମୂଳଚାଲ୍ ସ୍ଥିତିରେ ଚୀନ୍‌ର ଆଧିପତ୍ୟ ଭାରି ଜଣାପଡୁଛି। ଗତବର୍ଷକ ମଧରେ ଚୀନ୍‌ର ବହିଃବାଣିଜ୍ୟ ୧୨% ବୃଦ୍ଧି ଘଟିଛି। ତେଣୁ ଚୀନ୍‌ରୁ ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ଅତିରିକ୍ତ ୧୦% ସୀମାଶୁଳ୍କ ଓ ଆମଦାନୀ ଶୁଳ୍କ ବୃଦ୍ଧି ଘୋଷଣା କରିବା ପରେ ଚୀନ୍ ତତ୍କାଳ ପାଲଟା ଜବାବ ଦେଇଛି। ସେମିକଣ୍ଡକ୍ଟର ନିର୍ମାଣରେ ବ୍ୟବହୃତ କେତେକ କଞ୍ଚାମାଲ୍‌ର ଆମେରିକା ରପ୍ତାନୀକୁ ଚୀନ୍ ସ୍ଥଗିତ କରିଛି। ଏହିସବୁ କଞ୍ଚାମାଲ୍ ଚୀନ୍‌ରୁ ଆମଦାନୀ କରୁଥିବା ଅନ୍ୟଦେଶମାନଙ୍କଠାରୁ ଆମେରିକା କିଣିବାର ଯୋଜନାରେ ଥିବାରୁ ଚୀନ୍ ସତର୍କ ହୋଇ ସେହି ଦେଶମାନଙ୍କ ଉପରେ କଟକଣା ଜାରି କରିଛି। ଗୁଗୁଲ୍‌ର କାର୍ଯ୍ୟାବଳୀ ଉପରେ ଚୀନ୍ ଅନୁସନ୍ଧାନ ଆରମ୍ଭ କରିବା ସହିତ ଆମେରିକୀୟ ଉତ୍ପାଦ ଏବଂ ଆମେରିକାରୁ ଆମଦାନୀ ହେଉଥିବା ତରଳ ପ୍ରାକୃତିକ ବାଷ୍ପ, କୋଇଲା, କୃଷି ଉପକରଣ ଉପରେ ୧୫% ଶୁଳ୍କ ବୃଦ୍ଧି କରିଛି। ଆମେରିକା-ଚୀନର ଏହି ବାଣିଜ୍ୟ ଯୁଦ୍ଧରେ ଆମେରିକାବାସୀଙ୍କ ପାରିବାରିକ ଖର୍ଚ୍ଚ ବାର୍ଷିକ ୧୨୦୦ ଡଲାର ପର୍ଯ୍ୟନ୍ତ ବଢ଼ିଯିବ ବୋଲି ଆକଳନ କରାଯାଇଛି। ଏଥିରେ ଚୀନ୍‌ର ବିବଶତା ବା ଦୁର୍ବଳତା ହେଲା ଆମେରିକୀୟ ଡଲାର ତୁଳନାରେ ୟୁଆନ୍‌ର କ୍ରମାଗତ ମୂଲ୍ୟ ହ୍ରାସ। ତେଣୁ ଚୀନ୍‌ର ରପ୍ତାନୀ ବାଣିଜ୍ୟ ବୃଦ୍ଧି ପାଉଥିଲେ ମଧ ତଦନୁଯାୟୀ ଆର୍ଥିକ ଦୃଷ୍ଟିରୁ ଲାଭବାନ ହୋଇପାରୁନାହିଁ। ଏଭଳି ପରିସ୍ଥିତି ଟ୍ରମ୍ପଙ୍କ ପ୍ରଥମ ଶାସନକାଳରେ ମଧ ଦେଖାଦେଇଥିଲା। ୨୦୧୮ରେ ଆମେରିକାର ଚୀନ୍ ଉପରେ ବାଣିଜ୍ୟ କଟକଣା ଲାଗୁ ପରେ ୨୦୨୦ରେ ପୁଣି ଥରେ ଦୁଇ ଦେଶ ଆପୋସ ବୁଝାମଣା କରିବାକୁ ବାଧ ହୋଇଥିଲେ। ତେଣୁ ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ବୃଦ୍ଧି ଜରିଆରେ ବିଶ୍ୱ ବାଣିଜ୍ୟରେ ଆଧିପତ୍ୟ ପାଇଁ ଚୀନ୍‌ରୁ ଆରମ୍ଭ କରିଥିବା ଦୌଡ଼ ପୁଣି ଟ୍ରେଡମିଲ୍ ସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ମଧ ଏଡ଼ାଇ ଦେଇହେଉନାହିଁ। ସେହିଭଳି ୨୭ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ୟୁରୋପୀୟ ସଂଘକୁ ମଧ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ସେହିସବୁ ରାଷ୍ଟ୍ରରୁ ଆମେରିକା ବିପୁଳ ପରିମାଣର କାର, ଖାଦ୍ୟ ସାମଗ୍ରୀ ଓ କୃଷିଜାତ ସାମଗ୍ରୀ ଆମଦାନୀ କରୁଥିବା ବେଳେ ୟୁରୋପୀୟ ସଂଘ ଆମେରିକାର କାର କିଣୁ ନଥିବାରୁ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି। ତେଣୁ ୟୁରୋପୀୟ ସଂଘରୁ ଆମଦାନୀ ଉପରେ ଟ୍ରମ୍ପ ଟିକସ ବୃଦ୍ଧି କରିବାର ଯୋଜନାରେ ଅଛନ୍ତି। ଅପରପକ୍ଷରେ ଆମେରିକୀୟ କାରଗୁଡ଼ିକର ବିଭିନ୍ନ ଅଂଶ ମେକ୍ସିକୋ ଓ କାନାଡ଼ାରେ ନିର୍ମାଣ ହୋଇ ଆମେରିକାକୁ ଆସୁଛି ଏବଂ ଆମେରିକାରେ ସେହିସବୁ ଅଂଶ ଯୋଡ଼ା ଯାଇ ଆମେରିକୀୟ କାର ଭାବେ ବିଶ୍ୱ ବଜାରରେ ବିକ୍ରି ହେଉଛି। ତେଣୁ ଯଦି ମେକ୍ସିକୋ ଓ କାନାଡ଼ା ଉପରେ ଟିକସ ଲାଗୁ ହୁଏ ତେବେ ସେଠାରୁ ଆମଦାନୀ ଯନ୍ତ୍ରାଂଶ ଅଧିକ ମହଙ୍ଗା ହେବ ଏବଂ ଆମେରିକା ହିଁ ଅଧିକ କ୍ଷତି ସହିବ। ୟୁରୋପୀୟ ସଂଘ ଉପରେ ଟିକସ କଟକଣା ଲାଗୁ ହେଲେ ୟୁରୋପୀୟମାନେ ଏପରିକି ଆମେରିକାବାସୀ ମଧ ଆମେରିକା କାର ନ କିଣି ଜାପାନ, ଜର୍ମାନୀ ଓ ଦକ୍ଷିଣ କୋରିଆ ନିର୍ମିତ କାର ସୁଲଭ ମୂଲ୍ୟରେ କିଣିବାକୁ ପସନ୍ଦ କରିବେ। ମେକ୍ସିକୋ ଓ କାନାଡ଼ା ବାଣିଜ୍ୟ ମଧ ୟୁରୋପ ମୁହାଁ ହେବେ। ଏହି କାରଣରୁ ମେକ୍ସିକୋ ଓ କାନାଡ଼ା ଉପରେ ଲାଗୁ ହୋଇଥିବା ୨୫% ଶୁଳ୍କ ବୃଦ୍ଧି ନିର୍ଦ୍ଦେଶନାମାକୁ ଟ୍ରମ୍ପ ଶେଷ ମୁହୂର୍ତ୍ତରେ ପ୍ରତ୍ୟାହାର କରି ନେଇଛନ୍ତି। ଏହା ହିଁ ଟ୍ରମ୍ପଙ୍କ ଟିକସ-ଟ୍ରେଡମିଲ୍ ଦୌଡ଼କୁ ଆହୁରି ଅଧିକ ସ୍ପଷ୍ଟ ଭାବେ ଚିତ୍ରିତ କରୁଛି। ବାଣିଜ୍ୟ ବିଶ୍ୱଯୁଦ୍ଧରେ ଟ୍ରମ୍ପ ଯଦି ନିଜ ପାଖରେ ଥିବା ବ୍ରହ୍ମାସ୍ତ୍ର – 'ବିଶ୍ୱ ବାଣିଜ୍ୟ ସଂଗଠନ ବା ଡବ୍ଲୁଟିଓକୁ ଭାଙ୍ଗି ଦେବାର ଯୋଜନା'କୁ ବାସ୍ତବ ରୂପ ଦିଅନ୍ତି ତେବେ ଏହି ଯୁଦ୍ଧର ପରିଣାମ ଭୟାବହ ହେବ। ୨୦୧୯ରୁ ଡବ୍ଲୁଟିଓର ଅଭିଯୋଗ ସମାଧାନ ପାଇଁ ଗଠିତ ମଞ୍ଚକୁ ଟ୍ରମ୍ପ ଭାଙ୍ଗି ଦେଇଥିବାରୁ ଟିକସ ବୃଦ୍ଧି-ହ୍ରାସ କିମ୍ବା ବାଣିଜ୍ୟ ପାତରଅନ୍ତର ନୀତି ବିରୋଧରେ କୌଣସି ରାଷ୍ଟ୍ର ଅଭିଯୋଗ କରିପାରିବେ ନାହିଁ କି ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଡବ୍ଲୁଟିଓ ଭାଙ୍ଗି ଗଲେ ଆମେରିକା ୧୯୯୫ ମସିହା ପୂର୍ବବର୍ତ୍ତୀ ସ୍ଥିତିକୁ ଫେରି ଅଧିକ ଶକ୍ତିଶାଳୀ ହେବ। ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ପରିଚାଳନାରେ ଆମେରିକାର କର୍ତ୍ତୃତ୍ୱ ଥିବାରୁ ବିକାଶଶୀଳ ଦେଶମାନଙ୍କ ଉପରେ ନିଜର ଆର୍ଥିକ ଆଧିପତ୍ୟ ଓ ବାଣିଜ୍ୟ କଟକଣା ଜାହିର କରିବ। ଏ କ୍ଷେତ୍ରର ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କ ଉପରେ ଆଧିପତ୍ୟ ବିସ୍ତାର ପାଇଁ ଚୀନ୍‌ର ସାମ୍ପ୍ରତିକ ରଣକୌଶଳ ଗୌଣ ହୋଇଯିବ। ଚୀନ୍‌ର ଜିଡିପିରେ ୬% ପର୍ଯ୍ୟନ୍ତ ହ୍ରାସ ଘଟିବ।

କବିତା କୋଣାର୍କ

## ତୁମେ ଓ ତୁମ ଠୁ ଦୂରରେ...ମୁଁ

ପ୍ରିୟଦର୍ଶିନୀ ନାୟକ

ଆକାଶ ବୁକୁକୁ ଛୁଇଁଲା ଆଶା
ତନୁରେ ଜାଗିଲା ତୁମ
ପ୍ରେମ ନିଶା...।
ତୁମକୁ ଖୋଜିଲି ଭାବନାର ବନେ
କବି ପଲଟିଲି ମୁଁ ମନେ ମନେ ।
ଆସ ଆମେ ଦୁହେଁ ବସିବା
ଏଇ ନିକାଞ୍ଚନ ବେଳାଭୂମିରେ ...।
ମନ ଖୋଲି କଥା ହେବା
ପବନର ଧୀର ଗତିରେ ।
ମଳୟର ସୁଲୁ ସୁଲିଆ
ପବନର ଧୀର ଗତି
ମନରେ ଭାରି ଦଉଛି
ଅନେକ ଗୁଡ଼ିଏ ସ୍ମୃତି ।
ମନେ ପଡେ ଆଜି
ତୁମର ସେ ପାଗଳାମି
ତୁମର ସେ ଚୋରା
ଚାହାଣୀର ଖେଳ।
ଆଇନା ଆଗରେ ଠିଆ ମୁଁ ହୋଇଲେ
ପଛୁ ତୁମେ ଭିଡ଼ି ଧର......
ମଳୟ ଆଉଜା ମୁକୁତା ସାଉଁଟି
ପୁଲକିତ ମରୁତଳ ...।
ବିବାହର ଦୁଇ ମାସେ
ତୁମେ ମତେ ଜନିଗଲ
ପ୍ରେମର ଅବବୋଧତାକୁ
ତୁମେ ମତେ ଜଣାଇଲା।
ପାଠ ପଢିବା ପାଇଁ ତୁମଠାରୁ
ଦୂରରେ ରହି
ଅଝଟ ହୋଇ ନାହିଁ ପ୍ରେମ
ଟିକେ ତୁମ ପାଇଁ ।
ମତେ ଟିକେ ଦେଖା କରିବା ପାଇଁ
ଧଇଁ ଆସ ତୁମେ ଅଫିସରେ
ମିଛ କହି।
ସାର୍ ପଚାରିଲେ କହି ଦେଉଥିଲ
ସାର୍ ଦେହ ଜମା ଭଲ ନାହିଁ.....।
ତୁମେ ଆସିଲା ପରେ ,
ମୁଁ ମୁକ୍ତ ଆକାଶର ପକ୍ଷୀ ।
ଏକାକୀ ଜୀବନ ମୃତକ ସମାନ
ବଞ୍ଚିବାଟା ବଡ ସଜା ...।
ମୁକ୍ତ ଆକାଶର ବିହଙ୍ଗଟେ ପରି
ଚାଲ ଆମେ ଉଡ଼ି ଯିବା.....।



# ବଜେଟରେ ଗରିବଙ୍କୁ ଅଣଦେଖା

### ଡକ୍ଟର ଲକ୍ଷ୍ମଣ ସାହୁ

ନିକଟରେ କେନ୍ଦ୍ରର ବଜେଟ୍ ୨୦୨୫-୦୨୬ ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅର୍ଥନୈତିକ ଅଭିବୃଦ୍ଧିକୁ ଉତ୍ସାହିତ କରିବା, ମଧ୍ୟବିତ୍ତ ଲୋକଙ୍କୁ ଆରାମ ପ୍ରଦାନ କରିବା ଓ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ଏହି ବଜେଟରେ ଆୟକର ଛାଡର ସୀମା ବାର୍ଷିକ ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଯାହା ମଧ୍ୟବିତ୍ତ ଲୋକଙ୍କ କ୍ରୟ ଶକ୍ତି ବୃଦ୍ଧି କରିବ ଓ ବ୍ୟବହାର ବୃଦ୍ଧି ପାଇବ । ଏଥିସହ କୃଷି କ୍ଷେତ୍ରରେ ଡାଲି ଓ କପା ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ମିଶନ ଆରମ୍ଭ କରାଯାଇଛି । କୃଷକଙ୍କ ପାଇଁ ଋଣ ସୀମା ବୃଦ୍ଧି କରାଯାଇଛି । ଏପରିକି କ୍ଷୁଦ୍ର ଉଦ୍ୟୋଗଗୁଡିକର ସମର୍ଥନରେ ସରକାର ନୂତନ ପ୍ରୋତ୍ସାହନ ଏବଂ ପାଣ୍ଠି ଘୋଷଣା କରିଛନ୍ତି । ଯାହା ନବସୃଜନ ଓ ଉଦ୍ୟୋଗକୁ ବୃଦ୍ଧି କରିବ । ସଡକ, ରେଳ ଓ ବାୟୁ ସଂଯୋଗରେ ଉନ୍ନତି ଆଣିବା ଉପରେ ଭିତ୍ତିଭୂମି ବିକାଶ ପାଇଁ ୫୦.୬୫ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ୩୦୨୫-୦୨୬ ଆର୍ଥିକ ବର୍ଷ ପାଇଁ ସରକାର ଜିଡିପିର ୪.୪ ପ୍ରତିଶତ ଆର୍ଥିକ ନିଅଣ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ଯାହା ଗତ ବର୍ଷ ୪.୮ ପ୍ରତିଶତ ଥିଲା ।

କେତେକ ବିଶେଷଜ୍ଞ ଏହି ବଜେଟର ସମାଲୋଚନା ଭାବରେ ବିଶ୍ୱାସ କରନ୍ତି ଯେ ରାଜସ୍ୱ ଅଭିବୃଦ୍ଧି ସୀମିତ ହୋଇପାରେ, ଯେତେବେଳେ ପୁଞ୍ଜି ବ୍ୟୟ ଉପରେ ଗୁରୁତ୍ୱ ଦିଆଯାଇଛି । ଏହା ବ୍ୟତୀତ ଘରୋଇ ପୁଞ୍ଜି ବିନିଯୋଗ ଓ ନିଯୁକ୍ତି ସୃଷ୍ଟିରେ ଆଶା କରାଯାଉଥିବା ଅଭିବୃଦ୍ଧି ଅଭାବକୁ ନେଇ ଚିନ୍ତା ପ୍ରକଟ କରାଯାଇଛି । ତେବେ ବଜେଟରେ ଘୋଷିତ ଟିକସ ହ୍ରାସ ଓ ଅନ୍ୟାନ୍ୟ ପ୍ରୋତ୍ସାହନ ମଧ୍ୟବିତ୍ତଙ୍କ ଖର୍ଚ୍ଚ ଶକ୍ତି ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ଯାହା ଅର୍ଥନୈତିକ ଅଭିବୃଦ୍ଧି ଘଟାଇପାରେ । କୃଷି କ୍ଷେତ୍ରକୁ ମଜବୁତ କରିବା ପାଇଁ ବଜେଟରେ କିଛି ପ୍ରମୁଖ ଘୋଷଣା କରାଯାଇଛି । ଡାଲି ଓ କପା ଉତ୍ପାଦନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ମିଶନ ଆରମ୍ଭ କରାଯାଇଛି । ଯାହା ଘରୋଇ ଯୋଗାଣ ବୃଦ୍ଧି କରିବ ଓ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ ।

କୃଷକମାନଙ୍କୁ ସୁଧମୁକ୍ତ ଓ ସବସିଡି ଋଣ ଯୋଗାଇବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି । ଯାହା କ୍ଷୁଦ୍ର ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇବ । ଗ୍ରାମୀଣ ଭିତ୍ତିଭୂମି ଓ କୃଷିଜାତ ଦ୍ରବ୍ୟ ପାଇଁ ସଂରକ୍ଷଣ ସୁବିଧା ପାଇଁ ମଧ ଅର୍ଥ ଆବଣ୍ଟନ କରାଯାଇଛି, ଯାହା କୃଷକମାନଙ୍କୁ ସେମାନଙ୍କ ଫସଲ ପାଇଁ ଉଚିତ ମୂଲ୍ୟ ପାଇବାରେ ସାହାଯ୍ୟ କରିବ । ଏହା ବ୍ୟତୀତ ଜୈବ ଓ ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଆଲୋଚନା କରିଛନ୍ତି । କିନ୍ତୁ ଏଥିପାଇଁ କୃଷକମାନଙ୍କ ମଧ୍ୟରେ ଅଧିକ ବୈଷୟିକ ସହାୟତା ଓ ସଚେତନତା ଆବଶ୍ୟକ ହେବ । ଯଦି ଏହି ପଦକ୍ଷେପ ସଠିକ୍ ଭାବରେ କାର୍ଯ୍ୟକାରୀ ହୁଏ ନାହିଁ, ଏହା କେବଳ କାଗଜରେ ସୀମିତ ରହିପାରେ । ବଜେଟରେ କୃଷିକୁ ସାମଗ୍ରିକ ସହାୟତା ପ୍ରଦାନ କରାଯାଇଛି, କିନ୍ତୁ କୃଷକ ସଂଗଠନର କିଛି ପ୍ରମୁଖ ଦାବିକୁ ଅଣଦେଖା କରାଯାଇଛି ।

ଶିକ୍ଷା କ୍ଷେତ୍ର ପାଇଁ ବଜେଟ୍ ୨୦୨୫-୦୨୬ ଡିଜିଟାଲ୍ ଶିକ୍ଷା, ଗବେଷଣା ଓ ନବସୃଜନ ତଥା ଉଚ୍ଚଶିକ୍ଷାରେ ସଂସ୍କାର ଘୋଷଣା କରିଛି । ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀଗୃହ ଓ ଡିଜିଟାଲ ଶିକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅତିରିକ୍ତ ବଜେଟ୍ ଆବଣ୍ଟନ କରିଛନ୍ତି । ଯୁବକମାନଙ୍କୁ ଅଧିକ ନିଯୁକ୍ତି ଦେବା ପାଇଁ ଧନ୍ଦାମୂଳକ ଶିକ୍ଷା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ମଜବୁତ କରିବା ପାଇଁ ନୂତନ ବ୍ୟବସ୍ଥା କରାଯାଇଛି । ତଥାପି ଶିକ୍ଷା କ୍ଷେତ୍ର ସମ୍ବନ୍ଧରେ ଏହି ଗୁରୁତ୍ୱପୂର୍ଣ୍ଣ ବଜେଟରେ କିଛି ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ରହିଛି । ପ୍ରାଥମିକ ଓ ମାଧମିକ ଶିକ୍ଷା ପାଇଁ ବଜେଟରେ କୌଣସି ବୃଦ୍ଧି ହୋଇନାହିଁ । ଯାହାକି ସରକାରୀ ବିଦ୍ୟାଳୟଗୁଡ଼ିକର ଗୁଣବତ୍ତା ଉନ୍ନତି ପାଇଁ ପରିସରକୁ ସୀମିତ କରିପାରେ । ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟ ଭିତ୍ତିଭୂମି ଓ ଗ୍ରାମାଞ୍ଚଳରେ ଶିକ୍ଷକଙ୍କ ଦରମା ସହ ଜଡିତ ପ୍ରସଙ୍ଗଗୁଡ଼ିକ ଏପର୍ଯ୍ୟନ୍ତ ସେମିତି ପୂର୍ବବତ୍ ରହିଆସିଛି, କିନ୍ତୁ ଏହି ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ । ଉଚ୍ଚଶିକ୍ଷା କ୍ଷେତ୍ରରେ ଗବେଷଣା ଓ ନୂତନତ୍ୱର ପ୍ରୋତ୍ସାହନ ଯୋଗାଇବା ପାଇଁ ବଜେଟରେ କିଛି ବ୍ୟବସ୍ଥା କରାଯାଇଛି, କିନ୍ତୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ପାଇଁ ଅତିରିକ୍ତ ସମ୍ବଳର ଆବଶ୍ୟକତା ଅନୁଭବ ହେଉଛି । ଭାରତରେ ଏବେ ମଧ ଦାବି ହେଉଛି ଉଚ୍ଚଶିକ୍ଷା ଓ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ଫି ଗଠନକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ସ୍ପଷ୍ଟ ନୀତି ନାହିଁ ।

ବଜେଟ୍ ୨୦୨୫-୦୨୬ ଦାରିଦ୍ର୍ୟ, ମୁଦ୍ରାସ୍ଫୀତି ଓ ବେକାରୀ ସମସ୍ୟାକୁ ମୁକାବିଲା କରିବା ପାଇଁ କିଛି ସକରାତ୍ମକ ପ୍ରୟାସ କରିଛି, କିନ୍ତୁ ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅଣଦେଖା କରାଯାଇଛି । ସରକାର ମଧ୍ୟବିତ୍ତ ଲୋକଙ୍କୁ ଟିକସ ଛାଡ କରିଛନ୍ତି, କିନ୍ତୁ ଗରିବ ଲୋକଙ୍କ ପାଇଁ କୌଣସି ପ୍ରମୁଖ ନଗଦ ସହାୟତା ଯୋଜନା ନାହିଁ । ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ କିଛି ପଦକ୍ଷେପ ନିଆଯାଇଛି । କିନ୍ତୁ ପେଟ୍ରୋଲ-ଡିଜେଲ ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ପ୍ରୟାସ କରାଯାଇ ନାହିଁ । ନିଯୁକ୍ତି ସୃଷ୍ଟି ପାଇଁ ଭିତ୍ତିଭୂମି ଓ ଗ୍ରାମାଞ୍ଚଳ କ୍ଷେତ୍ରକୁ ପ୍ରୋତ୍ସାହିତ କରାଯାଇଛି, କିନ୍ତୁ ସରକାରୀ ଚାକିରୀ ବୃଦ୍ଧି ପାଇଁ କୌଣସି ଯୋଜନା ଦିଆଯାଇ ନାହିଁ । ବଜେଟରେ ମଧ୍ୟବିତ୍ତ ତଥା ଗରିବ ଲୋକଙ୍କୁ ରିଲିଫ ଯୋଗାଇବା ପାଇଁ ସରକାର କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ଯାହା ମଧ୍ୟବିତ୍ତ ଲୋକଙ୍କୁ ଆତ୍ମବିଶ୍ୱାସ ଦେବ, କିନ୍ତୁ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ପାଇଁ ଏହି ରିଲିଫ ଅପ୍ରାସଙ୍ଗିକ ନୁହେଁ । ସରକାର ଉଜ୍ଜ୍ୱଳା ଯୋଜନା, ପ୍ରଧାନ ମନ୍ତ୍ରୀଙ୍କ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ମନେରେଗା (ଗଏଘଜରଏଇ) ଭଳି ଯୋଜନା ଜାରି ରଖିଛନ୍ତି । କିନ୍ତୁ ଏହି ଯୋଜନାଗୁଡିକ ପାଇଁ ଆବଣ୍ଟିତ ବଜେଟ୍ ଆଶା କରାଯାଉଥିବା ପରି ବୃଦ୍ଧି କରାଯାଇ ନାହିଁ ।

ଅସଂଗଠିତ କ୍ଷେତ୍ରର କର୍ମଚାରୀ ଓ ଦୈନିକ ମଜୁରୀ ରୋଜଗାରକାରୀଙ୍କ ଆର୍ଥିକ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇ ଗରିବ ଲୋକଙ୍କୁ ସିଧାସଳଖ ନଗଦ ସହାୟତା ଯୋଗାଇବା ପାଇଁ କୌଣସି ନୂତନ ଯୋଜନା ଆରମ୍ଭ ହୋଇନାହିଁ । ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହ୍ରାସ କରିବା ପାଇଁ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ବିସ୍ତାର କରାଯିବାର ଥିଲା, କିନ୍ତୁ ବଜେଟ୍ ଆବଣ୍ଟନ ବୃଦ୍ଧି କରିବା ପରିବର୍ତ୍ତେ ଏହାକୁ ଗତ ବର୍ଷ ସ୍ତରରେ ରଖାଯାଇଛି । ଦାରିଦ୍ର୍ୟ ଦୂରୀକରଣ ଦିଗରେ ସରକାର ବଜେଟରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନାହିଁ ।

ସରକାର କିଛି ଖାଦ୍ୟ ସାମଗ୍ରୀ ଉପରେ ଟିକସ ହ୍ରାସ କରିଛନ୍ତି । କିନ୍ତୁ ପେଟ୍ରୋଲ-ଡିଜେଲ ଉପରେ ଏକ୍ସାଇଜ୍ ଶୁଳ୍କ ହ୍ରାସ କରିବାକୁ କୌଣସି ଘୋଷଣା କରାଯାଇ ନାହିଁ । ଯାହା ପରିବହନ ଖର୍ଚ୍ଚରେ କୌଣସି ଆରାମ ପ୍ରଦାନ କରିବ ନାହିଁ ଓ ଦ୍ରବ୍ୟ ମୂଲ୍ୟ ଉପରେ ପ୍ରଭାବ ପକାଇପାରେ । ଖୁଚୁରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଖାଦ୍ୟ ଏବଂ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ଉପରେ ସରକାର ଅଧିକ ନିୟନ୍ତ୍ରଣ କରିବା ଉଚିତ୍ । ତେବେ ଆର୍ଥିକ ନିଅଣ୍ଟକୁ ୪.୪ ପ୍ରତିଶତକୁ ହ୍ରାସ କରିବାକୁ ସରକାର ଏକ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଯାହା ମୁଦ୍ରାସ୍ଫୀତିର ମଧ୍ୟମ ଧରଣର ସମ୍ଭାବନା ରହିଛି । କିନ୍ତୁ ଏହି ଲକ୍ଷ୍ୟ କେତେ ସଫଳ ହେବ ତାହା ସମୟ କହିବ । ବଜେଟ୍ ୨୦୨୫-୦୨୬ ଷ୍ଟାର୍ଟ ଅପ୍ ଓ କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ବିଷୟରେ କହିଛି, ଯାହା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ । ଭିତ୍ତିଭୂମି ବିକାଶ ପାଇଁ ସରକାର ୫୦.୬୫ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରିଛନ୍ତି । ଯାହା ନିର୍ମାଣ କ୍ଷେତ୍ରରେ ଚାକିରି ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

ତେବେ ସରକାରୀ ଚାକିରି ସଂଖ୍ୟାରେ କୌଣସି ବିଶେଷ ବୃଦ୍ଧି ଘଟିନାହିଁ । ବଜେଟରେ ମନେରେଗା (ଗଏଘଜରଏଇ) ପରି ଯୋଜନା ବୃଦ୍ଧି କରାଯାଇ ନାହିଁ, ଯାହା ଗ୍ରାମାଞ୍ଚଳରେ ବେକାରୀ ହ୍ରାସ କରିବାର ସମ୍ଭାବନାକୁ ସୀମିତ କରିଥାଏ । ଆଇଟି ସେବା କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି ପାଇଁ କୌଣସି ନିର୍ଦ୍ଦିଷ୍ଟ ଯୋଜନା ନାହିଁ, ଯାହା ସହରୀ ବେକାରୀ ସମସ୍ୟାକୁ ଚିରସ୍ଥାୟୀ କରିପାରେ...!!!

ଊ ତାରା ନିଳୟ,
ପ୍ଲଟ: ୮୫୪/ଏ
ଚାଚରା ଶବର ସାହି , ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା: ୫୫



# ଅନୀତି, ଦୁର୍ନୀତି ଓ ବିଚିତ୍ର ନୀତିର କ୍ୟାନସର ସହ ରହିବାକୁ ପଡ଼ିବ

### ତ୍ରିନାଥ ଓଝା

ଓଡ଼ିଶା ବହୁତ ଆଗେଇବ, ଦେଶର ପ୍ରଗତିରେ ଓଡ଼ିଶା ଏକ ଅଭିବୃଦ୍ଧିର ଇଞ୍ଜିନ ସାଜିବ। ନୂଆଦିଲ୍ଲୀ ଓ ଭୁବନେଶ୍ୱରରେ ଏହିପରି ଡବଲ ଇଞ୍ଜିନର ସରକାର ଓଡ଼ିଶାର ବିକାଶ ଧାରାକୁ ଆହୁରି ଆଗେଇ ନେବେ। ଓଡ଼ିଶା ବିକାଶରେ ବହୁତ ଦ୍ରୁତଗତିରେ ଦୌଡୁଛି। ଓଡ଼ିଶାରେ ନିକଟରେ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଦେଶ ବିଦେଶର ଶିଳ୍ପପତିମାନେ ଓଡ଼ିଶାକୁ ସୁନାରେ ପରିଣତ କରିଦେବେ ବୋଲି ଖବର ପ୍ରକାଶ ପାଇଛି। ଜଣେ ଓଡ଼ିଆ ଭାବେ ମୁଁ ଅତ୍ୟନ୍ତ ଖୁସି ଓ ଭାଗ୍ୟବାନ ଯେ ସତରେ ଆମ ଭାଗ୍ୟ ପରିବର୍ତ୍ତନ ହେବାକୁ ଯାଉଛି। ଠିକ ଏହିପରି ସମୟରେ ଓଳିଆରୁ ଗଜା ହେବା ପରି ସ୍ମାର୍ଟ ଫୋନରେ ସ୍ମାଟ ହେଉଥିବା ଆମ ପିଲାମାନେ କିନ୍ତୁ ପାଠପଢ଼ାରେ ଫ୍ଲପ୍। ଦ୍ୱିତୀୟ ଶ୍ରେଣୀର ପାଠକୁ ପଞ୍ଚମ ଶ୍ରେଣୀ ପିଲା ସାଧି ପାରୁନାହାଁନ୍ତି। ଫେସବୁକ, ଇନଷ୍ଟାଗ୍ରାମରେ ପ୍ରୋଫାଇଲ ଫଟୋ ବଦଳ ଠାରୁ ଅନ୍ୟର ଆକାଉଣ୍ଟକୁ ବ୍ଲକ ମାରିବାରେ ବେଶ ପାରଙ୍ଗମ ଓ ପାସୱାର୍ଡ଼ ବଦଳରେ ବେଶ ସିଦ୍ଧ ହସ୍ତ ହୋଇଥିବା ଆମ ପିଲାମାନେ ଅନେକାଂଶରେ ପଛୁଆ। ସରକାରୀ ଜମି କେବଳ ତ ବିକ୍ରି ଖର୍ଦ୍ଦି ହେଉନି, ଭବ୍ୟ ଅଟ୍ଟାଳିକା ତିଆରି ହୋଇ ଖୋଦ ସରକାରୀ ବାବୁ ଓ ନେତାମାନେ ଉଦଘାଟକ ସାଜୁଛନ୍ତି। ନିୟମିତ ଦୁର୍ନୀତି ନିବାରଣ ସଂସ୍ଥା କୋଟି କୋଟି ଟଙ୍କା ଜବତ କରୁଛି। କ୍ୟାନସର ରୋଗ ଯେପରି ନିର୍ମୂଳୀଲତା ପରି ମାଡ଼ି ଚାଲିଥାଏ ଆଉ ତାର ସମ୍ପୂର୍ଣ୍ଣ ମୂଳପୋଛ ହୋଇପାରି ନଥାଏ ଠିକ ସେହିପରି ଆମ ସମାଜରେ ଏହିପରି ଅନୀତି, ଦୁର୍ନୀତି, ପ୍ରିୟାପ୍ରୀତି ଓ ବିଚିତ୍ର ନୀତିର ବ୍ୟବସ୍ଥା ଓ ଚରିତ୍ରମାନେ ରହିବେ ଆଉ ଏହିପରି କ୍ୟାନସରରୂପୀ ଚରିତ୍ର ମାନଙ୍କ ସହ ଆମକୁ ଏ ସମାଜରେ ବାସ କରିବାକୁ ପଡ଼ିବ। ତାହାହେଲେ ପ୍ରଶ୍ନ ଉଠିବ ଆମେମାନେ କ'ଣ ଏହାକୁ ସହ୍ୟ କରି ସବୁଦିନ ଚାଲୁଥିବା ? ଆଦୌ ନୁହେଁ, ଆପଣ ଉପଯୁକ୍ତ ଫୋରମରେ ଉପଯୁକ୍ତ ବ୍ୟବସ୍ଥାରେ ପ୍ରତିବାଦ କରନ୍ତୁ ନିଶ୍ଚିନ୍ତ ସୁଫଳର କିଛି ତ ଆଶା ଅଛି !

ଆମ୍ଭେମାନେ ନିତିଦିନ ଯେଉଁ ଖବର କାଗଜ ପଢୁ ସେଥିରେ ଅନେକ ଖବର ଆମକୁ ଆଶ୍ଚର୍ଯ୍ୟ କରେ। ବଡ଼ ପାଠସାଠ ଓ ଅତି ଉଚ୍ଚ ଶିକ୍ଷିତ ବର୍ଗର ଗୁଣୀ, ଜ୍ଞାନୀ, ଧନୀ ବର୍ଗର ଅନେକ ଲୋକ ଭିଜିଲାନ୍ସ ଜାଲରେ ପଡୁଛନ୍ତି, ଟଙ୍କା ଜବତ ହେଉଛି, ଜେଲ ଯାଉଛନ୍ତି, କିଛି ଦିନ ହୋ ହଲ୍ଲା ହେଉଛି ତାପରେ ସେମାନଙ୍କ ଖୋଜ ଖବର କେହି କିଛି ନେଇ ନଥାନ୍ତି। ପ୍ରତିବର୍ଷ ଯେଉଁପରି ଭିଜିଲାନ୍ସ ବଡ଼ ବଡ଼ ଦୁର୍ନୀତିଗ୍ରସ୍ତଙ୍କୁ ଧରୁଛି ତା ଠାରୁ ଅଧିକ ଗତିରେ ପୁଣି ଦୁର୍ନୀତି ବଢୁଛି। ତାହାହେଲେ କେଉଁମାନେ ଶିକ୍ଷା ପାଉଛନ୍ତି ? ଆଉ ଶିକ୍ଷା ପାଇ ଜୀବନରେ କେଉଁ କାମରେ ଲଗାଉଛନ୍ତି ? ଚାରିପ୍ରାଣୀ, ଛଅ ପ୍ରାଣୀ, ଅଭାବୀ ସଂସାର ମୁହଁରେ ଗଣ୍ଡାଏ ଦାନା ଦେବା ପାଇଁ ଆଜିର ସମାଜରେ ଅନେକ ଲୋକ ଅଛନ୍ତି ଦିନ ରାତି ଗଧପରି ଅକ୍ଳାନ୍ତ ପରିଶ୍ରମ କରି ସଞ୍ଜ ବେଳକୁ ସେମାନଙ୍କ ପରିବାର ବର୍ଗ ପାଇଁ ଗଣ୍ଡାଏ ଦାନା ଦେବାକୁ ସମର୍ଥ ହୋଇପାରୁ ନାହାଁନ୍ତି। ତା ଭିତରେ ମେଧାବୀ ପାଠପଢୁଆ ଝିଅଟି ପାଇଁ ପେନସିଲ ଖଣ୍ଡେ ଭାଗ୍ୟ ହେଉନି। କତରା ଲଗା ରୋଗ ଗ୍ରସ୍ତ ବାପଟି ପାଇଁ ଖଟିଖିଆ ପୁଅଟି ଔଷଧ ଟିକିଏ ଦେବା ପାଇଁ ବି ତାହା ଅଣ୍ଟିରେ ଧନ ନାହିଁ। ସ୍ୱାମୀ ଖଟିବାକୁଗଲା ପରେ ଅଭାବୀ ସ୍ତ୍ରୀଲୋକଟି ପରଘରେ ବାସନ ମାଜି ଅଇଁଠା ରୁଟି ଆଉ ଖାଇବା ଭିତରେ ସେ ବି ଯେ ଏ ସମାଜର ଜଣେ ନାଗରିକ, ଏ ଦେଶର ଜଣେ ଭୋଟର ସେ କଥା ସେତ ବୁଝି ପାରି ନଥାଏ, ଆମ ସମାଜରେ କେତେ ଜଣ ବୁଝିଥାନ୍ତି ସତରେ ? ଏହି ଚାରିଦିନ ତଳେ ଛଅସ୍ତରୀତମ ସାଧାରଣ ତନ୍ତ୍ର ଦିବସ ଗଲା। ଏହି ଦିବସଟି ଦିନ ଚାରିଆଡ଼େ ହୋ ହଲ୍ଲା ହେଲା, ପତାକା ଉଡିଲା, କେତେକ ଜାଗାରେ ମିଠା ବଣ୍ଟା ହେଲା କିନ୍ତୁ ଖଟିଖିଆ ମେହନତି ଲୋକଙ୍କର ଘର ପାଇଁ କିଛି ପରିବର୍ତ୍ତନ ନାହିଁ। ଘରର ଗୃହକର୍ତ୍ତା ସେ ଦିନ ଠିକ ସୂର୍ଯ୍ୟ ଉଇଁବା ପୂର୍ବରୁ ବାସି ପଖାଳ ଖାଇ ତା ସଂସାର ମୁହଁରେ ଦାନାଗଣ୍ଡାଏ ଦେବା ପାଇଁ ବାହାରକୁ ବାହାରିଲା। ଏମାନେ କୁଆଡ଼େ ହେଉଛନ୍ତି ଆମ ସମାଜର, ଆମ ସମ୍ବିଧାନର ଅସଲ ଶକ୍ତି ଓ ସାମର୍ଥ୍ୟ। ଏମାନେ କୁଆଡ଼େ ଗଣ ଆଉ ଏହି ମାନଙ୍କୁ ନେଇ ଗଣତନ୍ତ୍ର, ସମ୍ବିଧାନ ଆଉ ଦେଶର ନାୟକ, ମହାନାୟକମାନେ।

ଆପଣ ପ୍ରାୟତଃ ଚାରିଆଡ଼େ ଶୁଣିବେ ସମସ୍ତେ ବ୍ୟସ୍ତ ଯେ ଏ ସଂସାରରୁ ଦୁର୍ନୀତି ଓ ଅନୀତି ଲୋପ ପାଇଯାଉ। ସତରେ ଆମ୍ଭେମାନେ ଦୁର୍ନୀତି, ଅନୀତି, ତୋଷଣ ନୀତି ଓ ପ୍ରିୟାପ୍ରୀତି ନୀତିକୁ କ'ଣ ସମାଜରେ ଏକ ଦୁଷ୍ଟବ୍ରଣ ଭାବେ କେବେ ଭାବିଛେ କି ? ଜନଗଣଙ୍କୁ ନେଇ ଏ ରାଷ୍ଟ୍ର ସେହି ମାନଙ୍କ ସୁରକ୍ଷା ଓ ସର୍ବମଙ୍ଗଳ ନିମିତ୍ତ ସମ୍ବିଧାନ ଆମର ହିଁ ଜଣେ ପ୍ରତିନିଧି ଏ ରାଜ୍ୟର ଶାସକ ଆଉ ଦେଶର ଶାସକ ତାହା ଆମେ ସବୁବେଳେ ପ୍ରାୟତଃ ଭୁଲି ଯାଉଛେ। ନିଜ ମୂଲ୍ୟବାନ ଭୋଟ ଖଣ୍ଡିକ ହେଉଛି ସମ୍ବିଧାନ ପ୍ରଦତ୍ତ ଆମର ଶକ୍ତିଶାଳୀ ଅସ୍ତ୍ର। କିନ୍ତୁ ଆମ ଭିତରୁ ଅନେକ ତାକୁ କିଛି ମୂଲ୍ୟ ବିନିମୟରେ ବିକ୍ରି କରିଦେଇଥାଉ। ବିକ୍ରି କରିଦେବାର ଲୋକର ସ୍ୱାଭିମାନ ଓ ଆତ୍ମ ସମୀକ୍ଷାର ସୁଯୋଗ ହିଁ ନଥାଏ। ଚାରିଆଡ଼େ ଦରଦାମ, ଚାରିଆଡ଼େ କୋଳାହଳ, ଚାରିଆଡ଼େ ବାବୁଗିରି ଓ ଅନେକ କ୍ଷେତ୍ରରେ ଦାଦାଗିରିର ବାହୁବଳ ଭିତରେ ସାଧାରଣ ଲୋକଟି ମୁଣ୍ଡ ଟେକି ଉଠି ପାରିବାକୁ ସମର୍ଥ ହୋଇନଥାଏ ସମ୍ଭବତଃ ସମାଜ ବିଷୟରେ ଭାବିବାକୁ। ଅଭାବୀ ପରିବାର ଗଣ୍ଡାଏ ମୁହଁରେ ରୁଟି ଖଣ୍ଡେ ଦେବାର ଚାପ ଭିତରେ ତାର ଆଉ ଜୁ ନଥାଏ ସମାଜର ଉପର ପାହାଚର ଲୋକଙ୍କ ମୁହଁରେ କଥା ପଦେ କହିବାକୁ।

ରାଜ୍ୟର ବିକାଶ ହେଉଛି, ଦେଶର ବିକାଶ ହେଉଛି, ଏହା ତ ହେବା କଥା ଏଥିରେ ନୂତନତ୍ୱ କ'ଣ ରହିଲା ? ଆମ ମାନଙ୍କ ଟିକସ ପ୍ରଦତ୍ତ ଅର୍ଥରେ ହିଁ ଆମ ମାନଙ୍କର ଉନ୍ନତି ହେଉଛି, ବିକାଶ ହେଉଛି। ତେବେ ସମାଜର ଉନ୍ନତି ଓ ମଙ୍ଗଳ ବିଧାନ କ୍ଷେତ୍ରରେ ଅନେକ ଆହ୍ୱାନକୁ ଆମକୁ ସାମ୍ନା କରିବାକୁ ପଡୁଛି। ଏବେ ବି ଲୋକ ପ୍ରତିନିଧି ମୂଳକ ଶାସନ ବ୍ୟବସ୍ଥାରେ ଲୋକମାନେ ଅସଲ ସମ୍ବିଧାନର ନାୟକ ହୋଇପାରି ନାହାଁନ୍ତି। ଏବେ ବି ସମ୍ବିଧାନର ଭାଷା ବୁଝିବା ତ ଦୂରର କଥା ସେମାନଙ୍କର ତଥାକଥିତ ଲୋକପ୍ରତିନିଧି ମାନଙ୍କର ଉଚ୍ଚାରଣ ଓ ଆଚରଣ ସେମାନେ ବୁଝିବାକୁ ସମର୍ଥ ହୋଇନାହାଁନ୍ତି। ଭୋଟ ପ୍ରଚାର ବେଳେ ଏହି ଲୋକପ୍ରତିନିଧି ମାନଙ୍କର ଆଚରଣ ଉଚାରଣ ଗୋଟିଏ ଏବଂ ଭୋଟ ପରେ ସେ ସବୁ ଅନ୍ୟ ଏକ ପରିଚୟରେ ଗଢ଼ା ହୋଇଯାଏ। ଆପଣ ଜୋଉ ଶାଗଖିଆକୁ, ଯେଉଁ ପେଜ ଖିଆକୁ ସେଇ ଭାଗ୍ୟରେ ନିଜ ପାଇଁ ନିଜେ। ଆମ କଟକ ସହର କଥା ଟିକେ ଏଠାରେ ରଖୁଛି। ଓଡ଼ିଶାର ବଡ଼ ସହର, ଏହାର ପରିଚୟ ହଜାର ବର୍ଷ ତଳର, ସହରର ଦୁଇପଟରେ ଦୁଇଟି ନଦୀ, ସହରରେ ଆଭିଜାତ୍ୟ, ପ୍ରଗତି କେତେ କ'ଣ କୁଆଡ଼େ ! ତଥାପି କଟକର ରାଜରାସ୍ତାରେ ରାସ୍ତା ପଡ଼ି ଅଭାବରେ ଛଟପଟ ହେଉଥିବା ଲୋକଙ୍କ ସଂଖ୍ୟା କ'ଣ କମ ଅଛି ? ଏବେ ତ ଶୀତରାତି, ଅନେକ ବାସହରା ଏବେ ବି ଥଣ୍ଡାକାକରରେ ବାହାରେ ରାତି ବିତାଉଛନ୍ତି। ସହରର ସବୁଠି କ'ଣ ସବୁ ଲୋକ ବିଜୁଳି ଟିକେ ପାଇ ପାରିଲେଣି ନା ପାଣି ମୁନ୍ଦାଏ। ପାଠ କଥା ତ ଦୂରର କଥା, ରାସ୍ତା ଖଣ୍ଡେ ବି ଭଲ ଭାବେ ଘର ପାଖକୁ ଛୁଇଁ ନଥିବା କଟକର ଅନେକ ଜାଗା ଅଛି। କିନ୍ତୁ ଏହି କଟକର ଚତୁର୍ଦ୍ଦିଗରେ ଏ ସମାଜର ସବୁଠାରୁ ବଡ଼ ବଡ଼ ପଦ ପଦବୀର ବ୍ୟକ୍ତିତ୍ୱଙ୍କ ସଂଖ୍ୟା କମ ନାହିଁ। ପଇସାବାଲା, କ୍ଷମତାବାଲା ଓ ବାହୁବଳ ଥିବା ଭାଇ ମାନଙ୍କର ସଂଖ୍ୟା ବି କମ ନାହିଁ। କିନ୍ତୁ ଅଭାବୀ, ଦୁଃଖୀ, ବିଛଣାରେ ପଡ଼ି ନିଜ ରୋଗର ଦୁର୍ଭାଗ୍ୟକୁ ନିନ୍ଦୁଥିବା ଲେଞ୍ଚରା ଆଖିର ଲୁହ କେତେ ଜଣ ପୋଛିବାକୁ ଆଗେଇ ଆସିଥାନ୍ତି ? କେତେ ଜଣ ଆହା ପଦେ କହି ପିଠିରେ ହାତଟି ରଖି ଭରଷା ଆଉ ସାହାଯ୍ୟର ଛୋଟିଆ ଦାୟିତ୍ୱଟି ନିର୍ବାହ କରିଥାନ୍ତି ? ବ୍ୟାଙ୍କରେ କୋଟି କୋଟି ଟଙ୍କା ଥିବା, ନାଁର ବାମପଟ ପୂର୍ବରୁ ବଡ଼ ବଡ଼ ସମ୍ମାନ ଓ ପଦବୀ ପାଇଥିବା, ଶାରୀରିକ ଗଢ଼ଣ, ବଂଶ, ଆଭିଜାତ୍ୟ, ପ୍ରତିପତ୍ତି, କ୍ଷମତାର ବଡ଼ ସିଡିରେ ପହଞ୍ଚିଥିବା ଲୋକଙ୍କ ସଂଖ୍ୟା କମ ନାହିଁ। କିନ୍ତୁ ଜୀବନକୁ ବୁଝିଥିବା ଲୋକମାନଙ୍କର ସଂଖ୍ୟା ଖୁବ କମ। ଅନୀତି, ଦୁର୍ନୀତି ଓ ପ୍ରିୟାପ୍ରୀତି ଏପରି କ୍ୟାନସର ଯାହାକି ଆଦୌ ନିର୍ମୂଳ ହୋଇପାରିବ ନାହିଁ। ଚରିତ୍ରମାନେ ସମାଜରେ ସବୁ କାଳେ ରହିଥିଲେ, ରହିଛନ୍ତି ଆଉ ରହିବେ ମଧ ତେବେ ଆମକୁ ସଠିକ ଜୀବନ, ସଠିକ ବିଚାରଧାରା ଆଉ ସଠିକ ମାର୍ଗ ଦେଖାଉଥିବା ଗୁରୁ ଆଉ ବନ୍ଧୁମାନଙ୍କ ଉପଦେଶକୁ ନେଇ ସମାଜ ପାଇଁ, ଦେଶ ପାଇଁ ଓ ସମ୍ବିଧାନ ପାଇଁ ସମର୍ପିତ ହୋଇ ଜୀବନ ବଞ୍ଚିବାକୁ ପଡ଼ିବ। ଏହା ହିଁ ଯଥାର୍ଥ, ମୂଲ୍ୟବାନ ଓ ଉପଯୋଗୀ ଜୀବନ।

ଆବାହକ, ଚମ୍ପାନାରାୟଣ
ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର
ଗଡ଼ା, କଟକ,
ମୋ:୯୨୩୮୬୦୨୮୨୫

## ବିଭୁ କୃପା ବିନା

ଦେବଦର୍ଶନ ସିଂ



ଆହେ ବେଣୁଧର ମଦନ ମୋହନ
ତୁମେ ତ ସୁଦାମା ସଖା
ମଥାରେ ତୁମର ଆହା କି ସୁନ୍ଦର
ଦିଶେ ମୟୂର ଚନ୍ଦ୍ରିକା

ସ୍ୱର୍ଣ୍ଣ ହୋଇଯାଏ ସବୁରି ଜୀବନ
ପାଇ ତୁମ ଦିବ୍ୟ ଜ୍ୟୋତି
ସପନ ପାଲଟି ଯାଏ ମାନସୀ
ଉଣା ହୋଇଲେ ବିଭୂତି

ତୁମ ଆଶିଷରୁ ସେଦିନ ଅର୍ଜୁନ
ପାଇଥିଲା ଗୀତା ଜ୍ଞାନ
ଆଜି ବି ସଂସାରେ ତୁମରି ଆଜ୍ଞାରେ
ବହେ ମଳୟ ପବନ

ତଅପୋଇ କଥା ମନେ ପଡିଯାଏ
ଦେଖି ଖୁଦୁରୁକୁଣୀ ଓଷା
ରଜନୀତି ସାରା ମାଆଙ୍କର ପୂଜା
କିଏ ଦେବତାର ଭାଷା

ଗଙ୍ଗାନଦୀ ଆଣି ଲେଖିଛି କାହାଣୀ
ଭାଗୀରଥ ଆମ ପାଇଁ
ସୁନେଲି ପ୍ରତିଭା ଫୁଟିଉଠୁ ଆମ
ଜଗତ କଲ୍ୟାଣ ପାଇଁ

ଚିନ୍ମୟୀ ପୁରୁଷ ଆହେ ଜଗଦୀଶ
ଏତିକି କରୁଣା କର
ଅଜ୍ଞାନ ବାଳକ ତୁମ ପାଦେ ପ୍ରଭୁ
କରେ କୋଟି ନମସ୍କାର ।।

(କେନ୍ଦୁଝର)

## ଚନ୍ଦ୍ରଭାଗା ବୁଡ

ରାମଚନ୍ଦ୍ର ବେହେରା



ମାଘ ମାସ ଶୁକ୍ଳ ସପ୍ତମୀ ଆଣିଛି
ପୂଣ୍ୟ ଚନ୍ଦ୍ରଭାଗା ବୁଡ
ସାରା ରାଇଜରୁ ଶ୍ରଦ୍ଧାଳୁ ଆସନ୍ତି
ହୁଏ କୋଣାରକେ ଭିଡ।
ସୂର୍ଯ୍ୟ ଦେବତାଂକ ଜନ୍ମଦିନ ବୋଲି
ଏ ଦିନ ଜଗତେ ଖ୍ୟାତ
ଚନ୍ଦ୍ରଭାଗା ସ୍ନାନ ଦେଇଥାଏ ପୂଣ୍ୟ
ପୁରାଣେ ଅଛି ବିଦିତ।
ଏହି ମହା ମେଳା ଚାଲି ଆସୁଅଛି
କେଉଁ ପୁରୁଣା କାଳରୁ
ରବିଂକ କିରଣ ଛୁଇଁଲେ ଦେହକୁ
ମୁକତି ମିଳେ ବ୍ୟାଧିରୁ।
ଲୋକଂକ ବିଶ୍ୱାସ ସପ୍ତମୀର ବୁଡ
ପ୍ରାଣେ ଭରିଦିଏ ଶାନ୍ତି
ଶୁଭ ପ୍ରଭାତରେ ଚନ୍ଦ୍ରଭାଗା ସ୍ନାନ
ଦୂରେଇ ଦିଏ ବିପତ୍ତି।
ସୂର୍ଯ୍ୟଂକ କୃପାରୁ ଭକ୍ତଂକ ପରାଣେ
ନୂଆ ଆଶା ଜନ୍ମ ନିଏ
ଚନ୍ଦ୍ରଭାଗା ବୁଡ ରୋଗକୁ ଦୂରେଇ
ନୂତନ ଜୀବନ ଦିଏ।
ପୂଣ୍ୟ ସ୍ନାନ ସାରି ମେଳାରେ ବୁଲିଲେ
ଖୁସିରେ ହସଇ ପ୍ରାଣ
କୋଣାର୍କ ମନ୍ଦିର ଦର୍ଶନ କରିଲେ
ବୁଡ ହୋଇଥାଏ ପୂର୍ଣ୍ଣ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬







ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୫୨



ଡ.ସିନ୍ଧୁ ସେନ୍

ତାଙ୍କୁ ମୁଁ କେମିତି ଭୁଲିପାରିବି । ସେ ହିଁ ମୋତେ କହିଥିଲେ ମନୁଷ୍ୟ ହେଉ କି ରାକ୍ଷସ ସମସ୍ତେ ଅମୃତର ପୁତ୍ର । ଅମୃତ ଲୋକରୁ ସିଏ ଆସିଥାଏ ମୃତ୍ୟୁ ଲୋକକୁ । ହୃଦୟର କଠିନ ଭାବ ତ୍ୟାଗ କରି ସେଠାରେ ଖଞ୍ଜିଥାଏ କ୍ଷମା, ଦୟା, ମମତାର ଜ୍ଞାନ । ସ୍ୱାର୍ଥପରତା ବଦଳରେ ସଞ୍ଚିତ କରିଥାଏ ନିଃସ୍ୱାର୍ଥପରତା । ମାତାମହ ନିଃସ୍ୱାର୍ଥପର ଭାବେ ମୋ ପାଇଁ ଅନେକ କିଛି ତ୍ୟାଗ କରିଛନ୍ତି । ଆଉ ମୁଁ ବି ତାଙ୍କର ଉପଯୁକ୍ତ ଦାୟାଦ ଭାବେ ତାଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବାପାଇଁ ଯାହାକିଛି କରିଛି କିଛି ତ ଭୁଲ୍ କରିନି । ବରଂ ତାଙ୍କ ନିକଟରେ କରିଥିବା ସଂକଳ୍ପକୁ କିଛିଟା ପୂରଣ କରିପାରିଛି ବୋଲି ଆଶ୍ୱସ୍ତ ମନେ କରୁଥିଲି ।

ଆମେ ସମସ୍ତେ ଯାଇ ମାତାମହଙ୍କ ନିକଟରେ ପହଞ୍ଚିଲୁ । ତାଙ୍କ ଅବସ୍ଥା ଯାହା ଦେଖିଲି ନିଜ ଆଖିକୁ ବିଶ୍ୱାସ କରିପାରୁ ନଥିଲି । ଏଇ କ'ଣ ତେବେ ତାଙ୍କର ଅନ୍ତିମ ଶଯ୍ୟା । ମୃତ୍ୟୁ ସହ ନିରନ୍ତର ସଂଗ୍ରାମ କରୁଥାନ୍ତି । ତେବେ କ'ଣ ତାଙ୍କର ଅମୃତ ଲୋକରୁ ମୃତ୍ୟୁ ଲୋକକୁ ଯିବାର ସମୟ ଆସିଯାଇଛି । ତାଙ୍କୁ ଘେରି ରହିଥାନ୍ତି ପରିଚାରକ ମାନେ । ସମସ୍ତ ମୁହଁରେ ଲିଭି ଯାଇଥାଏ ହସ । ମୁଁ ତାଙ୍କ ପଦସ୍ପର୍ଶ କରି ପ୍ରଣାମ କଲି । ଥରିଲା ହାତରେ ସେ ମୋତେ ଦୀର୍ଘାୟୁ ହେବାର ଆଶୀର୍ବାଦ କଲେ । ଆଖିରୁ ତାଙ୍କର ଝରି ପଡୁଥିଲା ଲୋତକଧାର । ତାଙ୍କ ପାଦତଳେ ମାତା ବସିରହିଛ ଚରଣ ସେବା କରୁଥିଲେ । ମୋତେ ଦେଖି ଛୋଟ ପିଲାଙ୍କ ଭଳି କଇଁକଇଁ ହୋଇ ସେ କାନ୍ଦି ଉଠିଲେ । ମନ୍ଦୋଦରୀ ଆଉ ମୁଁ ତାଙ୍କୁ ସାନ୍ତ୍ୱନା ଦେଲୁ । ଲକ୍ଷ୍ୟ କରୁଥିଲି ମାତାମହ ମୋତେ କିଛି କହିବାପାଇଁ ଚେଷ୍ଟା କରୁଥାନ୍ତି, ମାତ୍ର କିଛି ବି କହି ପାରୁ ନଥାନ୍ତି । ବରଂ ଇଂଗିତ ଦେଇ କିଛି ମାଗୁଥାନ୍ତି । ତାଙ୍କ ଇସାରାରୁ ପରିଚାରିକା ଜଣକ କ'ଣ ବୁଝିଲା କେଜାଣି ତାଙ୍କ ହାତକୁ ଜଳଗ୍ଲାସଟିକୁ ବଢ଼ାଇ ଦେଲେ । ହେଲେ ସେତକ ଧରିବାର ଶକ୍ତି ମଧ୍ୟ ତାଙ୍କ ନିକଟରେ ନଥିଲା । ଭାବିପାରୁ ନଥିଲି କେତେ ଦୁର୍ବଳ ହୋଇପଡ଼ିଛନ୍ତି ମାତାମହ

ରାକ୍ଷସବୀର ସୁମାଳୀ, ଦକ୍ଷବୀର । ଯାହାର ବାହୁବଳ ଆଗରେ କେତେକେତେ ବୀରଙ୍କର ବୀରତ୍ୱର ଦର୍ପ ଭାଂଗିରୁଜି ଚୁନା ହୋଇଯାଉଥିଲା । ଯାହାଙ୍କ ସାମ୍ନାକୁ ଆସିବାକୁ କେହି ବି ସାହସ କରୁନଥିଲେ । ସେହି ବୀର, ପ୍ରବଳପ୍ରତାପୀ ସୁମାଳୀ ରାକ୍ଷସ ଏତେ ଅସହାୟ । ଏତେ ଦୁର୍ବଳ । ତେବେ କ'ଣ ବାର୍ଦ୍ଧକ୍ୟ ମଣିଷକୁ ଏମିତି ପଙ୍ଗୁ କରିଦିଏ ? ବଞ୍ଚିବା ଅବସ୍ଥାରେ ବି ନିର୍ଜୀବ କରିଦିଏ । ଶକ୍ତିଶାଳୀ ଗଛଟିରୁ ପାଚିଲା ପତ୍ର ଝଡ଼ିପଡ଼ିବା ଭଳି ବାର୍ଦ୍ଧକ୍ୟଗ୍ରସ୍ତ ଲୋକଟିର ଅବସ୍ଥା ଏତେ ଦୟନୀୟ ହୋଇପଡ଼େ ତା ଜୀବନର ସବୁ ସୁଖ, ଆନନ୍ଦ ମାଟିରେ ମିଶିଯାଏ ମାତାମହଙ୍କର ବିଷଣ୍ଣ ମୁଖମଣ୍ଡଳକୁ ଦେଖି ମୁଁ ସବୁ ବୁଝିପାରୁଥିଲି । ସେ ଯେମିତି ଅତି ପାଖରୁ ମୃତ୍ୟୁକୁ ଦେଖି ଖୁବ୍ ଡରି ଯାଇଛନ୍ତି । ମୋତେ ମଧ୍ୟ ଖୁବ୍ ଭୟ ଲାଗୁଥିଲା । ଭାବୁଥିଲି ମୋର ଅବସ୍ଥା ମଧ୍ୟ ଦିନେ ଏମିତି ହେବ । ମୋପାଇଁ ମଧ୍ୟ ଦିନେ ଆସିବ ମୃତ୍ୟୁର ଆହ୍ୱାନ । ମାତାମହଙ୍କ ମୁଖମଣ୍ଡଳର ଜ୍ୟୋତିର ପ୍ରତିବିମ୍ବରେ ମୁଁ ଯେମିତି ଦେଖିପାରୁଥିଲି ମୋ ନିଜର ମୃତ୍ୟୁର ଚିତ୍ରପଟ୍ଟ । ମୋତେ ବି ଦିନେ ନା ଦିନେ ମୃତ୍ୟୁର ଦ୍ୱାରଦେଶରେ ଉପନୀତ ହେବାକୁ ପଡ଼ିବ । ମୋତେ ମଧ୍ୟ ସାମ୍ନା କରିବାକୁ ମୃତ୍ୟୁର ଭୟଙ୍କର ଡାକକୁ । କାରଣ ମୁଁ ତ ମୃତ୍ୟୁଞ୍ଜୟୀ ନୁହେଁ । ବ୍ରହ୍ମଦେବ ମୋତେ କହିଥିଲେ, ମର୍ତ୍ତ୍ୟରେ ଜନ୍ମନେଇ କେହି କେବେ ମୃତ୍ୟୁକୁ ଜୟ କରି ପାରିନି କି ପାରିବନି । ତେଣୁ ଅମର ବର ପ୍ରାପ୍ତିର ଆଶା ମନରୁ ଭୁଲିଯାଅ ବତ୍ସ । ଆଉ କିଛି ମାଗିବାର ଥିଲେ ମାଗ, କିନ୍ତୁ ଅମରତ୍ୱ ବର ଦେବା ସମ୍ଭବ ନୁହେଁ । ତେବେ, ଯେଉଁ ଅମରତ୍ୱ ପ୍ରାପ୍ତି ପାଇଁ ମୋର ଏତେ କଠିନ ସାଧନା । ଏତେ ତପସ୍ୟା ତାକୁ ସିନା ଲାଭ କରିପାରିଲି ନାହିଁ । ହେଲେ ମୁଁ ଯାହା ପାଇଛି ତାହା ମଧ୍ୟ ଅସାମାନ୍ୟ, ଅଲୌକିକ ।

ଏବେ ଯେବେ ଯୁଦ୍ଧକ୍ଷେତ୍ରରେ ରକ୍ତାକ୍ତ ଶରୀରକୁ ନେଇ ମୃତ୍ୟୁ ପେକ୍ଷାରେ ରହିଛି । ମୋ ମନରେ ମଧ୍ୟ ସେଦିନ ଅତୀତର ମାତାମହଙ୍କ ସ୍ମୃତି ଉଙ୍କି ମାରୁଛି । ସେଦିନ ମୃତ୍ୟୁପଥର ଯାତ୍ରୀ ମାତାମହଙ୍କୁ ଦେଖି ଡରି ଯାଇଥିଲି ସିନା, ଏବେ କିନ୍ତୁ ନିଜେ ସେହି ଯାତ୍ରାପଥର ଯାତ୍ରୀ ହୋଇବି ଆଉ ମଅତ୍ୟୁ ଭୟ ଜାଗୁନି ମନରେ । କାରଣ ମୋ ସମ୍ମୁଖରେ ସ୍ୱୟଂ ପ୍ରଭୁ ଶ୍ରୀରାମଚନ୍ଦ୍ର । ଯାହାଙ୍କ କରସ୍ପର୍ଶରେ ମୋତେ ମିଳିବ ମୃତ୍ୟୁର ଆଲିଙ୍ଗନ । ଓଃ ସତରେ ମୁଁ କେତେ ଭାଗ୍ୟବାନ । ସ୍ୱୟଂ ଶ୍ରୀରାମଙ୍କ ବ୍ରହ୍ମଶର ସ୍ପର୍ଶ, ମୋତେ ଧୀରେଧୀରେ କଢ଼ାଇ ନେଉଛି ପ୍ରଭୁଙ୍କ ପାଦପଦ୍ମ ଆଡ଼କୁ ।

ସେଦିନ ମୁଁ ମାତାମହଙ୍କ ମୃତ୍ୟୁକୁ ଦେଖିବାର ସୁଯୋଗ ପାଇଥିଲି । ମୋତେ ଯେମିତି ଲାଗୁଥିଲା । ସେ ମୋତେ ଦେଖିବା ପାଇଁ ବୋଧହୁଏ କ୍ଷଣିକ ପାଇଁ ମୃତ୍ୟୁକୁ ଅଟକିଯିବାକୁ ଅନୁରୋଧ କରିଥିଲେ । ନହେଲେ ତାଙ୍କର ଅବସ୍ଥା ଯାହାଥିଲା ମୋର ପହଞ୍ଚିବାର ବହୁ ପୂର୍ବରୁ ସେ ତ ମୃତ୍ୟୁଲୋକର ଯାତ୍ରୀ ହୋଇ ସାରନ୍ତେଣି । ମାତାମହ କିନ୍ତୁ ମୃତ୍ୟୁଲୋକକୁ ଯିବାପୂର୍ବରୁ ମୋତେ ହାତଠାରି ଅନେକ କଥା କହିବା ପାଇଁ ଇଚ୍ଛା କରୁଥିଲେ । ଯାହା ମୁଁ ତାଙ୍କର ଅସ୍ପଷ୍ଟ ବାକ୍ୟର ଉଚ୍ଚାରଣରୁ ବେଶ୍ ବୁଝିପାରୁ ଥିଲି । ତାଙ୍କର ଶେଷଇଚ୍ଛା ଥିଲା ଇନ୍ଦ୍ରପୁରୀ ଉପରେ ବିଜୟ । ଦେବରାଜ ଇନ୍ଦ୍ରଙ୍କୁ ଜୟ କରିବା ଯେ ଏତେ ସହଜସାଧ ନୁହେଁ । ଏକଥା ମାତାମହ ଭଲରୂପେ ଜାଣିଥିଲେ । ତଥାପି ତ୍ରିଭୁବନ ବିଜୟ ଲାଭର ଅର୍ଥ ଯେ ଇନ୍ଦ୍ରପୁରୀର ଜୟ, ଏହା ମୋତେ ଜଣାଇବା ପାଇଁ ମୁହଁରୁ ତାଙ୍କର ଅସ୍ପଷ୍ଟ ଭାବେ କିଛି ଶବ୍ଦ ଉଚ୍ଚାରିତ ହୋଇଥିଲା । ଖ୍ୟେଲି, ମୋ ମୁହଁରୁ କିଛି ବାହାରିବା ପୂର୍ବରୁ ମୋର ପୁତ୍ର ମେଘନାଦ ଆଗେଇ ଆସି ମାତାମହଙ୍କ ଆଗରେ ନିଜର ସ୍ୱୀକାରୋକ୍ତି ରଖି କହିଲେ ମୁଁ ପାରିବି ପିତାଙ୍କ ପକ୍ଷରୁ କଥା ଦେଉଛି ଇନ୍ଦ୍ରଭୁବନ ଜୟ କରିବା ପାଇଁ ମୁଁ ନିଶ୍ଚିତ ପଦକ୍ଷେପ ନେବି । ପୁତ୍ର ମୁହଁରୁ ଏମିତି ଦୃଢ଼ବାଣୀ ଶୁଣି ସେଦିନ ମୋ ପିତୃ ହୃଦୟ ଗର୍ବରେ ଫାଟି ପଡୁଥିଲା । ବାସ୍ତବରେ ପିତା ଠାରୁ ପୁତ୍ର ଆଗରେ ରହିବା ପ୍ରତିଟି ପିତା ପାଇଁ ଗୌରବ । ବୀର ପୁତ୍ର ମୋର ଉପଯୁକ୍ତ ଦାୟାଦ ଥିଲା । ହେଲେ ମୁଁ କ'ଣ କଲି ? ପିତା ହିସାବରେ ତାକୁ ମଧ୍ୟ ସୁରକ୍ଷା ଦେଇ ପାରିଲି ନାହିଁ । ଏବେ ଜୀବନର ଅନ୍ତିମ ଶଯ୍ୟାରେ ଥାଇ ମୋ ମନରେ ସେ ସବୁ ଅତୀତର ସ୍ମୃତି ଉଦ୍‌ଜୀବିତ ହେଉଛି । ବାରମ୍ୱାର ମୋତେ ସେସବୁର ସ୍ମୃତି ଦଂଶନ କରୁଛି ।

ସେଦିନ ମାତାମହଙ୍କୁ ଶେଷ ଦର୍ଶନ କରି ନିଜ କକ୍ଷକୁ ଫେରି ଆସିଥିଲି । ହେଲେ ସାରା ରାତି ଶୋଇ ପାରି ନଥିଲି । ମୋତେ କେବଳ ମୃତ୍ୟୁର ଭୟ ଗୋଡ଼ାଇ ଚାଲିଥିଲା । ମୋ ଶୟନ କକ୍ଷରେ ମିଞ୍ଜିମିଞ୍ଜି ହୋଇ ସୁବର୍ଣ୍ଣ ଦୀପ । ସେଇ ଦୀପଶିଖା ଆଡ଼େ ଅନାଇ ମୁଁ ଅନେକ କିଛି ଭାବି ଯାଉଥିଲି । ଆଜିର ଏଇ ଦୀପଶିଖା ଭଳି ମୋ ଆତ୍ମାର ଦୀପଶିଖା ମଧ୍ୟ ଦିନେ ଲିଭିଯିବ । ମୁଁ ବି ହେବି ମୃତ୍ୟୁ ପଥର ଯାତ୍ରୀ । ମୋତେ ସୁରକ୍ଷା ଦେବା ପାଇଁ ମୋ ପାଖରେ ମଧ୍ୟ କେହି ନଥିବେ । ଏବେ କିନ୍ତୁ ମୃତ୍ୟୁଶଯ୍ୟାରେ ଥାଇ ମୋ ସମ୍ମୁଖରେ ପ୍ରଭୁ ଶ୍ରୀରାମଙ୍କୁ ଦେଖୁଛି । ତାତାହିଁ କ'ଣ ମୋର ସୌଭାଗ୍ୟ ନୁହେଁ । ସେ ତ ନିଜେ ମୋ ଆତ୍ମାର ଜ୍ୟୋତିକୁ ନେବାକୁ ଅପେକ୍ଷା କରି ରହିଛନ୍ତି । ଯାହା ଅନ୍ୟମାନଙ୍କ ପାଇଁ ଦୁର୍ଲଭ ଥିଲା । ମୋତେ ତ ତାହା ମିଳିଯାଇଛି । କାହିଁ ସେଦିନ ମାତାମହଙ୍କୁ ନେବାପାଇଁ ତ ପ୍ରଭୁ ଶ୍ରୀରାମ ଆସି ନଥିଲେ । ତେଣୁ ମୁଁ ନିଜକୁ ପାପୀ ବୋଲି ମନସ୍ତାପ କରିନି କହିଛି । ମିତ୍ର ଭାବେ ନ ପାଇଲି ନାହିଁ, ଶତ୍ରୁ ଭାବେ ମୋତେ ତ ତାଙ୍କର ସାନ୍ନିଧ ମିଳିଛି । ଏହାଠାରୁ ବଳି ସୌଭାଗ୍ୟର କଥା ଆଉ କ'ଣ ହୋଇପାରେ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୭୮ ॥

'ସେ ଏବେ ମୋ ମଧ୍ୟରେ ବିଦ୍ୟମାନ ଥାଇ ତୁମର ଏ ଅଶା ଳୀନ ପିଶାଚୀ ଚେଷ୍ଟା ଦେଖି ଦୁଃଖିତ ହେଉଛନ୍ତି ।'ଦିତି', ଏକ ଦୀର୍ଘଶ୍ୱାସ ନେଇ ପୁଣି ବୁଝାଇଲେ କଶ୍ୟପ । 'ଜଣେ ନାରୀ ପୁରୁଷ ସହିତ ସହବାସ କରିବା ପୂର୍ବରୁ ଅନେକ ବିଷୟ ପ୍ରତି ଧ୍ୟାନ ରଖିବା ଉଚିତ । ବିଶେଷତଃ, ସେ ଯଦି କୁମାରୀ ହୋଇଥାଏ,ଏହାର ପରିଣତି ସମ୍ପର୍କରେ ଲକ୍ଷେଥର ଚିନ୍ତା କରିବା ଉଚିତ । ପରିସ୍ଥିତି ଓ ପରିବେଶ ପ୍ରତି ସଚେତନ ହେବା ପ୍ରୟୋଜନ । ସ୍ୱୟମ ଯଜ୍ଞେଶ୍ୱର ବ୍ରହ୍ମା ଏହି ଯଜ୍ଞ କାର୍ଯ୍ୟର ପ୍ରବର୍ତ୍ତନ କରିଛନ୍ତି । ବେଦରୁ ହିଁ ଯଜ୍ଞ ବେଦୀ ଓ ବେଦୀରୁ ବୈଦିକ ଧର୍ମ ଉତ୍ପତ୍ତି ହୋଇଅଛି । ଏହି ଯଜ୍ଞେଶ୍ୱର ବ୍ରହ୍ମା ସୁବର୍ଣ୍ଣଗିରିର ପଛ ( ଚୀନ, ତିବ୍ବତ) ପଥ ଦେଇ ଭାରତ ।

ଉତ୍କଳ ରେ ପ୍ରବେଶ କରିଥିଲେ, ଯେତେବେଳେ କି ପୁଲଃ ଓ ପୁଲସ୍ତ୍ୟ ହିନ୍ଦୁକୁଶ ପର୍ବତ ଦେଇ ଆସିଥିଲେ । ତେଣୁ, ଜଣେ ଉତ୍ତମ ନାରୀ ଭାବେ ତାଙ୍କୁ ସମ୍ମାନ ଦେଇ ଓ ସ୍ୱାମୀଙ୍କ ସନ୍ତୋଷ ପାଇଁ ତାଙ୍କୁ ନିଜର ଧର୍ମ ପାଳନ କରିବାକୁ ଦିଅ । ଦମ୍ପତ୍ତି ଜୀବନର ଏହି ପାରସ୍ପରିକ ବୁଝାମଣାର ସନ୍ତୋଷ ନିକଟରେ ଦୈହିକ ବିକାର ଅତି ତୁଚ୍ଛ । ଯାଅ, ଏହି ଯଜ୍ଞଶାଳା ଛାଡ଼ି ଅନ୍ତତଃ ବର୍ତ୍ତମାନ ପାଇଁ ଏଠାରୁ ଚାଲିଯାଅ ।ମୋତେ ବର୍ତ୍ତମାନ ର କାର୍ଯ୍ୟ ବର୍ତ୍ତମାନ ହିଁ କରିବାକୁ ଦିଅ । 'କଶ୍ୟପଙ୍କର ଏହି ନାସ୍ତି ବାଣୀ ଶୁଣି ଦିତି ଅତ୍ୟନ୍ତ ଲଜ୍ଜିତା ହେଲେ । କିନ୍ତୁ ଏହା ସତ୍ତ୍ୱେ ସେ ନିଜର ଇଚ୍ଛାକୁ ନିବୃତ୍ତ କରିପାରୁ ନଥି ଲେ । ଅନଙ୍ଗର ଦହନରେ ତାଙ୍କର ଶରୀର ବିନା ଗ୍ରୀଷ୍ମରେ ମଧ୍ୟ ଉଷ୍ମ ହୋଇ ଉଠୁଥିଲା । ତାହା ଲକ୍ଷ କରି କଶ୍ୟପ କହିଲେ' ଦିତି, ପ୍ରଭାତ ଓ ସକାଳ ସମୟରେ ମାନବ ନିଦ୍ରାରୁ ଉଠି ସତେଜ ରହିଥାଏ । ମନ ଚିନ୍ତାହୀନ, ନିର୍ମଳ ଓ ସତେଜ ଥାଏ । ଏହି ସମୟରେ ଶୁକ୍ରାଣୁ ଅଧିକ ସଂଖ୍ୟକ, ପରିପୁଷ୍ଟ ଓ ସତେଜ ଥାଏ ।ଏହି ସନ୍ଧ୍ୟା ସମୟ ରେ କର୍ମ କ୍ଳାନ୍ତ ମଣିଷ ସମ୍ଭୋଗ ନୁହେଁ, ବିଶ୍ରାମ ଚାହୁଁଥାଏ । ଏହିଭଳି ମାନସିକ ଓ ଶାରିରୀକ ସ୍ଥିତି ସନ୍ତାନକୁ ମଧ୍ୟ ପ୍ରଭାବିତ କରିଥାଏ । ଏହି ସନ୍ଧ୍ୟା ସମୟରେ ଭୂତାଣୁ, ଜୀବାଣୁ ଆଦି ଅଧିକ ସକ୍ରିୟ ହୋଇ ପରସ୍ପର ଦେହକୁ ସଂକ୍ରମିତ ହୋଇଥାନ୍ତି । କୀଟ,ପତଙ୍ଗ ମାନେ ଅଧିକ ସଂଖ୍ୟାରେ ଅଗ୍ନି ନିକଟକୁ ଆସି ମାନବକୁ ବ୍ୟତିବ୍ୟସ୍ତ କରି ଥାନ୍ତି । ତେଣୁ ମିଳନ ସୁଖପ୍ରଦ ହୋଇ ନଥାଏ ।'

ଦିତି ନିଜର ଇଚ୍ଛାକୁ ଦମନ କରିବା ପରିବର୍ତ୍ତେ କ୍ରୋଧରେ ଉନ୍ମାଦିନୀ ହୋଇଉଠିଲେ । ସେହି ଯଜ୍ଞ ଶାଳାରୁ ଧର୍ମ ଜ୍ଞାନରେ ନିଷ୍କ୍ରାନ୍ତ ହେବା ପରିବର୍ତ୍ତେ ସେ କ୍ରୋଧରେ ଅଧର କାମୁଡି କହିଲେ, 'ମୋ ପାଇଁ ତୁମର ସମୟ ନାହିଁ ପ୍ରଜାପତି, କିନ୍ତୁ ତୁମର ଅନ୍ୟ ପତ୍ନୀ ମାନଙ୍କପାଇଁ ଯଥେଷ୍ଟ ସମୟ ଅଛି । ଅଦିତିଙ୍କୁ ଯୋଗ ଶିକ୍ଷା ଦେବା ପାଇଁ ତୁମର ସମୟ ଅଛି । ନିଜ ଗର୍ଭ ଗୃହରେ ସାଇତି ରଖିଥିବା ଜୀବକୋଷ ମାନଙ୍କୁ ନେଇ ବିଭିନ୍ନ ପତ୍ନୀ ମାନଙ୍କ ଗର୍ଭରେ ସେହି ଭ୍ରୁଣ ମାନଙ୍କୁ ସ୍ଥାପନ କରି ତୁମେ ଇତର ପ୍ରାଣୀ ମାନଙ୍କୁ ସୃଷ୍ଟି କରିବା ରେ ସମୟ ବ୍ୟୟ କରୁଛ । ଏପରିକି ପ୍ରଜାପତି ତାର୍କ୍ଷ୍ୟଙ୍କର ବନ୍ଧ୍ୟା ପତ୍ନୀ ବିନତା, କଦ୍ରୁ, ପତଙ୍ଗୀ ଓ ଯାମିନୀଙ୍କ ପାଇଁ ଜୀବକୋଷ ଗୁଡ଼ିକରୁ ଭ୍ରୁଣ ଓ ଅଣ୍ଡା ସୃଷ୍ଟିକରି ତୁମେ ତାର୍କ୍ଷ୍ୟଙ୍କ ହସ୍ତରେ ତାହା ତାଙ୍କ ପତ୍ନୀଙ୍କ ନିକଟକୁ ପଠାଇଛ ଏବଂ ସେମାନଙ୍କୁ ଗରୁଡ଼, ନାଗ, ପତଙ୍ଗ ଓ ଶଲଭ ସନ୍ତନ ମାନଙ୍କର ଜନନୀ କରିଛ । ଅଥଚ ଶକ୍ତିମାନ ଓ ବୁଦ୍ଧିମାନ ସନ୍ତା ନ ମାନଙ୍କୁ ଜନ୍ମଦେବାର ସାମର୍ଥ୍ୟ ଥାଇ ମଧ୍ୟ ମୁଁ ତୁମକୁ ଦୀର୍ଘଦିନ ହେଲା ଅପେକ୍ଷା କରି ବସିଅଛି । 'ଦିତି, ଜଗତରେ ବାରମ୍ବାର ପ୍ରଳୟ ଘଟି ପୃଥିବୀ ଜୀବଶୂନ୍ୟ ହୋଇ ଯାଇଥିଲା । ଦକ୍ଷ ପ୍ରଜାପତି ବିନ୍ଧ୍ୟ ପର୍ବତ ରେ ଥାଇ କଠୋର ସାଧନା କରିବା ଫଳରେ ନୂତନ ଜୀବ ଓ ଉଦ୍ଭିଦ ସୃଷ୍ଟି କରିବାରେ ସିଦ୍ଧି ଲାଭ କଲେ । ସେ ମୋର ବିଜ୍ଞାନର ଗର୍ଭଗୃହରେ ସଞ୍ଚିତ ପ୍ରାଣୀ ଏବଂ ଉଦ୍ଭିଦ ମାନଙ୍କର ବୀଜ ମାନଙ୍କୁ ନେଇ ତୁମମାନଙ୍କୁ ସୃଷ୍ଟି କଲେ । ଏଭଳି ଉଦ୍ଭିଦ ଓ ପ୍ରାଣୀ ମାନଙ୍କ ବ୍ୟତୀତ ଆମର ସନ୍ତାନ ମାନେ ଏ ପୃଥିବୀ ରେ ତିଷ୍ଠି ରହି ପାରି ନଥାନ୍ତେ । ସେମାନଙ୍କର ଉତ୍ପତ୍ତି କରି ଏହିଁ ପୃଥିବୀର ମଙ୍ଗଳ ନିମନ୍ତେ ମୁଁ ନିଜକୁ ଉତ୍ସର୍ଗ କରିଛି । ଏବେ କେବଳ ଦେବତା ,ମନୁଷ୍ୟ, ଗନ୍ଧର୍ବ ଓ ଅପ୍ସରୀମାନଙ୍କୁ ସୃଷ୍ଟି କରିସାରିବା ପରେ ମୁଁ ବିଶ୍ରାମ ନେବି । ପ୍ରାଣୀ ଓ ଉଦ୍ଭିଦ ବିନା ବି ଏକ ଜଡ ପୃଥିବୀରେ ଆମର ଭବିଷ୍ୟତ ମାନେ କିପରି ବଞ୍ଚିରହି ପାରିଥାନ୍ତେ ? ସେଥିପାଇଁ ବିଳମ୍ବ ଘଟିଛି ।ତାହା ବ୍ୟତୀତ, ସେମାନେ ତ ତୁମର ସହୋଦରା ଭଗିନୀ ଦିତି ?'

'ଭଗିନୀ ! ! ଦେଖ, ପ୍ରଜାପତି, ମୋର ଶରୀର ଓ ଭଗିନୀ ମାନଙ୍କ ଶରୀର ଗୋଟିଏ ନୁହେଁ । ଆତ୍ମା ଓ ମନ ମଧ୍ୟ ଗୋଟିଏ ନୁହେଁ, ପ୍ରଜାପତି । ମୁଁ ଏଠାକୁ ତୁମଠାରୁ ଜ୍ଞାନ, ବିଜ୍ଞାନ, ଧର୍ମ ଓ ସଂସ୍କୃତି ବିଷୟ ରେ ପ୍ରବଚନ ଶୁଣିବାକୁ ଆସିନାହିଁ ।' ଏହା କହି ଦିତି ରୋଷକଷାୟିତ ନୟନରେ କଟାକ୍ଷ ହାଣି କଶ୍ୟପଙ୍କୁ ଚାହିଁଲେ ଏବଂ ତାଙ୍କର ଡେଣା ଧରି ଗୋଟାଏ ଝିଙ୍କାରେ ଉଠାଇ ଠିଆ କରିଦେଲେ । ତଥାପି ମଧ୍ୟ କଶ୍ୟପ ଦ୍ୱନ୍ଦ ମଧ୍ୟରେ ଥିବାର ଜାଣିପାରି ସେ ନିଜର ବାମ ହାତରେ ତାଙ୍କର ବସ୍ତ୍ରକୁ ଆକର୍ଷିତ କରି ଉନ୍ମୋଚନ କଲେ ଓ ତାଙ୍କୁ ନଗ୍ନ କରି ଦେଲେ । ଏହାପରେ ଧୀରେ ଧୀରେ ତାଙ୍କର ସର୍ବାଙ୍ଗକୁ ଜଡ଼ାଇ ଧରିଲେ ।

ନାରୀ ହୋଇ ମଧ୍ୟ ବୃଷଳ ସମାନ ଲଜ୍ୟା ତ୍ୟାଗ କରିଥିଲେ ଦିତି । ରମଣ ବ୍ୟତୀତ ତାଙ୍କ ମାନସ ଓ ଅବୟବ ରେ ଅନ୍ୟ କୌଣସି ବାସନା ନଥିଲା । କଶ୍ୟପ ବୈଜ୍ଞାନିକ ଓ ଯୋଗୀ ହେଲେ ମଧ୍ୟ ଜଣେ ପୁରୁଷ ଥିଲେ । ସେ ଯୁବକ ଥିଲେ । ପତ୍ନୀଙ୍କର ଏହି ଉଗ୍ର କାମନା ଅନୁଭବ କରି ତାଙ୍କର ମଧ୍ୟ ଧୈର୍ଯ୍ୟ ଚ୍ୟୁତି ଘଟିଥିଲା । ସେ ଚିନ୍ତା କଲେ ଯେ,ଏହି ସଂସାର ରେ ପ୍ରାଣୀ ମାନେ ସ୍ତ୍ରୀ, ପୁତ୍ର, ସନ୍ତାନ ମାନଙ୍କୁ ନେଇ ଘର କରିଥାନ୍ତି ଓ ଯନ୍ତ୍ରିତ ହୋଇଥାନ୍ତି । ସଂସାର ରଖିବାକୁ ହେଲେ ସ୍ତ୍ରୀର ମନ ନେଇ କାର୍ଯ୍ୟ କରିବାକୁ ହୁଏ । ତାଙ୍କ ମଧ୍ୟରେ ଥିବା କାମ ଦାନବ ଉପଭୋଗ ପାଇଁ ଉନ୍ମତ୍ତ ହୋଇଉଠିଲା । ସେ ଧର୍ମ ଭାବକୁ ମନରୁ ଉପେକ୍ଷା କରି ପତ୍ନୀ ଦିତିଙ୍କ ଇଚ୍ଛା ପୂର୍ଣ୍ଣ କରି ବାରେ ଲାଗିଲେ । ଆଉ ସେତିକି ବେଳେ ଅଭିଶପ୍ତ ଜୟ, ବିଜୟଙ୍କର ଆତ୍ମା ସେହି ଦାନବ ଶୁକ୍ରରେ ମିଳିତ ହୋଇ ଦିତିଙ୍କର ଗର୍ଭାଶୟକୁ ଚାଲିଗଲା ।

ପ୍ରଜାପତି କଶ୍ୟପଙ୍କ ଗୃହରେ ଦିତିଙ୍କ ଗର୍ଭରେ ସେହି ଦୁଇ ଭୟଙ୍କର ଦାନବ ଭ୍ରୁଣ ବଢ଼ିବାରେ ଲାଗିଲେ । ଅବଶ୍ୟ ନିଜର କୃତକର୍ମପାଇଁ ଦିତି ଅନେକ ଅନୁତାପ କରିଥିଲେ । ସ୍ୱାମୀ ଯେତେବେଳେ ତାଙ୍କର ଏହି ଉଦ୍ଧତ ରତି ଇଚ୍ଛାକୁ ପୂର୍ଣ୍ଣ କରି ହସ୍ତ ଓ ପାଦକୁ ଜଳରେ ଧୌତ କରି ନିଶ୍ଚଳ ଭାବେ ଆସନ ରେ ବସି ନୀରବରେ ଗାୟତ୍ରୀ ମନ୍ତ୍ର ଜପ କରିବାରେ ଲାଗିଲେ, ସେତେବେଳେ ଦିତି ବୁଝିପାରିଲେ ଯେ, ତାଙ୍କର ଭୁଲ କେତେ ସାଂଘାତିକ ଥିଲା । ସେ ତତ୍କ୍ଷଣାତ ଶାୟିତା ବସ୍ଥାକ୍ଷରୁ ଉଠି ନିଜର କେଶ ବସନକୁ ସଂଯତ କରି ସମ୍ଭାଳି ନେଲେ ଏବଂ ନିଜ ପତିଙ୍କୁ ଅବଜ୍ଞା କରିଥିବାରୁ ପ୍ରଭୁ ଶିବଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ । କିନ୍ତୁ ଧନୁର ଶର, ବୃକ୍ଷର ପତ୍ର ଏବଂ ରସନାର ଉଚ୍ଚାରିତ ବାକ୍ୟ ପରି ସେହି ଗତ ହୋଇ ଥିବା ଅସଂଶୋଧିତ କର୍ମଟି ଆଉଥରେ ସଂଶୋଧନ ହୋଇ ଫେରି ନଥିଲା । ପ୍ରଜାପତି କଶ୍ୟପଙ୍କଠାରୁ ଦିତିଙ୍କ ଗର୍ଭ ମଧ୍ୟରେ ଏହି ଦାନବ ସନ୍ତାନ ମାନେ କିପରି ପ୍ରବେଶ କରି ଥିଲେ ?

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## ବର୍ଷା

ଶୁଭଶ୍ରୀ ରାଉତ



ଇଚ୍ଛାମତୀ ବର୍ଷାର ଭିଜାଭିଜା ସ୍ପର୍ଶରେ
ତୁମକୁ ପ୍ରତୀକ୍ଷା କରି କରି
ମୁଁ ସ୍ୱପ୍ନ ଘେରରେ ବନ୍ଦିନୀ ।

ସ୍ୱପ୍ନ ଦେଖିବାର ମିଠାମିଠା
ଉତ୍ତାପରେ ମୁଁ ଅର୍ଦ୍ଧ ଦଗ୍ଧା
ପେନ୍ଥି ପେନ୍ଥି କଦମ୍ବର
ନିଭୃତ ବାସ୍ନାରେ ।

ଦିନର ବର୍ଷା ରାତିରେ
ଆସନ୍ତା କି !
ତମ ପାଇଁ ମୋର ତ ସବୁବେଳେ
ଖୋଲା ଝର୍କାର ପ୍ରତୀକ୍ଷା ।

ସ୍ୱପ୍ନ ମାନେ ଏବେ ଆଖିପତାରେ
ଅଳସ ଭାଙ୍ଗନ୍ତି
ରାତି ପାହିଲା ବେଳକୁ
ମୋ କବାଟ ଦର ଆଉଜା
ଏବଂ ତୁମ ଓଲଟା ପାଦ ଚିହ୍ନ ।

+ଅମରାବତୀ ପୁର,
ଚୌଦ୍ୱାର, କଟକ



## ଫଗୁଣର ଚିଠି

ସୁଶ୍ରୀ ସଙ୍ଗୀତା ସେଠୀ



ଫଗୁଣ ଆସିଛି ନେଇ ରଙ୍ଗର ମେଳଣ
ଫଗୁ ଦାଣ୍ଡେ ଉଡ଼େଇ କିଣିନିଏ ମନ ।

ଦୋଳଗୋବିନ୍ଦ ବିଜେ ଦାଣ୍ଡ ଅଗଣାରେ
ମୟୂରଚୂଳିଆ ଫଗୁ ଉଡ଼ାନ୍ତି ଦାଣ୍ଡରେ !

ତାଙ୍କ ସାଥେ ଝୁମେ ଜନ ସେ ପ୍ରେମ ରଙ୍ଗରେ
ଭକ୍ତିର ସଙ୍ଗମ ହୁଏ ଏ ନିଆରା ପର୍ବରେ !

ରାଧାକୃଷ୍ଣଙ୍କ ଖେଳରେ ରଙ୍ଗେ ଏ ସଂସାର
ପ୍ରେମଫଗୁ ଉଡ଼େ ଖାଲି ପ୍ରେମରେ ବିଭୋର !

ମର୍ତ୍ତ୍ୟରେ ହୁଏ ଏଇ ଲୀଳା ଯେ ଅଦ୍ଭୁତ
ସରଗୁ ଓହ୍ଲାନ୍ତି ଦେବ ନେବାକୁ ଏ ଆନନ୍ଦ !

ଧନ୍ୟ ହୁଏ ଧରା ରାଧାମାଧବଙ୍କ ଲୀଳା ଦେଖି
ଦେହ ମନ ପବିତ୍ର ଯେ ଏଇ ଆଖି ସାକ୍ଷୀ !

ଏ ପାବନ ଓଡ଼ିଆ ମାଟି ଝୁମେ ଫଗୁଣରେ,
ରଙ୍ଗେଇ ସଂସାର ନିଏ ମେଲାଣି ଖୁସିରେ !

ବସନ୍ତରେ ଫଗୁଣର ଫଗୁ ଭରା ବେଶ
ଏଇ ବେଶ ଦେଖିବାକୁ ଧରା ଗଣେ ମାସ !

ତା ଆଗମନ ଚିଠି ବସୁଧା ଯେବେ ପାଏ
ଫୁଲର ଗହଣା ପିନ୍ଧି ସଂସାର ସଜେଇଦିଏ ।

+ଯାଜପୁର

## ଅଭିମାନୀ ଅତୀତ

ଶାଶ୍ୱତୀ ନନ୍ଦ



ଅତୀତ ଅଭିମାନୀ ଝିଅଟିଏ ପରି
ଆବୋରି ବସେ ମୋର ସାରା ଅସ୍ତିତ୍ୱକୁ,
ପ୍ରଶ୍ନର ଜାଲରେ ପୁଣି ଛନ୍ଦି ଦିଏ
ବିତର୍କିତ ଭାବନା ସବୁକୁ ।

ତା'ର ଅନୁପସ୍ଥିତି ବର୍ତ୍ତମାନରେ
ନିଜ ଅଧିକାର ଜାହିର କରେ,
ଜୀବନର ଅପଢ଼ା ପୃଷ୍ଠା ସବୁର
କୈଫୟତ ନିର୍ଦ୍ୱନ୍ଦ୍ୱରେ ମାଗିଚାଲେ ।

ଅତୀତ ଆଜି ଅଳି କରେ;
ତା' ଭିତ୍ତିହୀନ ଭୂଗୋଳର
ସୀମା ସବୁ ଭାଗ ନେବାପାଇଁ,
ଅନାୟସେ ଜୀବନରୁ କିଛି କ୍ଷଣ
ତା' ନାମରେ ବାନ୍ଧି ଦେବାପାଇଁ ।

ଅଭିମାନ ପାସୋରି.......
ଅତୀତ ଫେରିଛି ଆଜି ରଙ୍ଗହୀନ
ପ୍ରୀତି ବଣିଜକୁ,
ବିଞ୍ଚିବାକୁ ରଙ୍ଗ ତା'ର ପ୍ରିୟତମ
ସୁପ୍ତ ବଣିକକୁ ।

ଅଭିମାନୀ ଅତୀତ......
ଅବଶୋଷ ସବୁ ଭୁଲି ପୁଣିଥରେ
ସମ୍ପର୍କର ସେତୁ ବାନ୍ଧିଥାଏ,
ଅଭିମାନ ଶିକୁଳିରେ ଛନ୍ଦି ହୋଇ
ଅନୁରାଗ ବଳୟରୁ କିଛିକ୍ଷଣ
ପୁଣି ଅପସରି ଯାଏ ।

+କଳାପଥର,ବାଙ୍କୀ, କଟକ
ମୋ: ୮୯୨୬୨୧୭୭୦୭

## ମୟୂରଚନ୍ଦ୍ରିକା

ମଧୁସ୍ମିତା ସ୍ୱାଇଁ



ସିରିପା, ମୁକୁଟ, ସିଂହାସନ
ବଡପଣର ବଡିମାରେ
ଶ୍ରଦ୍ଧାପୁର୍ନେ ପୂଜାର୍ଚ୍ଚନା
ବିରାଜିତ ତୁମ ସତ୍ତା

ମନ୍ଦିର, ମେଢ଼ ଫଟୋ
ପୁଷ୍ପାର ପରସରେ
କଳାକାହ୍ନୁ ସିରିପାରେ
ଶୋଭା ପାଉ ବଢୁ ତୁମ ଗାଥା

ଇନ୍ଦ୍ରଧନୁ, ସୁନାସୁତା, ରଙ୍ଗ
ରାଗ କଲମରେ ।
ଫଗୁଣର ସୁରଞ୍ଜନ
ରାଧାକୃଷ୍ଣ ଗଭାରେ ଶୋଭିତା

ମାଙ୍ଗଳିକ ବଧୂ
କାଖ କାଣ୍ଡକଳସୀରେ ।
ମାଛ ଧରା ବନ୍ସୀରେ
ବାନ୍ଧି ରଖେ ସୂତା

ତୁମେ
ସୋନ୍ଦର୍ଯ୍ୟରେ ଅନୁପମା
ମଥାର ଶୋଭା
ଅଳଙ୍କାର ରତ୍ନମାଳା
ପ୍ରେମର ଆୟୁଧ ତୁରେ ପୂଜିତା ।

+ପାଣିକଟା, ଝାଂଟିଶାସନ,
ବାଲକାଟୀ, ଖୋର୍ଦ୍ଧା,
ମୋ- ୭୮୫୩୯୭୯୩୯୫

# ମୋବାଇଲ ଲୁଟ୍‌କୁ ନେଇ କଲେଜ ଛାତ୍ରକୁ ଛୁରା ମାଡ: ଗୁରୁତର ଅବସ୍ଥାରେ କୋରାପୁଟ ଡାକ୍ତରଖାନାରେ ଭର୍ତ୍ତି

ଜୟପୁର, ୫/୨ (ନି.ପ୍ର): ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରକୁ ଏକାଧିକ ଅଣଛାତ୍ର ଛୁରୀ ଭୁସି ହତ୍ୟା ଉଦ୍ୟମ କରିଥିବା ନେଇ ଟାଉନଥାନାରେ ମାମଲା ରୁଜୁ ହୋଇଛି। ଆଜି ଅପରାହ୍ନ ୨ଟାରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ହଷ୍ଟେଲ ଛାତ୍ର ମାନେ ସରସ୍ୱତୀ ମୂର୍ତି ବିସର୍ଜନ କରିବାକୁ କେନାଲକୁ ଯାଇଥିଲେ। କେନାଲରୁ ଫେରିବା ବାଟରେ ସ୍ଥାନୀୟ ଦଶହରା ପଡିଆରେ କିଛି ଯୁବକ ଛୁରୀ ଧରି ବସି ରହିଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ରାମଚନ୍ଦ୍ର ମାଢୀ ଓ ତାଙ୍କ ଜଣେ ସହଯୋଗୀ ସରସ୍ୱତୀ ମୂର୍ତି ବିସର୍ଜନ କରି କଲେଜକୁ ଫେରୁଥିଲେ। ଏହି ସମୟରେ ଜଣେ ଅଣ ଛାତ୍ର ରାମଚନ୍ଦ୍ରଙ୍କ ମୋବାଇଲ ଛଡାଇ ନେବାକୁ ଚେଷ୍ଟା କରୁଥିଲା। ଏହାକୁ ରାମଚନ୍ଦ୍ର ଓ ତାଙ୍କ ସାଙ୍ଗ ବିରୋଧ କରିବା ପରେ ଉଭୟଙ୍କ ମଧ୍ୟରେ ବଚସା ଲାଗିଥିଲା। ଅଣଛାତ୍ର ଜଣକ ସ୍ଥାନୀୟ କିଛି ପିଲାଙ୍କୁ ଡାକି ରାମଚନ୍ଦ୍ରଙ୍କୁ ଆକ୍ରମଣ କରିବା ପରେ ପେଟରେ ଛୁରୀ ଭୁସି ଦେଇଥିଲା। ପେଟରେ ଗୁରୁତର ଆଘାତ ଲାଗିବା ପରେ ପେଟର ଅନ୍ତବୁଜୁଳା ବାହାରି ଆସିଥିଲା। ତୁରନ୍ତ ରାମଚନ୍ଦ୍ରଙ୍କୁ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତି କରିବା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ରାମଚନ୍ଦ୍ରଙ୍କୁ କୋରାପୁଟ ଲକ୍ଷ୍ମଣନାୟକ ମେଡିକାଲକୁ ପଠାଯାଇଥିଲା କ୍ଷରାମଚନ୍ଦ୍ରଙ୍କ ସହ ଥିବା ସାଙ୍ଗ ମନୋଜ ପାଡିଆମୀଙ୍କ କହିବାନୁଯାୟୀ, ରାମଚନ୍ଦ୍ର ମାଢୀ ଓ କୈଳାସ ମାଝି ସମସ୍ତେ ସନ୍ତୋଷୀମା ନଗର ଅଂଚଳରେ ଘର ଭଡ଼ାରେ ନେଇ ରହୁଛନ୍ତି। ହଷ୍ଟେଲର ମୂର୍ତି ବିସର୍ଜନ କରି କଲେଜ ଫେରିବା ବାଟରେ ଦଶହରା ପଡିଆରେ ଅପରାହ୍ନ ସାଢେ ୨ଟା ସମୟରେ ୫ ଜଣ ଯୁବକ ହଠାତ ଆସି ରାମଚନ୍ଦ୍ରର ମୋବାଇଲ ଛଡାଇଥିଲେ। ଆମେ ସମସ୍ତେ ବିରୋଧ କରିବାରୁ ଅଣଛାତ୍ର ଜଣକ କିଛି ଯୁବକଙ୍କୁ ଡାକିଥିଲେ। ପରେ ଆମ ସମସ୍ତଙ୍କୁ ମାଡ ମାରିବା ପରେ ରାମଚନ୍ଦ୍ରଙ୍କ ପେଟରେ ଏକ ଷ୍ଟିଲ ଛୁରିଟିକୁ ଭୁସୀ ଦେଇଥିଲେ। ଯାହା ଫଳରେ ଆଜି ଆମ ସାଙ୍ଗର ସ୍ୱାସ୍ଥ୍ୟଅବସ୍ଥା ଗୁରୁତର ରହିଛି। ଅଣଛାତ୍ର ୫ ଜଣଙ୍କ ମଧ୍ୟରେ ଯିଏ ଛୁରି ଭୁସିଛି ତାକୁ ଚିହ୍ନି ପାରିବେ ବୋଲି ତାଙ୍କ ସାଙ୍ଗ ମନୋଜ ପାଡିଆମୀ ପ୍ରକାଶ କରିଛନ୍ତି। ଘଟଣାଟି ବିଶ୍ୱବିଦ୍ୟାଳୟ କର୍ତୃପକ୍ଷଙ୍କ ନଜରକୁ ଆସିବା ପରେ ରେଜିଷ୍ଟ୍ରର ରଞ୍ଜନ ପ୍ରଧାନ ଟାଉନଥାନାରେ ସନ୍ଧ୍ୟା ୬ଟାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତିକରି ଟାଉନ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଟାଉନ ଥାନା ଅଧିକାରୀ ରାମଣୀ ରଞ୍ଜନ ଦଲେଇ ସୂଚନା ଦେଇଛନ୍ତି ।

# ଗୁଦାରୀ ଉଚ୍ଚ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ

କନ୍ଧମାଳ , ୫/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଗୁଦାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ ଯୋଗ ଦେଇ ଆନୁଷ୍ଠାନିକ ଭାବେ ନିପୁଣ ଓଡ଼ିଶା ମେଳାକୁ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ମଲ୍ଲିକ,ଗୁଦାରୀ ପଂଚାୟତର ୱାର୍ଡ଼ ମେମ୍ବର ପଦ୍ମଚରଣ କହଁର,ବିଦ୍ୟାଳୟର ସଭାପତି ସୁଜିତ କୁମାର ଯାନୀ, ଗୁଦାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରୁଦ୍ରାୟିନୀ ଦାନୀ ପ୍ରମୁଖ ଉପସ୍ଥିତ ରହିଥିଲେ ଗୁଦାରୀ ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜିକା ସୁଜାତା କୁମାରୀ ପ୍ରଧାନ ମେଳା ପରିଚାଳନା କରିଥିଲେ। ମେଳାରେ ନଅ ଗୋଟି ବିଦ୍ୟାଳୟର ସମସ୍ତ ଏଫ.ଏଲ.ଏନ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଏବଂ ଅବିଭାବକ ମାନେ ମିଳିତ ଭାବେ ଯୋଗ ଦେଇଥିଲେ !ମେଳାରେ ବିଭିନ୍ନ ଶିକ୍ଷଣୀୟ ଉପକରଣ ଏବଂ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା ! ପ୍ରତ୍ୟେକ ବିଦ୍ୟାଳୟରୁ ଆସିଥିବଲା ଶିକ୍ଷଣୀୟ ସାମଗ୍ରୀ ଗୁଡ଼ିକୁ ୪ ଟି ଷ୍ଟଲରେ ବିଭକ୍ତ କରାଯାଇ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମାନଙ୍କୁ ମୌଳିକ ସାକ୍ଷାରତା ଏବଂ ସଂଖ୍ୟାଜ୍ଞାନ ଉପରେ ସଚେତନତା କରାଯାଇଥିଲା। ଏହା ସହିତ ନିପୁଣ ଓଡ଼ିଶା ଗଠନ ପାଇଁ ସମସ୍ତେ ଶପଥ ନେଇଥିଲେ। ମେଳାରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ ନାଚ ଗୀତ ପରିବେଷଣ କରିବା ସହିତ ନିପୁଣ ଓଡ଼ିଶା ସେଲଫି ପଏଂଟରେ ସମସ୍ତେ ଫୋଟ ଉଠାଇଥିଲେ।

# ଶ୍ରୀପଦ ହନୁମାନ ମନ୍ଦିରରେ ୧୫ତମ ବାର୍ଷିକ ଉତ୍ସବ

ନୀଳଗିରି, ୫/୨ (ନି.ପ୍ର): ନୀଳଗିରି ହସ୍ପିଟାଲ ରୋଡ଼ରେ ଥିବା ଶ୍ରୀପଦ ହନୁମାନ ମନ୍ଦିରରେ ୧୫ ତମ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସକାଳେ ଧ୍ୱଜାରୋପଣ ପରେ ଘଟସ୍ଥାପନ କରାଯାଇ ରୀତିନୀତି ରେ ହୋମଯଜ୍ଞ ହୋଇ ପୂଜାର୍ଚ୍ଚନା ହୋଇଥିଲା। ମହାବୀର କମିଟିର ସଦସ୍ୟଙ୍କ ସମେତ ବହୁଭକ୍ତ ସଂକଳ୍ପ କରିବା ସହିତ କରି ପୂଜାକରି ହନୁମାନଙ୍କ ଆଶିଷ କାମନା କରିଛନ୍ତି। ପୂର୍ଣ୍ଣାହୁତି ପରେ ସନ୍ଧ୍ୟାରେ ପ୍ରସାଦ ସେବନ କରାଯାଇଥିଲା। ଆଜିର ନୀତିପୂଜାରେ ପଣ୍ଡିତ ଦିଲ୍ଲୀପ ଷଡ଼ଙ୍ଗୀ ଓ ପ୍ରଶାନ୍ତ ଚୌଧୁରୀ



ସମାପନ କରିବା ସହ ସଞ୍ଜୟ ଜେନା ଓ ଭାରତୀପ୍ରଭା କର୍ତ୍ତାକର୍ତ୍ତି ଭାବେ ପୂଜାକରିଥିଲେ। ଏହି ଉତ୍ସବରେ ମହାବୀର କମିଟିର କାଳିଆ ରାଉତ, ପ୍ରଶାନ୍ତ ଦାସ,ବିଜୟ ବାରିକ, ବ୍ରଜକିଶୋର ପାଣି, ଭାସ୍କର ଖୁଣ୍ଟିଆ, ଅଜିତ ନାୟକ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଜଟିଆ ସିଂ, ଉମାକାନ୍ତ ନାୟକ, ନିରଞ୍ଜନ ମହାନ୍ତି, ଜ୍ୟୋତିପ୍ରକାଶ ରାଉତ, ଦୀପକ ପଣ୍ଡା, ସୁଶାନ୍ତ ବିଶ୍ୱାଳଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମହିଳାଙ୍କୁ ନିର୍ଯାତନା ନେଇ ଥାନାରେ ଅଭିଯୋଗ

ଜୟପୁର, ୫/୨ (ନି.ପ୍ର): ମହିଳାଙ୍କୁ ଶାରିରିକ ମାନସିକ ନିର୍ଯାତନା ସହ ଯୌତୁକ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, କୋରାପୁଟ ଜିଲା ନନ୍ଦପୁର ଥାନା ଟିକରପଡା ଗ୍ରାମର ତୁଳାବତୀ ଖିଲ ଗତ ୧୨ ବର୍ଷ ତଳେ କୁମୁଦ ଖିଲ କୁ ବିବାହ କରିଥିଲେ । ଏମାନଙ୍କର ୨ଟି ସନ୍ତାନ ରହଛି । ଯୌତୁକ ପାଇଁ ସ୍ୱାମୀଙ୍କ ଭାଇ ଓ ତାଙ୍କ ସ୍ତ୍ରୀ ମିଶି ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ତୁଳାବତୀ ଖିଲ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତି କରି ପୋଲିସ ଆଜି ସଂନ୍ଧ୍ୟା ୫ଟାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ମହିଳା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ୨୦୨୪ -୨୫ ଆର୍ଥିକ ବର୍ଷର ଅପ୍ରେଲ-ଜାନୁଆରୀ ମଧ୍ୟରେ ବିଭିନ୍ନ ପ୍ରମୁଖ ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ

ରାଉରକେଲା, ୫/୨ (ନି.ପ୍ର): ମହାରତ୍ନ କମ୍ପାନୀ ସେଲର ଅନ୍ୟତମ ୟୁନିଟ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଚଳିତ ଆର୍ଥିକ ବର୍ଷ ୨୦୨୪ -୨୫ରେ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ହାସଲ କରିଛି।

ବ୍ଲାଷ୍ଟ ଫର୍ଣ୍ଣେସ୍-୫ 'ଦୁର୍ଗା' ୨୫,୯୯,୯୬୭ ଟନ୍ ହଟ୍ ମେଟାଲ୍ ଉତ୍ପାଦନ କରି ଏହାର ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ହାସଲ କରିଥିବା ବେଳେ ବ୍ଲାଷ୍ଟ ଫର୍ଣ୍ଣେସ୍-୧ 'ପାର୍ବତୀ' ଆଲୋଚ୍ୟ ଅବଧିରେ ୮,୩୩,୫୫୭ ଟନ୍ ହଟ୍ ମେଟାଲ୍ ଉତ୍ପାଦନ ନୂତନ ରେକର୍ଡ ସ୍ଥାପନ କରିଥିଲା। ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ ଏସ ଏମ ୨ ) ୨୧,୧୬,୦୯୭ ଟନ୍ ଏଚଆର କଏଲ ଉତ୍ପାଦନ ପୂର୍ବକ ଏହାର ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ହାସଲ କରିଛି ଏବଂ ପୂର୍ବ ଶ୍ରେଷ୍ଠ ଅନୁରୂପ ପୂର୍ବ ବର୍ଷ ଅବଧିର ୧୯,୪୩,୭୯୩ ଟନ୍ କୁ ଅତିକ୍ରମ କରିଛି। ସି ଇ-ପ୍ରମାଣପତ୍ର ଲାଭ କରିଥିବା ନୂତନ ପ୍ଲେଟ୍ ମିଲ୍ ମଧ୍ୟ ପ୍ରଥମ ଦଶ ମାସ ମଧ୍ୟରେ ୭,୭୩,୭୭୯, ଟନ୍ ପ୍ଲେଟ୍ ଉତ୍ପାଦନ କରି ଏକ ନୂତନ ରେକର୍ଡ ସ୍ଥାପନ କରିଛି ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ସମାନ ଅବଧିରେ ରେକର୍ଡ କରାଯାଇଥିବା ଏହାର ପୂର୍ବ ଶ୍ରେଷ୍ଠ ୭,୬୨,୮୪୭ ଟନ୍ କୁ ଅତିକ୍ରମ କରିଛି। ଏତଦବ୍ୟତୀତ, ଏଚଏମଏସ-୨ ବିଭାଗ ୨୦୨୪ ଡିସେମ୍ବରରେ ୨୫୩୬୮୦ ଟନ୍ ସ୍ଲାବ୍ ରୋଲିଂ କରି ୨୪୭୪୯୩ ଟନ୍ ଏଚ ଆର କଏଲ୍ ଉତ୍ପାଦନ କରି ଏହାର ଶ୍ରେଷ୍ଠ ମାସିକ ଉତ୍ପାଦନ ରେକର୍ଡ ସ୍ଥାପନ କରିଥିଲା। ସିଟ୍ ସିୟରିଂ ଲାଇନରେ ମଧ୍ୟ ୨୦୨୪ ଡିସେମ୍ବରରେ ୩୦୦୧୧ ଟନ୍ ପ୍ଲେଟ୍ ଉତ୍ପାଦନ ସହିତ ଶ୍ରେଷ୍ଠ ମାସିକ ଉତ୍ପାଦନ ରେକର୍ଡ ହୋଇଛି।

ଅନୁରୂପ ଭାବେ ଜାନୁଆରୀ, ୨୦୨୫ରେ ଆର ଏସ ପି ର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଅଧୀନରେ ଥିବା ବୋଲାଣି ଓର ମାଇନ୍ସ (ବି ଓ ଏମ ) ସର୍ବକାଳୀନ ଶ୍ରେଷ୍ଠ ରନ୍ ଅଫ୍ ମାଇନ୍ସ (ଜଙ୍ଗ) ଏବଂ ଫାଇନ୍ସ ଉତ୍ପାଦନ ହାସଲ କରିଛି । ୨୦୨୫ ଜାନୁଆରୀ ରେ ବି ଓ ଏମ ସର୍ବାଧିକ ୭,୫୬, ୬୨୩ ଟନ୍ ଆରଓଏମ ଉତ୍ପାଦନ ହାସଲ କରିଛି ଏବଂ ଧାର୍ଯ୍ୟ ଲକ୍ଷ୍ୟର ୧୧୦% ହାସଲ ସହକାରେ ଡିସେମ୍ବର ୨୦୨୩ରେ ହାସଲ ହୋଇଥିବା ପୂର୍ବ ଶ୍ରେଷ୍ଠ ୭,୧୦,୦୬୩ ଟନ୍ କୁ ଅତିକ୍ରମ କରିଛି। ୨୦୨୫ ଜାନୁଆରୀ ରେ ସର୍ବାଧିକ ଫାଇନ୍ସ ଉତ୍ପାଦନ କ୍ଷେତ୍ର ରେ ମଧ୍ୟ ୪,୮୧,୦୬୯ ଟନ୍ ହୋଇଛି , ଯାହା ପୂର୍ବ ୨୦୨୩ ଡିସେମ୍ବର ମାସ ରେ ହାସଲ କରାଯାଇଥିବା ଶ୍ରେଷ୍ଠ ୪,୭୬, ୮୭୫ ଟନ୍ ଅତିକ୍ରମ କରିଛି। ଏହା ସହିତ, ଜାନୁଆରୀ ମାସ ରେ ସର୍ବାଧିକ ମୋଟ ଲମ୍ପ ଆଣ୍ଡ ଫାଇନ୍ସ ଉତ୍ପାଦନ ୭,୧୦,୬୨୮ ଟନ୍ ରେକର୍ଡ କରାଯାଇଛି ଏବଂ ଏହା ଜାନୁଆରୀ ୨୦୨୩ରେ ହାସଲ କରାଯାଇଥିବା ପୂର୍ବ ଶ୍ରେଷ୍ଠ ୬,୭୯,୬୧୮ ଟନ୍ କୁ ଅତିକ୍ରମ କରିଛି।



# ସମ୍ପ୍ରତି ବଜେଟ୍ ଅଧିବେଶନରେ ମହାନଦୀ ବିବାଦ ସମାଧାନ ସମ୍ପର୍କରେ ସାଂସଦ ବିଶିଙ୍କ ପ୍ରଶ୍ନ

ବଲାଙ୍ଗିର, ୫/୨ (ନି.ପ୍ର): ସଂସଦର ସଦ୍ୟ ବଜେଟ୍ ଅଧିବେଶନରେ ମହାନଦୀ ବିବାଦକୁ ନେଇ ସଂସଦର ସଦସ୍ୟ (ରାଜ୍ୟସଭା) ତଥା ସଂସଦୀୟ ଷ୍ଟାଣ୍ଡିଂ କମିଟିର ସଭାପତି ନିରଞ୍ଜନ ବିଶି, ଏକ ଅଣ ତାରକା ପ୍ରଶ୍ନ ପଚାରିଥିଲେ। ନଦୀ ବିବାଦର ଶୀଘ୍ର ଶୁଣାଣି ତଥା ଶେଷ ସମାଧାନ ପାଇଁ ଟ୍ରିବ୍ୟୁନାଲରେ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ଟ୍ରିବ୍ୟୁନାଲ ବାହାରେ ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିଛନ୍ତି କି ନାହିଁ ସେ ସମ୍ପର୍କରେ ସାଂସଦ ଶ୍ରୀ ବିଶି ସ୍ପଷ୍ଟୀକରଣ ମାଗିଥିଲେ ।

ଏହାର ଜବାବରେ ରାଜ୍ୟ ଶକ୍ତି ମନ୍ତ୍ରୀ ଶ୍ରୀ ରାଜ ଭୂଷଣ ଚୌଧୁରୀ ଏକ ଲିଖିତ ଉତର ଦେଇଛନ୍ତି। ଶ୍ରୀ ଚୌଧୁରୀ କହିଛନ୍ତି ଯେ, ଅନ୍ତରାଜ୍ୟ ନଦୀ ଜଳ ଏବଂ ସେମାନଙ୍କ ନଦୀ ଉପତ୍ୟକାକୁ ନେଇ ବିବାଦର ସମାଧାନ ପାଇଁ ସଂସଦ ଅନ୍ତରାଜ୍ୟ ନଦୀ ଜଳ ବିବାଦ (ଓଅଜଡଉ) ଅଧିନିୟମ, ୧୯୫୬ ପ୍ରଣୟନ କରିଛି। ଅନ୍ତରାଜ୍ୟ ନଦୀ ଉପରେ ଜଳ ବିବାଦ ସମ୍ବନ୍ଧରେ ସରକାର - ଏବଂ ଯଦି କେନ୍ଦ୍ର ସରକାର ସ୍ଥିର କରନ୍ତି ଯେ ବୁଝାମଣା ମାଧ୍ୟମରେ ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ - ତେବେ ଏହା ବିଚାର ପାଇଁ ୱାଟର ବିବାଦ ଟ୍ରିବ୍ୟୁନାଲ ଗଠନ କରିବ। ମହାନଦୀ ନଦୀ ଜଳ ବିବାଦ ସମ୍ପର୍କରେ, ଓଡିଶା ସରକାର ଆନ୍ତରାଜ୍ୟ ନଦୀ ଜଳ ବିବାଦ ଅଧିନିୟମ, ୧୯୫୬ ଆଇନ ର ଧାରା ୩ ଅନୁଯାୟୀ ଆନ୍ତ - ରାଜ୍ୟ ମହାନଦୀ ଏବଂ ଏହାର ଉପତ୍ୟକା ଓଡ଼ିଶା ଏବଂ ଛତିଶଗଡ ମଧ୍ୟରେ ଥିବା ଜଳ ବିବାଦକୁ ସମାଧାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ୧୯ ନଭେମ୍ବର ୨୦୧୬ ରେ ଏକ ଅଭିଯୋଗ ଦାଖଲ କରିଥିଲେ।

ଏଥିସହ ଶ୍ରୀ ରାଜ ଭୂଷଣ ଚୌଧୁରୀ ଉଲ୍ଲେଖ କରିଛନ୍ତି ଯେ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଏକ ଆଲୋଚନା କମିଟି ଗଠନ କରିଛନ୍ତି। ବୁଝାମଣା ଦ୍ୱାରା ବିବାଦର ସମାଧାନ ହୋଇପାରିବ ନାହିଁ ବୋଲି କମିଟି ମେ ୨୦୧୭ ରେ ରିପୋର୍ଟ ଦାଖଲ କରିଛି। ପରବର୍ତୀ ସମୟରେ ଓଡିଶା ସରକାର ମାନ୍ୟବର ସୁପ୍ରିମକୋର୍ଟରେ ମୂଳ ମକଦ୍ଦମା ନମ୍ବର ୧/୨୦୧୭ ଦାଖଲ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କେନ୍ଦ୍ର ସରକାର ୧୨ ମାର୍ଚ୍ଚ ୨୦୧୮ ରେ ଗେଜେଟ୍ ନୋଟିଫିକେସନ୍ ଦ୍ୱାରା ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରି ଓଡ଼ିଶା ଟ୍ରିବ୍ୟୁନାଲକୁ ପଠାଯାଇଥିଲା। ଏହି ମାମଲା ବର୍ତମାନ ଟ୍ରିବ୍ୟୁନାଲ ସମ୍ମୁଖରେ ବିଚରାଧୀନ ଅଟେ। ଟ୍ରିବ୍ୟୁନାଲର ଅନୁରୋଧ କ୍ରମେ କେନ୍ଦ୍ର ସରକାର ୨୧ ଜୁନ୍ ୨୦୨୩ ତାରିଖର ବିଜ୍ଞପ୍ତି ନମ୍ବର ୨୭୩୪ (ଇ) ମାଧ୍ୟମରେ ଟ୍ରିବ୍ୟୁନାଲର ରିପୋର୍ଟ ଦାଖଲ ପାଇଁ ୧୩ ଏପ୍ରିଲ ୨୦୨୬ କିମ୍ୱା ତା'ପୂର୍ବରୁ କିମ୍ୱା ଦାଖଲ ନହେବା ପର୍ଯ୍ୟନ୍ତ ସମୟ ଦେଇଛନ୍ତି ବୋଲି ମନ୍ତ୍ରୀ ଉତର ରଖିଛନ୍ତି ।

# ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ଷୋଡଶ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୫/୨ (ନି.ପ୍ର): ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ବାସୁଦେବପୁର ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ଷୋଡଶ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଓଡ଼ିଶାର ବିଶିଷ୍ଟ କବି ଓ ଅନୁବାଦକ ତଥା ଫିନିକ୍ସ ଏକାଡେମୀ ଟ୍ରଷ୍ଟର ଚେୟାରମ୍ୟାନ ଅଭିମନ୍ୟୁ ବେହେରା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ। ବିଧାୟକ ଶ୍ରୀ ଦାସ ଓ ସମସ୍ତ ଅତିଥି ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ମହାପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଶିକ୍ଷା ସାହିତ୍ୟ, କଳା, ସଂସ୍କୃତି ଐତିହ୍ୟ ପରମ୍ପରା ତଥା ଦେଶର ବିକାଶ ଓ ବିଜ୍ଞାନର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ ବିଧାୟକ ଶ୍ରୀ ଦାସ। ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ଗବେଷକ, ସାହିତ୍ୟିକ ତଥା ନୀଳଗିରି ଡ଼ିଗ୍ରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ଼କ୍ଟର ପ୍ରଦୀପ୍ତ କୁମାର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଗୋଷ୍ଠୀ



ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, ଫିନିକ୍ସ ଆବାସିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ କବି ଅଭିମନ୍ୟୁ ବେହେରାଙ୍କ କ୍ଷୁଦ୍ର ନାଟକ ପୁସ୍ତକ ଭକ୍ତ ପ୍ରହଲ୍ଲାଦ, ମୁଠିଏ ଚାଉଳ ଗୋଟିଏ ଟଙ୍କା ଏବଂ ମାଲାୟାଲାମ୍ ଭାଷାରୁ ଅନୁଦିତ ପୁସ୍ତକ ସତ୍ୟ କାହାଣୀ ମାଳା ଅତିଥି ବନ୍ଧୁ ମାନଙ୍କ ଦ୍ୱାରା ଲୋକାର୍ପଣ ହୋଇ ଥିଲା। ବିଦ୍ୟାଳୟର ମୁଖପତ୍ର ସୃଜନୀ ଇତି ମଧ୍ୟରେ ଉନ୍ମୋଚିତ ହୋଇ ଥିଲା। ଫିନିକ୍ସର ମଧୁର ଓ କୋମଳ ସ୍ପର୍ଶରେ ବିକଶିତ କଳିକା ତଥା ପୁରାତନ ମେଧାବୀ ଛାତ୍ର ସୌମ୍ୟ ରଞ୍ଜନ ମହାନ୍ତି, ଏମ ବି ବି ଏସ ଏବଂ ମୋନାଲିସା ଦାସ ଓ ପୃଥିରାଜ ପଲାଇ ଙ୍କୁ ଏହି ଉତ୍ସବରେ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଅବସର ପ୍ରାପ୍ତ ଡି ଏସ ପି,ସମାଜସେବୀ ତଥା ସୁରଭିତ ସ୍ମରଣ କବିତା ପୁସ୍ତକର ସ୍ରଷ୍ଟା କବି ଅଚ୍ୟୁତାନନ୍ଦ ପାଢ଼ୀ ଖୁବ ମିଠା ମିଠା ଶବ୍ଦ ଓ ଭାଷା ମାଧ୍ୟମରେ ମଞ୍ଚ ସଂଯୋଜନା କରିଥିଲେ। କବି ସୁଧାଂଶୁ ଶେଖର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଫିନିକ୍ସ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଫିନିକ୍ସ ଏକାଡ଼େମୀ ଆବାସିକ ଉଚ୍ଚ ବିଦ୍ୟାଳୟର ସମ୍ପାଦକ ଅଧ୍ୟାପକ ଚନ୍ଦ୍ର ଶେଖର ବେହେରା ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିବା ସହିତ ଏହି ସ୍ୱାଧୀନତା ସଂଗ୍ରାମର ପବିତ୍ର ମାଟିରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନାଟକ ଭକ୍ତ ପ୍ରହଲ୍ଲାଦ ସଫଳତାର ସହିତ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ପକ୍ଷରୁ ସକାଳ ଆଠ ଘଟିକା ସମୟରେ ଫିନିକ୍ସ ବିଦ୍ୟାଳୟ ର ମାର୍ଗ ଦର୍ଶକ,ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍,ସାହିତ୍ୟିକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବଙ୍କିମ ଚନ୍ଦ୍ର ମହାରଣାଙ୍କୁ ସ୍ମରଣ କରି ସାରସ୍ୱତ ପତାକା ଉତ୍ତୋଳନ କରାଯାଇଥିଲା। ଫିନିକ୍ସ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସୁଧାଂଶୁ ଶେଖର ମୁଦୁଲି, ମହେଶ୍ୱର ଗାହାଣ, ରଞ୍ଜନ ନାୟକ, ଭାଗିରଥୀ ଦାସ, ବିଜୟ କୁମାର ପାଣିଗ୍ରାହୀ, ସୁକାନ୍ତ ଦାସ, ଶିବ ଶଙ୍କର ଦାସ, ସ୍ୱାଧି ଶର୍ମିଷ୍ଠା ଦାସ, ସାନ୍ତ୍ୱନା ଦାସ, ମନତାରୀ ଖାତୁନ, ଭାଗ୍ୟଲକ୍ଷ୍ମୀ ଦାସ, କବିତା ପୁହାଣ, ଜୟନ୍ତୀ ମହାନ୍ତି, ଶିକ୍ଷା କର୍ମଚାରୀ ଲକ୍ଷ୍ମଣ ମଲ୍ଲିକ,ଗଜେନ୍ଦ୍ର ବାରିକ, ଧନୁର୍ଜୟ ମହାକୁଡ଼, ମନୋରଞ୍ଜନ ବେହେରା ଓ ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ବିଭାଗର ଆଲୋଚନା ଚକ୍ର

କେନ୍ଦ୍ରାପଡା, ୫/୨ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ବିଭାଗ ତରଫରୁ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ପୌରହିତ୍ୟ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାଣୀବିଜ୍ଞାନର ମୁଖ୍ୟ ରଞ୍ଜିତ୍ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର୍ ଜ୍ୟୋସ୍ନାମୟୀ ପତି ଆଲୋଚନା ଚକ୍ରର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବିଷୟ ବିଶେଷଜ୍ଞ ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟା ପ୍ରଫେସର୍ ଡ଼ ସ୍ୱାତୀ ପଣ୍ଡା "ସ୍ନେହସାରର ବର୍ଗୀକରଣ" ସମ୍ପର୍କରେ ସବିଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସୁବର୍ଣ୍ଣପୁରରେ ଜାତୀୟ କୃମିନାଶକ ଦିବସ ପାଳନ ନିମନ୍ତେ ସାମ୍ବାଦିକ ସମ୍ମିଳନୀ : ଜିଲ୍ଲାକୁ କୃମି ମୁକ୍ତ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେଉ

ସୁବର୍ଣ୍ଣପୁର, ୫/୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁବର୍ଣ୍ଣପୁର ଦ୍ୱାରା ଜିଲ୍ଲା ତାଲିମ କେନ୍ଦ୍ର ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରଦୀପ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କୃମିନାଶକ ଦିବସ ପାଳନ ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆମ ଜିଲ୍ଲାରେ ଆସନ୍ତା ୧୦ ଫେବୃୟାରୀ ୨୦୨୫ ତାରିଖ ଦିନ ଜାତୀୟ ସ୍ତରରେ କୃମିନାଶକ ଦିବସ ପାଳନ କରାଯିବ । ଯେଉଁମାନେ ୧୦ ତାରିଖ ଦିନ ଔଷଧ ଖାଇବାରୁ ବଂଚିତ ରହିବେ ତାଙ୍କୁ ୧୭ ଫେବୃଆରୀରେ ମପ୍ ଅପ୍ ରାଉଣ୍ଡରେ ଔଷଧ ଖାଇବାକୁ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଆମ ସୁବର୍ଣ୍ଣପୁର ଜିଲ୍ଲାର ୧,୭୭,୨୦୨ ହିତାଧିକାରୀ ଆଲବେଣ୍ଡାଜୋଲ ଔଷଧ ଖାଇବେ । ଏହା ମଧ୍ୟରୁ ୧ବର୍ଷ ରୁ ୧୯ ବର୍ଷ ପର୍ଯ୍ୟନ୍ତ ୧,୬୫,୨୬୭ ଜଣ ଶିଶୁ ଓ କିଶୋର ଏବଂ ୨୦ ବର୍ଷରୁ ୨୪ ବର୍ଷ ପର୍ଯ୍ୟନ୍ତ ୧୧,୯୩୫ ଜଣ ପ୍ରଜନନକ୍ଷମ ମହିଳା ରହିଛନ୍ତି । ସନ୍ତାନ ପ୍ରଜନନକ୍ଷମ ମହିଳାଙ୍କ ମଧ୍ୟରେ ଥିବା ଗର୍ଭବତୀ ଓ ପ୍ରସୂତି ମାନେ ଏହି ଔଷଧ ଖାଇବେ ନାହିଁ । ଆମ ଜିଲ୍ଲାର ୧୦୫୭ ଟି ସରକାରୀ ଓ ବେସରକାରୀ ସ୍କୁଲ/ ମହାବିଦ୍ୟାଳୟ, ୧୫୧୬ ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଔଷଧ ମାଗଣାରେ ପ୍ରଦାନ କରିବାର ସୁବ୍ୟବସ୍ଥା କରାଯାଇଅଛି। କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ଓ ସୁଚାରୁ ସମ୍ପାଦନ ପାଇଁ ୯୨ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ, ୬୪୦ ଜଣ ଆଶାକର୍ମୀ ତଥା ୧୫୧୬ ଜଣ ଅଙ୍ଗନବାଡ଼ି କର୍ମୀଙ୍କୁ ଆବଶ୍ୟକ ତାଲିମ ସହ ଔଷଧ ସେବନ କରାଇବାକୁ ନିୟୋଜିତ କରାଯାଇଥିବା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଗୁରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି । ସେବନ କରାଯିବାକୁ ଥିବା ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ରହିଥିବା ତଥା ଏହି ଔଷଧ ଖାଇବା ଦ୍ୱାରା ଶିଶୁର ରକ୍ତହୀନତା ଦୂର ହେବା ସହ ଶିଶୁର ପୌଷ୍ଟିକ ବୃଦ୍ଧି ହେବ ?ଏବଂ ସ୍କୁଲ ଓ ଅଙ୍ଗନବାଡିରେ ଉପସ୍ଥାନ ବଢିବ । ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଏହି ଅବସରରେ କୃମି ମୁକ୍ତ ସୁବର୍ଣ୍ଣପୁର ପାଇଁ ଜିଲ୍ଲାର ସମସ୍ତ ଅଭିଭାବକ, ଜନସାଧାରଣ ତଥା ଗଣମାଧ୍ୟମ ପ୍ରତିନିଧି ମାନଙ୍କର ସମ୍ପୂର୍ଣ୍ଣ ସହଯୋଗ କାମନା କରିଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ା. ଦୈତ୍ୟ ନାରାୟଣ ପାଢ଼ୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡ଼ା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ମନୋଜ କୁମାର ଅଦାବର, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଭି ଭି ଡି ଡ଼ା. ଗୋପାଳ ଚନ୍ଦ୍ର ମଲ୍ଲିକ, ଡି ପି ଏମ ଏନ ଏଚ ଏମ ବିଶ୍ୱମ୍ବର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଏ ଡି ପି ଏଚ ସି ଓ ବୃନ୍ଦାବନ ସାହୁ, ଡି ଏମ ଆର ସି ଏଚ ସୁଧାଂଶୁ ଶେଖର ନାୟକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଜିଲ୍ଲା ହିସାବ ପରିଚାଳକ ସରୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ନାରୀ ଓ ଶିଶୁ ସୁରକ୍ଷା ଆଇନଗତ ସଚେତନତା ଶିବିର

ବଲାଙ୍ଗିର, ୫/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଅମର ଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୌନ ନିର୍ଯ୍ୟାତନା ନିବାରଣ ଓ ନାରୀ ସୁରକ୍ଷା ପାଇଁ ଆଇନଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଜୟ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଆଇନସେବା ପ୍ରାଧିକରଣ ସଂପାଦକ ତଥା ସିନିୟର ସିଭିଲ ଜଜ୍ ପବିତ୍ରାନନ୍ଦ ପ୍ରଧାନ ଯୋଗଦେଇ ନାରୀ ଓ ଶିଶୁ ସୁରକ୍ଷା ଦିଗରେ ଥିବା ପୋସ ଏବଂ ପୋକ୍ସୋ ଆଇନର ବିଭିନ୍ନ ଦିଗ ବିଷୟରେ ଛାତ୍ର ଛାତ୍ରୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଅବଗତ କରାଇଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ଉପ-ଆରକ୍ଷୀ ଅଧିକ୍ଷକ ଅଜୟ କୁମାର ତିର୍କୀ ଯୋଗଦେଇ ପୋସ ଏବଂ ପୋକ୍ସୋ ଆଇନର କାର୍ଯ୍ୟକାରିତା ବିଷୟରେ ପୋଲିସର ଭୂମିକା ତଥା ସହାୟତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।

# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଲୋକାର୍ପିତ ହେଲା 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନା



ବାରିପଦା , ୫/୨ (ନି.ପ୍ର): ଓଡିଶା ସରକାର ଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଆଜି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ମିନି ଷ୍ଟାଡିଅମ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଅଭାସୀ ମାଧ୍ୟମରେ 'ବିକଶିତ ଗାଁ ବିକଶିତ ଓଡିଶା ' ଯୋଜନାର ଶୁଭାରମ୍ଭ କରି ଓଡିଶା ବାସୀଙ୍କ ଉଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ରେ କହିଥିଲେ କି ବିକଶିତ ଦେଶ ର ପରିକଳ୍ପନା କୁ ସାକାର କରିବା ପାଇଁ ହେଲେ ଏହାର ପ୍ରଥମ ସ୍ୱପାନ ଗ୍ରାମର ବିକାଶ ହେବା ଦରକାର। ତେଣୁ ଏହି ଯୋଜନାରେ ଗାଁର ସାମଗ୍ରିକ ବିକାଶ ପାଇଁ ବର୍ଷକୁ ଏକହଜାର କୋଟି ଅର୍ଥ ରାଶି ହିସାବରେ ପାଞ୍ଚ ବର୍ଷରେ ୫ହଜାର କୋଟି ଟଙ୍କା ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ବ୍ୟୟ ବରାଦ କରାଯାଇଛି। ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଜରିଆରେ ବିନିଯୋଗ ରେ ସ୍ୱଚ୍ଛତା ବଜାୟ ରଖି ଏହି ଅର୍ଥ ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ,କ୍ରୀଡା ଗମନା ଗମନ,ପୂଜାପୀଠ, କମ୍ୟୁନିଟି ସେଣ୍ଟର, ପାଠାଗାର, ଶ୍ରେଣୀଗୃହ ବୃଦ୍ଧି, ଗାଧୁଆ ଘାଟ ଇତ୍ୟାଦିର ଭିତ୍ତି ଭୂମିର ବିକାଶ ଓ ଅନ୍ୟାନ୍ୟ ବିବିଧ କ୍ଷେତ୍ର ରେ ଗାଁର ସାମଗ୍ରୀକ ବିକାଶ ପାଇଁ ବିନିଯୋଗ କରାଯାଇ ଗାଁ ଲୋକମାନଙ୍କ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ସ୍ଥିତି ରେ ସୁଧାର ଅଣାଯାଇ ସଶକ୍ତ କରାଯିବ ଯାହା ଫଳରେ ଗାଁର ଲୋକ ମାନେ ଗାଁ ରେ ରହି ନିଜର ବିକାଶ କରିବାରେ ସକ୍ଷମ ହୋଇପାରିବେ। ଏହି ଯୋଜନା ଦାରିଦ୍ର୍ୟ ଓ ଅନଗ୍ରସରତା ବିରୋଧ ରେ ସଂଗ୍ରାମ କରି ଗାଁ କୁ ବିକଶିତ କରିବା ସହ ଗାଁ ଓ ସହର ମଧ୍ୟରେ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗ ଗୁଡିକ ମଧ୍ୟରେ ତାରତମ୍ୟ ହ୍ରାସ ହେବ ଏବଂ ଗାଁ ଓ ସହରର ବିକାଶ ଏକାଧାରାରେ ଚାଲିବ ଫଳରେ ବିକଶିତ ଓଡିଶା ତଥା ବିକଶିତ ଭାରତ ପରିକଳ୍ପନା ସାକାର ହେବ। ଏହି ଅବସରରେ ଆଜି ବାରିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ତରଫରୁ ଆୟୋଜିତ ଯୋଜନାର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ରେ ମୟୁରଭଞ୍ଜ ଜିଲ୍ଲାପରିଷଦର ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ଜିଲ୍ଲପାଳ ଶ୍ରୀଯୁକ୍ତ ହେମକାନ୍ତ ସୟ, ଜିଲ୍ଲାପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଧର୍ମାନନ୍ଦ ବେହେରା, ଅତିରିକ୍ତ ଉନ୍ନୟନ ଅଧିକାରୀ ଶ୍ରୀ ଶାନ୍ତନୁ କୁମାର ନାୟକ, ଓରମାସ ର ସି ଇ ଓ ଶ୍ରୀ ବିମାନ ମଲ,ବାରିପଦା ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁନ୍ଦର ସିଂ ଓ ବାରିପଦା ବ୍ଲକ ର ଜିଲ୍ଲାପରିଷଦ ସଦସ୍ୟ ଶ୍ରୀ ନରେନ୍ଦ୍ର ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ରେ ଯୋଗ ଦେଇ ଜିଲ୍ଲାପାଳ ତାଙ୍କ ବକ୍ତବ୍ୟ ରେ ଏହି ଯୋଜନା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଅବଗତ କରାଇବା ସହ କହିଥିଲେକି ସରକାରଙ୍କ ଦ୍ୱାରା ବରାଦ ଅର୍ଥ କୁ ଖର୍ଚ୍ଚ କରିବା ସମୟରେ ବିକାଶ ଧାରାରେ କେଉଁ କାର୍ଯ୍ୟର ଅତ୍ୟନ୍ତ ଅବଶ୍ୟକତା ରହିଛି ତାହାକୁ ଦୃଷ୍ଟି ରେ ରଖି ପ୍ରାଧାନ୍ୟତା ଭିତ୍ତିରେ ଅର୍ଥ ବିନିଯୋଗ କଲେ ଏହାର ସଠିକ ଉପଯୋଗ ହେବା ସହ ସାମଗ୍ରିକ ବିକାଶ ସମ୍ଭବ ହେବ. ଏହାଦ୍ୱାରା ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବ, ପରିବାରର ର ଆୟ ବଢିବ, ସମସ୍ତେ ସଶକ୍ତ ହେବେ ଏବଂ ସମସ୍ତଙ୍କ ସହଯୋଗ ରେ ଗାଁ ସମୃଦ୍ଧ ହେବ। ବାରିପଦା ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀମତୀ ଐଶର୍ଯ୍ୟା ଭୂୟାଁ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭଗୀୟ ପଦାଧିକାରୀ,ବାରିପଦା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଂଚାୟତ ର ପି ଆର ଆଇ ସଦସ୍ୟ, ଜନସାଧାରଣ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ଉପସ୍ଥିତ ଥିଲେ। ଶ୍ରୀ ସମରେନ୍ଦ୍ର କୁମାର ବସା କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟ ର କର୍ମଚାରୀ ମାନେ ପରିଚାଳନା ରେ ସହଯୋଗ କରିଥିଲେ।

## ଖଇରାରେ ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା

ଖଇରା, ୫/୨ (ନି.ପ୍ର): ପ୍ରାୟ ପ୍ରତିଶିଶୁଙ୍କ ଭିତରେ ପ୍ରତିଭା ଲୁକ୍କାୟିତ ଅବସ୍ଥାରେ ରହିଛି । ଏହାର ପରିସ୍ଫୁଟନ କେବଳ ମାବାପା କିମ୍ବ ଶିକ୍ଷକଶିକ୍ଷୟତ୍ରୀଙ୍କର ନୁହେଁ । ବରଂ ଏହି ଦାୟିତ୍ୱ ଆମ ସମସ୍ତଙ୍କର ବୋଲି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ପ୍ରକାଶ କରିଛନ୍ତି । ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଅପରାହ୍ନରେ ବିଇଓ ଗଦାଧର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳାରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ରେମୁଣା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନର ବିରିଷ୍ଠ ପ୍ରଶିକ୍ଷକ ରଘୁନାଥ ଦାସ,ଏବିଇଓ ମାଣିକ ମିଶ୍ର ,ବିଆରସିସି ପାର୍ବତୀ ପଣ୍ଡା,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସିଆରସିସି ଲକ୍ଷ୍ମଣ ସେନ,ସରପଞ୍ଚ ମାଳତୀ ସେଠୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ ବିଧାୟକ ସେଲ୍ଫି ପଏଣ୍ଟରେ ସେଲ୍ଫିନେଇ ପିଲାମାନଙ୍କ ସହଜ ଶିକ୍ଷାପ୍ରଣାଳୀ ଉପରେ ଶିକ୍ଷକ ଓ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ଖୋଲାଯାଇଥିବା ଷ୍ଟଲକୁ ବୁଲି ଦେଖିଥିଲେ ।


**ଏସ୍. ଇ. ରେଳବାଇ - ଟେଣ୍ଡର**

ଇ-ଖୋଲା ଟେଣ୍ଡର ନୋଟିସ୍ ନମ୍ବର: **GEM/ 2025/B/ 5889989,** ତାରିଖ ୦୩.୦୨.୨୦୨୫। ଇ-ଖୋଲା ଟେଣ୍ଡର ଉପ-ମୁଖ୍ୟ ଯାନ୍ତ୍ରିକ ଇଞ୍ଜିନିୟର (ଉତ୍ପାଦନ)/ ଖଡ଼ଗପୁର କାର୍ଯ୍ୟଶାଳା, ଏସ୍. ଇ. ରେଳବାଇ, ଖଡ଼ଗପୁର-୭୨୧୩୦୧ ଦ୍ୱାରା ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଆମନ୍ତ୍ରିତ କରାଯାଉଛି: **କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର କର୍ମଶାଳାର ହ୍ୱିଲ୍ ସପ୍ ନମ୍ବର ୧୯ ରେ ସ୍ଥାପିତ ମେସର୍ସ ଗ୍ଲୋବାଲ୍ ଇଞ୍ଜିନିୟର୍ସ ଲିମିଟେଡ୍, ନୂଆଦିଲ୍ଲୀର ବେୟାରିଂ କ୍ଲିନିଂ ପ୍ଲାଣ୍ଟ (2RBC/ ୧୯) ପାଇଁ ୦୩ (ତିନି) ବର୍ଷ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି। **କାର୍ଯ୍ୟର ପ୍ରାୟ ମୂଲ୍ୟ:** ୧୭,୪୯,୦୦୭/-। **ବନ୍ଦ ତାରିଖ:** ୨୫.୦୨.୨୦୨୫। **ୱେବସାଇଟ୍ ବିବରଣୀ: www.gem.gov.in** **ଟିପ୍ପଣୀ:** ସମୟ ସମୟରେ ଜାରି ହୋଇଥିବା ଟେଣ୍ଡର ନୋଟିସ୍ ଏବଂ ଶୁଦ୍ଧିପତ୍ରର ବିବରଣୀ ସହିତ ଆବଶ୍ୟକୀୟ ସୂଚନା **www.gem.gov.in** ୱେବସାଇଟ୍‌ରେ ଉପଲବ୍ଧ।

**(PR-1099)**


## ଜିଲ୍ଲାସ୍ତରୀୟ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାର ଶୁଭାରମ୍ଭ



ବାଲେଶ୍ୱର, ୫/୨ (ନି.ପ୍ର): ଆଜି ପୂର୍ବାହ୍ନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଗ୍ରାମୀଣ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ତଥା ଗ୍ରାମୀଣ ଜୀବନଧାରଣର ମାନ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ 'ବିକଶିତ ଗାଁ' ବିକଶିତ ଓଡିଶା' ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ଗାଁ'ର ଭିତ୍ତିଭୂମି ବିକାଶ ପାଇଁ ବର୍ଷକୁ ହଜାର କୋଟି ଟଙ୍କା ଲେଖାଏଁ, ପାଞ୍ଚ ବର୍ଷରେ ମୋଟ ପାଞ୍ଚ ହଜାର କୋଟି ଟଙ୍କା ବିନିଯୋଗ କରାଯିବ । ଗାଁ'ର ବିକାଶ ପାଇଁ ଆବଶ୍ୟକ ପ୍ରକଳ୍ପ ଗୁଡିକୁ ଗ୍ରାମ ସଭାରେ ହିଁ ସ୍ଥିର କରାଯିବ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସଦର ମହକୁମାସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପଠାରେ ରାଜ୍ୟ ସରକାରଙ୍କ ଏହି ଯୋଜନାର ଶୁଭାରମ୍ଭ ହୋଇଯାଇଛି ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ, ବାଲେଶ୍ୱରଙ୍କ ପ୍ରତିନିଧି ଶ୍ରୀ ଶୁଭଙ୍କର ମହାପାତ୍ର, ମାନ୍ୟବର ବିଧାୟକ ସଦର ଶ୍ରୀ ମାନସ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ବିଶ୍ୱରଞ୍ଜନ ନାୟକ, ସଦର ବିଡ଼ିଓ ଶ୍ରୀ ଉତ୍ତମ ଜେନା ଏବଂ ବରିଷ୍ଠ ପଦାଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ ଯୋଜନା ଅନ୍ତର୍ଗତ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦିଆଯିବ ଓ ଏଥି ସହିତ ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡକ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ତଥା ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ । କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯିବ ଓ ଏଠାରେ ସୂଚନା ଥାଉ କି, ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ ।

## ବିରାଟ ଲୀଳାକ୍ଷେତ୍ରର ଶ୍ରୀମନ୍ଦିରରେ ବାର୍ଷିକ ଉତ୍ସବର ପ୍ରଥମ ଦିବସ ପାଳିତ



ଉଦଳା , ୫/୨ (ନି.ପ୍ର): ବିରାଟ ଲୀଳାକ୍ଷେତ୍ର ଭାବରେ ସୁପରିଚିତ ନୁଦଡ଼ିହା ପିଙ୍ଗୁସ୍ଥିତ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରର ବାର୍ଷିକ ଉତ୍ସବର ପ୍ରଥମ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଫେବୃଆରୀ ତିନି ତାରିଖରେ ଅଧିବାସ ଶେଷ ହେବାପରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଧ୍ୟାରେ ଉଦଳା ଓଡ଼ିଶୀ ନୃତ୍ୟ କେନ୍ଦ୍ରର କଳାକାରମାନଙ୍କୁ ନେଇ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ଫେବୃଆରୀ ୦୪ ତାରିଖରେ ସକାଳ ୯ ଘଟିକା ସମୟରେ ୫୦୦ କଳସ ଯାତ୍ରୀଙ୍କୁ ନେଇ ବିରାଟ ପଟୁଆର ମାଧ୍ୟମରେ ଶୃଙ୍ଖଳାର ସହିତ କୁକୁରଡ଼ିମା ନିକଟସ୍ଥ କଣ୍ଡାଳ ନଦୀରୁ ଘଟୋତୋଳନ କରାଯାଇଥିଲା । ଏଥିପାଇଁ ମନ୍ଦିର କମିଟିର ସେବାୟତ, ବିଭିନ୍ନ କ୍ଲବର ଯୁବଗୋଷ୍ଠୀ ଓ ପୋଲିସ ପ୍ରଶାସନଙ୍କ ପୂର୍ଣ୍ଣ ସହଯୋଗରେ ସମସ୍ତ ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁ କଳସ ଯାତ୍ରୀମାନେ ଭକ୍ତିଭରା ମନ ନେଇ ପୂର୍ଣ୍ଣକୁମ୍ଭକୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ସମର୍ପଣ କରିଥିଲେ । ସମସ୍ତ ପୂର୍ଣ୍ଣକୁମ୍ଭକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରିବାପରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ସେବାୟତମାନେ ହରିମଣ୍ଡପରୁ ଯଜ୍ଞ ନାରାୟଣଙ୍କୁ ଯଜ୍ଞମଣ୍ଡପରେ ପ୍ରତିଷ୍ଠିତ କରାଇଥିଲେ । ଏହାପରେ ସମସ୍ତ ବ୍ରତୀ କଳସଯାତ୍ରୀଙ୍କୁ ନେଇ ସଂକଳ୍ପ କାର୍ଯ୍ୟକ୍ରମ କରାଯାଇଥିଲା । ଯଜ୍ଞମଣ୍ଡପରେ ଚତୁର୍ବେଦୀ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ଯଜ୍ଞକାର୍ଯ୍ୟ ପରିଚାଳିତ ହୋିଥିଲା । ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିବେଶ ସଂପୂର୍ଣ୍ଣ ଭାବରେ ଶ୍ରଦ୍ଧାଳୁମାନଙ୍କ ଜୟ ଜଗନ୍ନାଥ ଧ୍ୱନି, ଶଙ୍ଖ, ହୁଳହୁଳି ଓ ସଂକୀର୍ତ୍ତନ ମଣ୍ଡଳୀଙ୍କର ସ୍ୱରଝଙ୍କାରରେ ଏକ ଆଧ୍ୟାତ୍ମିକତାରେ ଉଛୁଳି ପଡ଼ିଥିଲା । ହଜାର ହଜାର ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁ ଆନନ୍ଦବଜାରରେ ମହାପ୍ରସାଦ ସେବନ କରି ଅପ୍ୟାୟିତ ହୋଇଥିଲେ । ବାର୍ଷିକ ଉତ୍ସବକୁ ସଫଳ କରିବା ନିମନ୍ତେ ମନ୍ଦିର କମିଟିର ଉପଦେଷ୍ଟା ସୁଧାଂଶୁ କୁମାର ଦାଶ, ସଭାପତି ସର୍ବେଶ୍ୱର ରାଉତ, ସଂପାଦକ ପ୍ରାଧାପକ ନକୁଳ ଜେନା, ଉପସଭାପତି ବୃନ୍ଦାବନ ବେହେରା, ସହସଂପାଦକ ଭଗବାନ ବେହେରା, ଭାବବନ୍ଧନ ପତ୍ରିକାର ମୁଖ୍ୟ ସଂପାଦକ ପ୍ରାକ୍ତନ ପ୍ରାଧାପକ ଭୋଲାନାଥ ସାହୁ, କୋଷାଧ୍ୟକ୍ଷ ରବିନାରାୟଣ ନାୟକ, ଶଶଧର ସ୍ୱାଇଁ, ଦିବାକର ନାୟକ, ଉର୍ମିଳା ସ୍ୱାଇଁ, ମଂଜୁଲତା ଜେନା, ଅନୁରାଧା କବାଟ, ମାନଗୋବିନ୍ଦ ବେହେରା, କାର୍ତ୍ତିକ ଚନ୍ଦ୍ର ନାୟକ, ଚିନ୍ତାମଣି ବେହେରା, ପୂର୍ବତନ ବିଧାୟକ, ଶ୍ରୀନାଥ ସୋରେନ ଓ ଅନ୍ୟମାନେ ଉପସ୍ଥିତ ହୋଇ ପୂର୍ଣ୍ଣ ସହଯୋଗ କରିଥିଲେ । ସଂଧ୍ୟାରେ ପ୍ରବଚକ ପ୍ରିୟପ୍ରକାଶ ମିଶ୍ର ପ୍ରବଚନ ଦେଇଥିବା ବେଳେ ଏହି ସାଂସ୍କୃତିକ ମଂଚକୁ ବିଧାୟକ ଭାସ୍କର ମଢ଼େଇ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ ।

## ପ୍ରତାପପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଷ୍ଟାଦଶ ବାର୍ଷିକ ଉତ୍ସବ

ବଡ଼ସାହି , ୫/୨ (ନି.ପ୍ର): ପ୍ରତାପପୁର ବିବେକ ବିହାର ସ୍ଥିତ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଆଜି ପ୍ରତ୍ୟୁଷ ମଙ୍ଗଳ ମୁହୂର୍ତ୍ତରୁ ଆରମ୍ଭ ହୋଇଛି । ପ୍ରାରମ୍ଭରେ ଦୀପ୍ତିରେଖା ମହାକୁଡ଼ ଓ ସବିତା ରାଣୀ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ସ୍ୱାମୀ ବିବେକାନନ୍ଦ, ଭାରତମାତା ଓ ଜଗତର ନାଥ ଜଗନ୍ନାଥଙ୍କୁ ପୂଜା ଅର୍ଚ୍ଚନା କରାଯାଇ ଥିଲା। ପରେ ପରେ ଉର୍ମିଳା ନାଏକ, ଲକ୍ଷ୍ମୀପ୍ରିୟା ଗିରି ଓ ନିବେଦିତା ନାଏକଙ୍କ ଦ୍ୱାରା ମାତୃପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ମାଆ ଆମର ସାହା' ଶୀର୍ଷକ ଉପରେ ପିଲାମାନେ ବକ୍ତବ୍ୟ ରଖିଥିବା ବେଳେ ଶୁଭଜିତ୍ ଶୁଭଙ୍କର ରାଉତ, ସୁମନ କୁମାର ବେହେରା, ସାଗରିକା ଗିରି ଓ ଆରତୀ ମାର୍ଣ୍ଡିଙ୍କ ଦ୍ୱାରା ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଭିଭାବକ ଓ ଶୁଭେଚ୍ଛୁ ମାନେ ନିଜନିଜର ମାନସିକ ବସ୍ତୁ ବିଦ୍ୟାଳୟକୁ ସମର୍ପଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ବେଳେ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ଶଚୀନ୍ଦ୍ର କୁମାର ବିଶ୍ୱାଳ କରିଥିଲେ। ଉଦ୍ ?ଯାପନୀ ସଭାରେ ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବର୍ଷୀୟାନ ସାମ୍ବାଦିକ ଓ ପରିବେଶବିତ୍ ଡକ୍ଟର ବିଜୟ କୁମାର ଅଗ୍ରୱାଲା ଯୋଗଦାନ କରି ଯୁଗେ ଯୁଗେ ବିନା ଗୁରୁରେ ଉନ୍ନତ ରାଷ୍ଟ୍ର ଗଠନ ଅସମ୍ଭବ । ବିଦ୍ୟାୟ ସ୍ତରରେ ଗୁରୁଜୀ ଗୁରୁମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବଚକ ଭାଗବତ ପଣ୍ଡା, ବିଶିଷ୍ଟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସଂପାଦକ ଯୋଗନ୍ଦ୍ର ଦାଶ, ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ପରିଷଦର ସଭାପତି ଶରତ ଚନ୍ଦ୍ର ନାୟକ, ଆଦରଣୀୟ ଅତିଥି ଓଷ୍ଟା ମୟୂରଭଞ୍ଜ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତା, ସମ୍ମାନିତ ଅତିଥି ଭାବେ ପଲ୍ଲୀପ୍ରଭାର ସଂପାଦିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ, ଓଡ଼ିଶା ସାମ୍ବାଦିକ ସଂଘର ସଂପାଦକ ଦୀପକ କୁମାର ନାୟକ, ବାଣୀପୀଠ ସହ ସମ୍ପାଦକ ଶିବଶଙ୍କର ଭୂୟାଁ ଆଦି ଯୋଗଦାନ କରି ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ସମସ୍ତ ବିଦ୍ୟାର୍ଥୀ ପରିଚାଳିତ ହେଲେ ଶହଶହ ବିବେକାନନ୍ଦ ଗଢି ଉଠିବେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ଜାହ୍ନବୀ ଦଣ୍ଡପାଟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାର୍ଥୀ ମାନେ ପ୍ରାରମ୍ଭିକ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାଇଲ କରିଥିବା ୬୫ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇ ଥିଲା । ସର୍ବଶେଷରେ ଗୁରୁଜୀ ଦୀପକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଏକଜିଟ ପୋଲ...


ଆପ୍ ୨୫ରୁ ୨୮ ଓ କଂଗ୍ରେସ ୨ରୁ ୩ଟି ଆସନ ଜିତବ। ଜେଭିସ କହିଛି ଯେ ବିଜେପି ୩୯ରୁ ୪୫, ଆପ୍ ୨୨ରୁ ୩୧ ଓ କଂଗ୍ରେସ ୦ରୁ ୨ଟି ଆସନ ଜିତିବ। ମ୍ୟାଟ୍ରିଜ କହିଛି ଯେ ବିଜେପି ୩୫ରୁ ୪୦, ଆପ୍ ୩୨ରୁ ୩୭, ଓ କଂଗ୍ରେସ ଶୂନରୁ ଗୋଟିଏ ଆସନ ଜିତିବ। ପଏମଆରକ୍ୟୁର ଆକଳନ ଅନୁଯାୟୀ ବିଜେପି ୩୯ରୁ ୪୯, ଆପ୍ ୨୧ରୁ ୩୧ ଓ କଂଗ୍ରେସ ଶୂନରୁ ଗୋଟିଏ ଆସନ ଜିତିବ। ପିପୁଲ୍ସ ପଲ୍ସ କହିଛି ଯେ ବିଜେପି ୫୧ରୁ ୬୦, ଆପ ୧୦ରୁ ୧୯ ଓ କଂଗ୍ରେସ ଗୋଟିଏ ହେଲେ ଆସନ ଜିତି ପାରିବନି। ପିପୁଲ୍ସ ଇନସାଇଟ ବିଜେପି ୪୦ରୁ ୪୪, ଆପ୍ ୨୫ରୁ ୨୯ ଓ କଂଗ୍ରେସ ଶୂନରୁ ୨ଟି ଆସନ ଜିତିବ। ପୋଲ ଡାଏରୀ କହିଛି ବିଜେପି ବିଜେପି ୪୨ରୁ ୫୦, ଆପ୍ ୧୮ରୁ ୨୫ ଓ କଂଗ୍ରେସ ଶୂନରୁ ୨ଟି ଆସନ ଜିତିବ। ୱି ପ୍ରିସାଇଡ କହିଛି ଯେ ବିଜେପି ୧୮ରୁ ୨୩, ଆପ୍ ୪୬ରୁ ୫୨ ଓ କଂଗ୍ରେସ ଶୂନରୁ ୧ଟି ଆସନ ଜିତିବ। ମାଇଣ୍ଡ ବ୍ରିଙ୍କ କହିଛି ଯେ ବିଜେପି ୨୧ରୁ ୨୫, ଆପ୍ ୪୪ରୁ ୪୯ ଓ କଂଗ୍ରେସ ଶୂନରୁ ଗୋଟିଏ ଆସନ ଜିତିବ। ଡିଭି ରିସର୍ଚ୍ଚ କହିଛି ଯେ ବିଜେପି ୩୬ରୁ ୪୪, ଆପ୍ ୨୬ରୁ ୩୪ ଓ କଂଗ୍ରେସ ଖାତା ଖୋଲିବାକୁ ସକ୍ଷମ ହେବନି।


### ଭାଗ୍ୟବତୀ ଦାସ...

ଡି. ଏନ ଉଚ୍ଚ ବିଦ୍ୟାଳୟ ଦେଉଳାର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପରିଡା ଜହ୍ନ ଭଳି ମେଧାବୀ ତଥା ସୁଶୀଳା ଛାତ୍ରୀ ତାଙ୍କ ୩୫ ବର୍ଷ ଶିକ୍ଷକତା ଜୀବନରେ ଦେଖିନାହାନ୍ତି ବୋଲି କହି ଭାବପ୍ରବଣ ହୋଇଯାଇଥିଲେ । ପିତା ଶ୍ରୀଯୁକ୍ତ ସଞ୍ଜୟ ଦାସ ଆନୁଷ୍ଠାନିକ ଭାବେ 'ଭାଗ୍ୟବତୀ ସ୍ମୃତି ପରିଷଦ' ସଂଗଠନ ହେବାର ଆନୁଷ୍ଠାନିକ ଘୋଷଣା କରିବା ସହିତ କମିଟିର ରୂପ ରେଖ ଓ ଭବିଷ୍ୟତ କାର୍ଯ୍ୟଧାରା ସମ୍ପର୍କରେ ବିଧିବଦ୍ଧ ଘୋଷଣା କରିଥିଲେ । ଚିତ୍ରାଙ୍କନ କ୍ଷେତ୍ରରେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଜହ୍ନର ସ୍ମୃତି ଉଦ୍ଦେଶ୍ୟରେ 'ଭାଗ୍ୟବତୀ (ଜହ୍ନ ) ଚିତ୍ରାଙ୍କନ ପ୍ରତିଭା ସମ୍ମାନ ୨୦୨୫ ' ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଛାତ୍ରୀ ପ୍ରିୟାଂଶୀ ସତ୍‌ପଥି , ଡି.ଏନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରାଜଶ୍ରୀ ଜେନା ଓ ଶ୍ରୀ ଅରୋବିନ୍ଦ ପୂର୍ଣ୍ଣାଙ୍ଗଶିକ୍ଷା କେନ୍ଦ୍ର ର ଛାତ୍ରୀ ସୋନାଲି ପରିଡ଼ା ତ୍ରୟଙ୍କୁ ମାନପତ୍ର, ଅଙ୍ଗ ବସ୍ତ୍ର , ପୁସ୍ତକ ଓ ଫୁଲ ଚାରା ମାଧ୍ୟମରେ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନିତ ଅତିଥି ରୂପେ ଡ଼. ଅଜିତ କୁମାର ମହାନ୍ତି , ଗୁରୁପ୍ରସାଦ ସେନାପତି , ବରିଷ୍ଠ ସାମ୍ବାଦିକ ଦୁର୍ଗାଶଙ୍କର ଗିରି , ଆଇନଜୀବୀ କାଳୀଚରଣ ପାତ୍ର , ଶିକ୍ଷୟିତ୍ରୀ ଉମା ଦେବି ଜେନା , ସମାଜ ସେବୀ ସୁଦାମ ଚରଣ ପାତ୍ର , ସପନ କୁମାର ଜେନା , ବିଶ୍ୱଜିତ୍ ପାଳ , ପ୍ରଧାନ ଶିକ୍ଷକ ବସନ୍ତ କୁମାର ଜେନା , ଅନ୍ତରଙ୍ଗ ବାନ୍ଧବୀ ତନୁଶ୍ରୀ ଜେନା , ଶୁଭଶ୍ରୀ ଦାସ ପ୍ରମୁଖ ଶଦ୍ଧ ଶ୍ରଦ୍ଧାଞ୍ଜଳୀ ନିବେଦନ କରିଥିଲେ । ପରିବାର ତରଫରୁ ଶୁଭଶ୍ରୀ ଦାସ ଶେଷରେ ଧନ୍ୟବାଦ୍ ଅର୍ପଣ କରିବା ପରେ ଡ଼. ନୀଳକଣ୍ଠ ଖଣ୍ଡା ସଭା ସାଙ୍ଗ ଘୋଷଣା କରିଥିଲେ।

### ସରସ୍ୱତୀ ମୂର୍ତ୍ତି ବିସର୍ଜନ ବେଳେ ...

ସେମାନେ ମୂର୍ତି ବିସର୍ଜନ ବେଳେ କୁଆଖାଇର ଗଭୀର ଗଣ୍ଡରେ ବୁଡ଼ି ଯାଇଥିଲେ। ବାଲିଅନ୍ତା ପୁଲିସ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ୨ ମୃତକ ହେଲେ ଭୁବନେଶ୍ୱର ୟୁନିଟ ୬ ଅଂଚଳର ଦିବ୍ୟଜ୍ୟୋତି ମହାଲିକ (୧୫) ଏବଂ ୟୁନିଟ ୬ ଗଙ୍ଗନଗର ଅଂଚଳର ସିକୁନ ସେନାପତି(୧୫) । ବାଲିଅନ୍ତା ପୁଲିସ ଓ ଅଗ୍ନିଶମ ବାହିନୀର ମିଳିତ ଉଦ୍ୟମରେ ପାଣି ଭିତରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି ।

### ଚର୍ଚ୍ଚାରେ ପଛୁଆ ଜିଲ୍ଲାର ...

ହାଉସ୍ କଲୋନି ସ୍ଥିତ ଆଲିସାନ୍ ବଙ୍ଗଳାରେ ଟଙ୍କା-ସୁନା ଓ ସୌଖୀନ ସାମଗ୍ରୀର ଯେମିତି ଭଣ୍ଡାର ଥିଲା । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ଏକକାଳିନ ୭ଟି ସ୍ଥାନରେ ରେଡରୁ କେବଳ ଶାନ୍ତନୁଙ୍କ ଏ ବାସଭବନରୁ ମିଳିଥିଲା ୬ଟି ଟଙ୍କାଭର୍ତ୍ତି ବ୍ୟାଗ୍ ସହ ବିପୁଳ ସୁନାଗହଣା । ବ୍ୟାଙ୍କଖାତା ଓ ଇନସ୍ୟୁରାନ୍ସ ସମେତ କାଗଜପତ୍ର ଘଣ୍ଟାଘଣ୍ଟିରୁ ଠାବ ହୋଇଥିଲା ଅଚଳାଚଳ ସଂପତ୍ତିର ସୁରାକ୍ । ମିଳିଥିବା ସୂଚନା ଅନୁଯାୟୀ ଖାନତଲାସିରୁ ଏପର୍ଯ୍ୟନ୍ତ ଶାନ୍ତନୁଙ୍କ ପାଖରୁ ନଗଦ କୋଟିଏ ୯୭ ଲକ୍ଷ ଟଙ୍କା ସହ ୩ ଶହ ଗ୍ରାମର ସୁନା, ଜୟପୁରରେ ୬ ହଜାର ସ୍କୋୟାରଫୁଟର ବହୁତଳ ପ୍ରାସାଦ, ଭୁବନେଶ୍ୱର ଓ ଜୟପୁରରେ ୪ ଟି ଦାମୀ ପ୍ଲଟ୍ ଠାବ ହୋଇଛି । ଏଥିସହ ଭୁବନେଶ୍ୱରରେ ଥିବା ଶାନ୍ତନୁଙ୍କ ସଂପର୍କୀୟଙ୍କ ଘର ଏବଂ ଏଇ ଲିଙ୍କରେ ମାଲକାନଗିରି ସ୍ଥିତ ଜଳଛାୟା ପ୍ରକଳ୍ପର ଅନ୍ୟ ତିନି କର୍ମଚାରୀ ମୋହନ ମଣ୍ଡଳ, ବିସନ ମଣ୍ଡଳ ଏବଂ ଅମୀୟ ସାହୁଙ୍କ ଘରେ ବି ରେଡ୍ କରିଛି ଭିଜିଲାନ୍ସ । ତେବେ ବାବୁ ଶାନ୍ତନୁଙ୍କ ଘରୁ ପାଖାପାଖି ଦୁଇ କୋଟି ନଗଦ ଟଙ୍କା ଆସିଲା କୁଆଡୁ ? ଏହାର ଉତ୍ସ କ'ଣ? କୁହାଯାଉଛି ୨୦୨୧ ଅଗଷ୍ଟ ମାସରୁ ମାଲକାନଗିରି ଜଳଛାୟା ପ୍ରକଳ୍ପର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେବା ପରଠୁ ଏସବୁ ଶାନ୍ତନୁଙ୍କ ଅସତ୍ ଅର୍ଜନ । କାହିଁକିନା, ମାଲକାନଗିରିର ଚାଷୀଙ୍କ ପାଇଁ ଜଳଛାୟା ପ୍ରକଳ୍ପ ନାଁରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଯେଉଁ ଅର୍ଥ ଆସେ, ସେସବୁ କେବଳ କାଗଜପତ୍ରରେ ହୁଏ । ଟେଣ୍ଡର ମାଧ୍ୟମରେ ହେଉଥିବା କାମ ଭେଣ୍ଡରଙ୍କ ଆକାଉଣ୍ଟକୁ ଯିବା ପରେ ସେଠୁ ଏକ ବଡ଼ ଅଂଶ ସିଧାସଳଖ କ୍ୟାସ୍ ଆକାରରେ ଜଳଛାୟା ପିଡିଙ୍କ ପାଖକୁ ଯାଏ । ତେଣୁ ସେଇ ଉପାୟରେ ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ଏଇ ଅର୍ଥ ରୋଜଗାର କରିଥିବା ଅଭିଯୋଗ ହୋଇଛି । ଆକଳନ ସରି ନଥିବାରୁ ଶାନ୍ତନୁଙ୍କଠୁ ଠାବ ସଂପତ୍ତିର ପରିମାଣ ଆହୁରି ବଢ଼ିପାରେ । ତେଣୁ ମାଲକାନଗିରିରେ ପାଖାପାଖି ସାଢେ ୩ ବର୍ଷ ଚାକିରିରେ ବାବୁଙ୍କ ପାଖରୁ ଏତେ ସଂପତ୍ତି ଜବତ କରି ଭିଜିଲାନ୍ସକୁ ତାଜୁବ୍ ହୋଇଥିବା ବେଳେ , ଏନେଇ ଶାନ୍ତନୁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

### 'ବିକଶିତ ଗାଁ...

ଏହି ଯୋଜନା ତାକୁ ଦୂର କରି ମୌଳିକ ଭିତ୍ତିଭୂମିରେ ସମାନତା ଆଣିବ । ଓଡିଶାର ପ୍ରାୟ ୬୦ ହଜାର ଗାଁରେ ବିକାଶର ଗଙ୍ଗା ପ୍ରବାହିତ ହେବ । ଗାଁ ଗୁଡିକୁ ବିକାଶର ଗ୍ରୋଥ୍ ଇଂଜିନ କରିବ । ଏହି ଯୋଜନା ପ୍ରଧାନମନ୍ତ୍ରୀଙ୍କ "ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ୍"ର ଶ୍ରେଷ୍ଠ ନିଦର୍ଶନ । ଏହି ଯୋଜନାରେ ଗାଁ ଗୁଡିକରେ ଭିତ୍ତିଭୂମିର ବିକାଶ ପାଇଁ ବର୍ଷକୁ ଏକ ହଜାର କୋଟି ଟଙ୍କା ଲେଖାଏଁ, ପାଞ୍ଚ ବର୍ଷରେ ପାଞ୍ଚ ହଜାର କୋଟି ଟଙ୍କା ବିନିଯୋଗ କରାଯିବ । ଏହା ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଆବଶ୍ୟକ ହେଲେ, ଏହି ଯୋଜନାକୁ ଆହୁରି ସମ୍ପ୍ରସାରିତ କରାଯିବ । ଅପରପକ୍ଷରେ କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି , ଗ୍ରାମୀଣ ଓଡ଼ିଶାର ଜୀବନଧାରଣର ମାନ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗ୍ରାମୀଣ ଭିତ୍ତିଭୂମିର ବିକାଶ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଗ୍ରାମାଞ୍ଚଳର ଭିତ୍ତିଭୂମି ତଥା ରାଜ୍ୟର ସାମଗ୍ରିକ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ଆମ ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଲୋକଙ୍କପାଇଁ ଉତ୍ସର୍ଗୀକୃତ । ଏହି ଯୋଜନା ଦ୍ୱାରା ରାଜ୍ୟର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ଅଭିବୃଦ୍ଧିରେ ଗ୍ରାମାଞ୍ଚଳର ଭୂମିକାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳ ଜୀବନଧାରଣ ମାନରେ ଏହି ଯୋଜନା ଅଭୂତପୂର୍ବ ପରିବର୍ତ୍ତନ ଆଣିବ ବୋଲି ମତ ଦେଇଥିଲେ ।

### ସଙ୍ଗମରେ ବୁଡ଼ ପକାଇଲେ...

ମହାକୁମ୍ଭ ୧୩ ଜାନୁଆରୀରେ ଆରମ୍ଭ ହୋଇଥିଲା ଏବଂ ୨୬ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ, ଭକ୍ତମାନେ ସଙ୍ଗମରେ ସ୍ନାନ କରିପାରିବେ। ଏଥର ମହାକୁମ୍ଭ ୧୪୪ ବର୍ଷ ପରେ ଅନୁଷ୍ଠିତ ହେଉଛି। ତଥାପି, ପ୍ରୟାଗରାଜରେ ପ୍ରତି ୧୨ ବର୍ଷରେ ଥରେ କୁମ୍ଭ ଆୟୋଜନ କରାଯାଏ। ମହାକୁମ୍ଭରେ ୩ଟି ଯାକ ଅମୃତ ସ୍ନାନ ସରିଥିବା ବେଳେ, ଏଯାବତ୍ ୩୮ କୋଟିରୁ ଅଧିକ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ସଙ୍ଗମରେ ବୁଡ଼ ପକାଇଲେଣି ।

### ବୋଲ ମାନୁନାହାନ୍ତି ବାବୁ ...

ଅନାଥ ଆଶ୍ରମ, ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ମାନ ପରଖିବେ, ପରିଦର୍ଶନ ସମୟରେ ସେମାନେ ବିଭିନ୍ନ ବର୍ଗର ଜନସାଧାରଣ, ହସ୍ପିଟାଲରେ ରୋଗୀଙ୍କ ସହ ଆଲୋଚନା କରି ଫିଡବ୍ୟାକ୍ ନେବେ , ଡିଏମଏଫ୍ ଜିଲ୍ଲାରେ ଖଣିଜ ପାଣ୍ଠି ସମ୍ପର୍କରେ ଆଲୋଚନା କରିବେ ହେଲେ ୬ମାସ ବିତିଥିଲେ ମଧ ଗ୍ରାଉଣ୍ଡକୁ ଓହ୍ଲାଇ ନାହାନ୍ତି କିଛି ବାବୁ । ହେଲେ ଏବେ ନୂଆ ନିର୍ଦ୍ଦେଶାନାମାକୁ କେବେ କାର୍ଯ୍ୟକାରୀ କରିବେ ?

## ଗୁଲମାର୍ଗର ସ୍କୀ ରିସର୍ଟ ହେଲା କାଶ୍ମୀରର ସବୁଠାରୁ ଶୀତଳ ସ୍ଥାନ

ଶ୍ରୀନଗର , ୫/୨ : କାଶ୍ମୀରରେ ରାତିର ତାପମାତ୍ରା ଶୂନ୍ୟରୁ କମ ରହିଛି ଏବଂ ଗୁଲମାର୍ଗର ସ୍କୀ ରିସର୍ଟ କାଶ୍ମୀରର ସବୁଠାରୁ ଥଣ୍ଡା ସ୍ଥାନ ପାଲଟିଛି। ପାଣିପାଗ ବିଭାଗ କହିଛି ଯେ ଦକ୍ଷିଣ କାଶ୍ମୀରରେ ପହଲଗ୍ରାମ ଏବଂ କୋକରନାଗ ସହ ଉତ୍ତର କାଶ୍ମୀରର କୁପୱାଡା ସହିତ କାଶ୍ମୀରର କିଛି ସ୍ଥାନରେ ଗତ ୨୪ ଘଂଟାରେ ହାଲୁକା ବର୍ଷା ହୋଇଛି । ବୁଧବାର ଦିନ ଅଳ୍ପ ବର୍ଷା କିମ୍ବା ବରଫପାତ ହେବାର ସମ୍ଭାବନା ରହିଛି। ଗୁରୁବାରରୁ ପାଗ ଆଂଶିକ ମେଘୁଆ ଏବଂ ଶୁଷ୍କ ରହିବାର ସମ୍ଭାନ ରହିଛି।ପାଣିପାଗ ବିଭାଗର ତଥ୍ୟ ଅନୁସାରେ ଉତ୍ତରୀ କାଶ୍ମୀରର ବାରାମୁଲା ଜିଲ୍ଲାରେ ଗୁଲମାର୍ଗ -୭.୫ ଡିଗ୍ରୀ ସେଲସିୟସ ଛୁଇଁଛି ,ଏହାକୁ ଏହି ଅଂଚଳରେ ସବୁଠାରୁ ଥଣ୍ଡା ଅଂଚଳ ଭାବରେ ପରିଣତ ହୋଇଛି। ଦକ୍ଷିଣ କାଶ୍ମୀରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ପହଲଗ୍ରାମରେ ରାତିର ତାପମାତ୍ରା -୩.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।ପାଣିପାଗ ବିଭାଗ କହିଛି ଯେ ଶ୍ରୀନଗରରେ ସର୍ବନିମ୍ନ ତାପମାତ୍ରା -୧.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ଯାହା ପୁର୍ବ ରାତି ତୁଳନାରେ ସାମାନ୍ୟ ଅଧିକ।

# କ୍ରୀଡା ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ସାଂସ୍କୃତିକ ସଭା ଅନୁଷ୍ଠିତ

ଜଳେଶ୍ୱର, ୫/୨ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଂଚାୟତ ନିମପୁର ଓ ଚକର୍ଜୁନି ଗ୍ରାମର କ୍ରୀଡା ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ଲେଲିନ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାପରିଷଦ ଉପ ସଭାପତି ଅନୁସୟା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଚକରଜୁନି ଗ୍ରାମର ଗ୍ରାମ୍ୟ ମୁଖ୍ୟ ତଥା ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ପାତ୍ର ମୁଖ୍ୟ ବକ୍ତା, ଆରୁହା ପଂଚାୟତର ସରପଞ୍ଚ ତପନୀ ଭୂୟାଁ, ଅନୁଷ୍ଠାନର ଉପ ସଭାପତି ସୃଷ୍ଟିଧର ବେହେରା, ନିମପୁର ଗ୍ରାମର ଗ୍ରାମ୍ୟ ମୁଖ୍ୟ ଲକ୍ଷ୍ମୀନାରାୟଣ ପ୍ରଧାନ, ସଂଗଠନର ସମ୍ପାଦକ ଶାନ୍ତନୁ କୁମାର ପ୍ରଧାନ,ସହ ସମ୍ପାଦକ ସୁକୁମାର ଦାସ, ସମାଜ ସେବୀ ଶ୍ରିକଣ୍ଠ ମାହାନ୍ତି,ସାମ୍ବାଦିକ ମନୋଜ କୁମାର ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୋବ ଗୋଷ୍ଠୀ ଏକ ହେଲେ ଏ ମଣିଷ ମଣିଷର ହେବ ବୋଲି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମାରାଥନରେ ଖ୍ୟାତି ଅର୍ଜନ କରିଥିବା ଆରୁହା ଗ୍ରାମର ନାରାୟଣ କୁଣ୍ଡ, ନିମପୁର ଗ୍ରାମର ଚିତ୍ରଶିଳ୍ପୀ ଦିଲ୍ଲିପ କୁମାର ସିଂହ, ସମାଜ ସେବୀ ମଧୁସୁଦନ ଦତ୍ତ, ଚକରଯୁନି ଗ୍ରାମର ଶିକ୍ଷାବିତ ସୁଧାଂଶୁ ଶେଖର ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ସଂଗଠନର ସଭ୍ୟ ରୁପରଞ୍ଜନ ପ୍ରଧାନ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସଭ୍ୟ ଦୀପ୍ତିକୃଷ୍ଣ ଚନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜିବୀ ନୀଗମାନନ୍ଦ ପାତ୍ର,ଅଶୋକ କୁମାର ପ୍ରଧାନ,ମଧୁସୁଦନ ପ୍ରଧାନ,ତନୁଜ କୁମାର ପ୍ରଧାନ,କାହ୍ନୁ ଚରଣ ପାତ୍ର,ମଧୁସୂଦନ ପ୍ରଧାନ,ମନୋଜ କୁମାର ପ୍ରଧାନ, ତନୋଜ ପ୍ରଧାନ ପ୍ରମୁଖ ସଦସ୍ୟ ମାନେ ସହଯୋଗ କରିଥିଲେ। ଶେଷରେ ଧାରାବାହିକର ଅଭିନେତ୍ରୀ ଅମ୍ବିକାଙ୍କ ସହ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




# ବାବା ବାଲୁକେଶ୍ୱର ସଙ୍ଗଠନ ପକ୍ଷରୁ ମେଧା ପ୍ରତିଯୋଗିତା

## ଆଖଣ୍ଡଳେଶ୍ୱର ବାଳିକା ବିଦ୍ୟାଳୟ ଜିତିଲା ଗୋକୁଳଚନ୍ଦ୍ର ଟ୍ରଫି



ଖଇରା, ୫/୨ (ନି.ପ୍ର): ବାବା ବାଲୁକେଶ୍ୱର କ୍ରୀଡା ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ ଅବସରରରେ ଜୋନ ସ୍ତରୀୟ ମେଧା ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଉତ୍ସବ ଧ୍ରୁବ ଚରଣ ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ବ୍ଲକର ଅଲିପୁର ଗ୍ରାମରରେ ଅନୁଷ୍ଠିତ ହୋଇ ଯାଇଛି। ପୁର୍ବାହ୍ନରେ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ପରେ ଜୋନ ସ୍ତରରୁ ଆସିଥିବା ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତ, ନୃତ୍ୟ, କୁଇଜ,ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ତଥା ସମ୍ବର୍ଦ୍ଧନା ସଭାରେ ଔପଦା ବ୍ଲକ ଏବିଇଓ ରତ୍ନକାର ଦାସ ପୌରହିତ୍ୟ କରିଥିଲେ। ସରପଞ୍ଚ ପ୍ରଣତିବାଳା ମାଝି.ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା,ମଣ୍ଡଳ ସଭାପତି ବୁଲୁଲେଙ୍କା,ସଭାପତି ଜୟନ୍ତ ପାତ୍ର,ସମ୍ପାଦକ ମଳୟ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ରାମଚନ୍ଦ୍ର ସରକାରୀ ହାଇସ୍କୁଲକୁ ଚାମ୍ପିୟନ ଟ୍ରଫି,ଆଖଣ୍ଡଳେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟକୁ ଗୋକୁଳ ଚନ୍ଦ୍ର ଟ୍ରଫି ପ୍ରଦାନ କରିଥିଲେ। ସେହିଭଳି ଆଦର୍ଶ ଶିକ୍ଷୟତ୍ରୀ କାନ୍ତିଲତା ପଣ୍ଡାଙ୍କୁ ଅତିଥି ମାନେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା: ବାଲିଆପାଳ ବଡି ବିଲଡରଙ୍କ ସଫଳତା

ବାଲିଆପାଳ , ୫/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ମିଷ୍ଟର ବାଲେଶ୍ୱର ଜିଲ୍ଲା ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା କୃତି ପ୍ରତିଯୋଗୀ ମାନଙ୍କ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ବଡ଼ି ବିଲଡିଂ ଆସୋସିଏସନ୍ ତରଫରୁ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବାଲିଆପାଳ ବ୍ଲକ ମହାବୀର ଜିମ ଏଣ୍ଡ ଫିଟ୍ନେସ୍



ଜିମ୍ର ବିଷ୍ଣୁ ରାଜ ବଡ଼ି ବିଲଡିଂରେ ପ୍ରଥମ ଆକାଶ ମଣ୍ଡଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଏ.ବି.ଏ. କଲେଜ ପରିସରରେ ଓଡ଼ିଶା ବଡ଼ି ରାଜ୍ୟସ୍ତରୀୟ ବିଲଡିଂ ଆସୋସିଏସନ୍ ତରଫରୁ ରାଜ୍ୟସ୍ତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମିଷ୍ଟର ଓଡ଼ିଶା ୨୦୨୫ ଅନୁଷ୍ଠିତ ହୋଇଥିଲା। ମହାବୀର ଜିମ ଏଣ୍ଡ ଫିଟନେଶ ପକ୍ଷରୁ ଜିମର ପ୍ରପାଇଟର ବିଜୟୀ କୁମାର ନାୟକ, ମିଲନ ଉପାଧ୍ୟାୟ, ରଘୁନାଥ ପାତ୍ର ପ୍ରମୁଖ ଏହି ଦୁଇ ଜଣଙ୍କ ମହାବୀର ଜିମ ପକ୍ଷରୁ ସମ୍ବଧନା କରାଯାଇଛି ଆଗାମୀ ଦିନମାନଙ୍କରେ ଓଡ଼ିଶା ତଥା ରାଜ୍ୟ ବାହାରେ ହେବାକୁ ଥିବା ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶାକୁ ସୁନାମ ଆଣିବେ ବୋଲି ପ୍ରତିଯୋଗୀମାନେ ପ୍ରତି ଶ୍ରୁତି ଦେଇଛନ୍ତି।

# ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବ



ବାଲିଆପାଳ , ୫/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତ ଖଗଡାପାଳ ସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଆଜି ସନ୍ଧ୍ୟାରେ ଶିକ୍ଷାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ଶିକ୍ଷାକେନ୍ଦ୍ର ପରିଚାଳନା କମିଟିର ସଭାପତି ରିଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଶିଷ୍ଟ କବି ଡ. କାଳିପଦ ପଣ୍ଡା ଯୋଗଦେଇ ସଚ୍ଚୋଟତା, କଠୋର ଅଧବସାୟ, ଦୃଢ଼ ଇଚ୍ଛାଶକ୍ତି ଏବଂ ଗୁରୁଜନଙ୍କୁ ଭକ୍ତି ଜଣେ ଛାତ୍ରକୁ ତା'ର ଲକ୍ଷ୍ୟ ପଥରେ ପହଞ୍ଚାଇବାରେ ସାହାଯ୍ୟ କରେ ବୋଲି କହିଥିଲେ। ମୁଖ୍ୟ ବକ୍ତା ସିମୁଳିଆ କ୍ଲଷ୍ଟରର ସିଆରସିସି ଅଶୋକ କୁମାର ଗିରି , ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟକର୍ମୀ ତଥା ଗୀତିକାର ରମାନାଥ କର , ମିଡ଼ିଆ ଫୋରମର ସଭାପତି ପ୍ରତାପ କୁମାର ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଶିକ୍ଷାକେନ୍ଦ୍ରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ ସଙ୍ଘମିତ୍ରା ପରିଡା, ସରସ୍ୱତୀ ପାତ୍ର, ମିନତୀ ଜେନା, ନୀଳିମା ବିଶ୍ୱାଳ,ଅମିତା ଦାସ, ସବିତା ସାହୁ, ଶିକ୍ଷକ ମଳୟ ଗିରି, ଦୟାସିନ୍ଧୁ ଭୂୟାଁ , ଶିକ୍ଷାକେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ବିନୋଦ କୁମାର ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ।

# 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ନୀଳଗିରିଠାରେ ଆଭାସି ମଞ୍ଚରେ ଉଦ୍ଘାଟିତ



ନୀଳଗିରି , ୫/୨ (ନି.ପ୍ର): ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଉଦ୍ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପାଞ୍ଚବର୍ଷ ପାଇଁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ବାର୍ଷିକ ଏକହଜାର କୋଟି ବ୍ୟୟବରାଦରେ ମୋଟ ପାଞ୍ଚହଜାର କୋଟି ଯୋଜନା ବାବଦରେ ଖର୍ଚ୍ଚ କରାଯିବାର ଲକ୍ଷ୍ୟ ରଖାଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ଅନୁନ୍ନତ ଅଂଚଳରେ ଗମନାଗମନ ସୁବିଧା, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ, ନୂତନ ଅଭିନବ ଜନମଙ୍ଗଳକାରି ବହୁମୁଖୀ ପ୍ରକଳ୍ପ ନିର୍ମାଣ ଓ କର୍ଯ୍ୟାନ୍ୱୟନ ଏହି ଯୋଜନାର ମୁଖ୍ୟଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଅଭିଭାଷଣରୁ ଜଣାପଡିଛି।ଏହି ଉପଲକ୍ଷେ ନୀଳଗିରି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ପଞ୍ଚାୟତସମିତି ତରଫରୁ ଆୟୋଜିତ ଆଭସି ସମାବେଶରେ ନୀଳଗିରି ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପାଧକ୍ଷ ଜ୍ୟୋତିର୍ମୟ ପୋଥାଳ, ଏନଏସି ଅଧକ୍ଷ ମହେନ୍ଦ୍ରନାଥ ବେହେରା, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ବିଧାୟକ ପ୍ରତିନିଧି କୃତିବାସ ବେହେରା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ପିଏ ଆଇଟିଡିଏ କାରୁ ସୋରେନ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ରଞ୍ଜିତା ସିଂଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ।

# କେନ୍ଦ୍ର ବଜେଟକୁ ଖଇରା ସିପିଏମର ବିରୋଧ

ଖଇରା, ୫/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଶାଖା ସିପିଏମ ଆଞ୍ଚଳିକ କମିଟି ପକ୍ଷରୁ ବୁଧବାର ବୈଠକରେ ବିରୋଧ କରାଯାଇଛି। ପ୍ରଶାନ୍ତ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ବୈଠକରେ ରାଜ୍ୟ କମିଟି ସଦସ୍ୟ ସିତାଂଶୁ ସେନାପତି,ଜିଲା କୃଷକ ମୋର୍ଚ୍ଚା ସଭାପତି ଜଗତାନନ୍ଦ ମହାପାତ୍ର,ଆଞ୍ଚଳିକ କମିଟି ସମ୍ପାଦକ ମୁରଲୀଧର ବାରିକ,ଭଗବାନ ଦାସ,ବସନ୍ତ ମାଝୀ,ଉତ୍ତମ ଦାସ ପ୍ରମୁଖ ଯୋଗ ଦେଇ ଚଳିତ ବର୍ଷ କେନ୍ଦ୍ର ବଜେଟ କୁ ବିଭିନ୍ନ ଦୃଷ୍ଟିକୋଣରୁ ସମାଲୋଚନା କରି ଏହି ବଜେଟ କୃଷକ ବିରୋଧୀ ବୋଲି କହିଥିଲେ।

# ଆଭାଷୀ ମାଧ୍ୟମରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ବାଲିଆପାଳ, ୫/୨ ( ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ପରିସରରେ ଆଜି ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଆଭାଷୀ ମାଧ୍ୟମରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବାଲିଆପାଳ ବ୍ଲକରେ ଆଭାସି କାର୍ଯ୍ୟକ୍ରମରେ ବିଡିଓ ପୁନମ ରାଉତ,ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକ, ଭାଜପା ନେତା ରବୀନ୍ଦ୍ର ଅଣ୍ଡିଆ,ପଞ୍ଚାୟତ ସମିତି ଉପାଧକ୍ଷ ରାଜେଶ ଚୌଧୁରୀ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ବେଣୁଧର ଜେନାଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦୁଇ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ଥିଲେ।ଏବିଡିଓ ଶରତ ଚନ୍ଦ୍ର ମୁଦୁଲିଙ୍କ ପରିଚାଳନାରେ ସଭା



ଆରମ୍ଭ ହେବା ପରେ ଭାଜପା ନେତା ଶ୍ରୀ ଅଣ୍ଡିଆ ନିଜର ବକ୍ତବ୍ୟ ଆରମ୍ଭର ମାତ୍ର କିଛି ସମୟ ପରେ ଆଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦଘାଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯାହା ଫଳରେ ଆଉ କୌଣସି ଅତିଥି ବକ୍ତବ୍ୟ ଦେବାର ସୁଯୋଗ ପାଇ ନ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ,ପଞ୍ଚାୟ ତପ୍ରତିନିଧି ସରପଞ୍ଚ,ସମିତି ସଦସ୍ୟ ,ଜିଲ୍ଲା ପରିଷଦଙ୍କ ସହିତ ବିଭିନ୍ନ ରାଜ ନୈତିକଦଳର ନେତୃମଣ୍ଡଳୀ, ମିଶନ ଶକ୍ତିର କାର୍ଯ୍ୟରତ କର୍ମଚାରୀ ,ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଯୋଗଦେଇଥିଲେ। ଆସନ୍ତା ୧୪ ତାରିଖରେ ରାଜ୍ୟର ସମସ୍ତ ପଞ୍ଚାୟତରେ ଗ୍ରାମସଭା ମାଧ୍ୟମରେ ପ୍ରକଳ୍ପ ବିଷୟରେ ପ୍ରଥମେ ଆଲୋଚନା କରାଯାଇ ସିଦ୍ଧାନ୍ତ ନିଆଯିବା ପରେ ପ୍ରକଳ୍ପ ଗୁଡିକ ବ୍ଲକ ଏବଂ ପରେ ଜିଲ୍ଲାରୁ ଅନୁମୋଦନ ଲାଭ କରିବା ପରେ ଜିଲ୍ଲାପାଳଙ୍କ ପାଖକୁ ପଠାଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଆଭାଷୀ ଉଦଘାଟନ ସଭାରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

# 'ଉତ୍ସବ ଉତ୍ତର ଓଡ଼ିଶା' ୫ ଦିନ ବ୍ୟାପି କାର୍ଯ୍ୟକ୍ରମର ସଫଳତାର ସହ ସମ୍ପନ୍ନ

ବାଲେଶ୍ୱର, ୫/୨ (ନି.ପ୍ର): ସାରା ଓଡ଼ିଶାରେ କେତେ ଉତ୍ସବ, ମହୋତ୍ସବ ସବୁ ଜିଲ୍ଲା,ବ୍ଲକ,ଏବେ ଗ୍ରାମୀଣ ସ୍ତରରେ ହେଉଥିଲେ ମଧ ଓଡ଼ିଶାରେ ପ୍ରଥମ ଥର ପାଇଁ ବାଲେଶ୍ୱର ରେ ଉତ୍ତର ଓଡ଼ିଶାର ଚାରୋଟି ଜିଲ୍ଲା ଯଥା :- ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରଖକୁ ନେଇ 'ଉତ୍ସବ ଉତ୍ତର ଓଡ଼ିଶା' ୫ ଦିନ ବ୍ୟାପୀ ମହା ଆଡ଼ମ୍ବରରେ ପାଳିତ ହୋଇଯାଇ ଅଛି।ଏହି ଉତ୍ସବରେ ଏହି ଚାରୋଟି ଜିଲ୍ଲା ର ଭାଷା, ସଂସ୍କୃତି, ସାହିତ୍ୟ, ପରମ୍ପରା, ଖାଦ୍ୟପେୟ, ଆଦି ର ଏକ ମହା ମିଳନର କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। କେନ୍ଦୁଝରର ବଡ଼ି, ପତ୍ରପୋଡା ମାଂସ, ମୟୂରଭଞ୍ଜ ର ମାଂସ ମୁଢ଼ି, ଭଦ୍ରଖର ପାଲୁଅ ଲଡୁ,ବାଲେଶ୍ୱରର ଖାସ୍ତା ଗଜା ଆଦି ର ଷ୍ଟଲ ବିଶେଷ ଆକର୍ଷଣ ଥିଲା,ଏହି ୫ ଦିନ ର ମଞ୍ଚ କୁ ଏହି ଚାରି ଜିଲ୍ଲାର ମହାମନିଷୀ ଙ୍କ ନାମରେ ନାମିତ ହୋଇ ଥିଲା।ପ୍ରଥମ ଦିନର ମଞ୍ଚ ବ୍ୟାସକବି ଫକୀର ମୋହନ




ସେନାପତି,ଦ୍ୱିତୀୟ ଦିନର ମଞ୍ଚ ବିପ୍ଳବୀ ଧରଣୀଧର ମଞ୍ଚ ତୃତୀୟ ଦିନର ମଞ୍ଚ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ମଞ୍ଚ,ଚତୁର୍ଥ ଦିନର ମଞ୍ଚ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ମଞ୍ଚ,ପଞ୍ଚମ ତଥା ସମାପନ ଦିନ ର ମଞ୍ଚ ସହିଦ ବାଘା ଯତୀନ ମଞ୍ଚ ନାମରେ ମଞ୍ଚକୁ ନାମିତ ଆରାଜାଇ ଟକ ସୋ ମାଧ୍ୟମରେ ଏହି ଚାରି ଜିଲ୍ଲାରୁ ବିଭିନ୍ନ ବିଶେଷ ବ୍ୟକ୍ତିଙ୍କ ଦ୍ୱାରା ଚାରି ଜିଲ୍ଲାର ବିଶେଷ ଘଟଣା ମାନଙ୍କ ଉପରେ ଆଲୋଚନା ସଭା କରାଯାଇଥିଲା।ପ୍ରତ୍ୟେକ ଦିନ ଚାରି ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବିଭିନ୍ନ ବିଶେଷ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ବିଶେଷ ଭାବେ ବାଲେଶ୍ୱର ଉଦ୍ୟୋଗପତି ଝାଁ ହିମାଂଶୁ ଦାସ ଙ୍କୁ ମରଣୋତ୍ତର ଭାବେ ଓ ବିଶେଷ ଉଦ୍ୟୋଗପତି ତାରାରଞ୍ଜନ ପଟ୍ଟନାୟକ,ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତି,ଫକୀର ମୋହନ ଙ୍କ ଅଣନାତୁଣୀ ପ୍ରଫେସର ଡ. ମୋନିକା ଦାସ ଙ୍କୁ ଉତ୍ସବ ଉତ୍ତର ଓଡ଼ିଶା ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସବୁ ଜିଲ୍ଲାରୁ ପାରମ୍ପାରିକ ନୃତ୍ୟ କଳା ଯଥା:- ଚଡ଼ିୟା ନାଚ,ଆଦିବାସୀ ନୃତ୍ୟ,ମୋଗଲ ତାମସା,ଏବଂ ଛଉ ନୃତ୍ୟ ଆଦି ପ୍ରଦର୍ଶିତ କରାଯାଇଥିଲା।ବିଭିନ୍ନ ପ୍ରସିଦ୍ଧ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ୫ ଦିନ ଧରି ପରିବେଷଣ କରାଯାଇଥିଲା, ସମାପନ ଦିବସରେ ପ୍ରସିଦ୍ଧ ଗାୟକ ବିନୋଦ ରାଠୋର ଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ସମସ୍ତଙ୍କ ମନ ମୋହିଥିଲା।ଏହି କାର୍ଯ୍ୟକ୍ରମ ରେ ମାଗଣା କୁପନ୍ ମାଧ୍ୟମରେ ପ୍ରତ୍ୟେକ ସନ୍ଧ୍ୟାରେ ୧୦ ଜଣ ଲେଖାଏଁ ବିଜେତା ଙ୍କୁ ୫୦୦୦୦ ଟଙ୍କାର ଉପହାର ଶେଷ ତଥା ୫ମ ଦିନରେ ୩ ଜଣଙ୍କୁ ୫୦୦୦୦ ଟଙ୍କାର ଉପହାର ପ୍ରଦାନ କରାଯାଇଥିଲା। ତେଣୁ ଏହି ସବୁ କାର୍ଯ୍ୟକ୍ରମରେ ଗଣମାଧମ ପ୍ରତିନିଧି ବନ୍ଧୁ ମାନଙ୍କ ସହଯୋଗ କୁ କମିଟି ସ୍ୱାଗତ କରିବା ସହ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା,ଏହି ସାମ୍ବାଦିକ ସମ୍ମିଳନୀ କୁ ଗଣମାଧମ ସଂଯୋଜକ ଧିରେନ୍ ନାୟକ ସଂଯୋଜନା କରିଥିବା ବେଳେ କମିଟିର ଉପଦେଷ୍ଟା ସଞ୍ଜୀବ ଗିରି,ଉପଦେଷ୍ଟା ରଞ୍ଜନ ବାଗ, ଉପାଧକ୍ଷ ମନୋଜ ରାଉତ, ସାମ୍ବାଦିକ ମାନଙ୍କୁ ସମ୍ବୋଧନ କରିଥିଲେ।ବିଶେଷ ଭାବେ ଏହି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଚାରି ଜିଲ୍ଲାର ସମସ୍ତ ନାଗରିକ, ବ୍ୟବସାୟ ବନ୍ଧୁ ,ବିଜ୍ଞାପନ ଦାତା, ପୋଲିସ ପ୍ରଶାସନ, ସାଧାରଣ ପ୍ରଶାସନ, କମିଟିର ସମସ୍ତ ସଦସ୍ୟ, ଅତିଥି, କଳାକାର, ସମସ୍ତ କାର୍ଯ୍ୟରତ ବ୍ୟକ୍ତି ସମସ୍ତଙ୍କୁ କମିଟି ତରଫରୁ ଧନ୍ୟବାଦ୍ ଅର୍ପଣ କରାଗଲା। ଶେଷରେ ଆନୁଷ୍ଠାନିକ ବାବେ ବିକାଶ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଖଇରାରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମର ଶୁଭାରମ୍ଭ

ଖଇରା, ୫/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇ ଯାଇଛି । ଖଇରା ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଭାଷି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନକୁ ସମସ୍ତେ କରତାଳି ଦେଇ ସ୍ୱାଗତ କରିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା ବକ୍ତବ୍ୟରେ ରାଜ୍ୟ ସରକାର ଭୋଟ ପୁର୍ବରୁ ଯେଉଁସବୁ ପ୍ରତିଶୃତି ଦେଇ କ୍ଷମତାକୁ ଆସିଥିଲେ ସେ ସବୁକୁ ପୁରଣ କରୁଛନ୍ତି ବୋଲି ପ୍ରକାଶ କରିଥିଲେ । ଗ୍ରାମାଞ୍ଚଳ ବିକାଶରେ ଏହି ଯୋଜନା ନିର୍ଣ୍ଣାୟକ ଭୁମିକା ନେବ ବୋଲି ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ପ୍ରକାଶ କରିଥିଲେ । ନିର୍ବାହୀ ଅଧିକାରୀ ବିରେନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିଲେ । ବିଡିଓ ଜିତେନ୍ଦ୍ର ମୁର୍ମୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ।ଅଙ୍ଗନଓ୍ୱାଡି କର୍ମୀ,ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଉପସ୍ଥିତ ଥିଲେ । ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବସ୍ତା ବ୍ଲକ ପରିସରରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ



ବସ୍ତା, ୫/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପରିସରରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍ଘାଟନ କରିଛନ୍ତି ।ଏହି ଯୋଜନା ଜରିଆରେ ଓଡ଼ିଶାର ଗ୍ରାମାଞ୍ଚଳରେ ବିକାଶ ମୂଳକ କାର୍ଯ୍ୟ କରା ଯାଇ ପାରିବ ବୋଲି ଉଦ୍ଘାଟନ ସମାରୋହ ରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତେବେ ବ୍ଲକର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା, ବସ୍ତା ତହସିଲଦାର ରାଧାରଞ୍ଜନ ଦାସ, ଉତ୍ତର ବାଲେଶ୍ୱରର ବିଜେପି ସଭାପତି ପ୍ରଦୀପ କୁମାର ପଣ୍ଡା, ବସ୍ତା ପଞ୍ଚାୟତ ସମିତି ଅଧକ୍ଷା ଅଞ୍ଜଳି ଦାସ ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳ ରେ ଏହି ଯୋଜନାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida